আজି - ଗୁରୁବାର
ତାରିଖ - ୨୭ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୧୨
ତିଥି - ଅଷ୍ଟମୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଆଦ୍ରା, ମିଥୁନ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୯: ୦୦
ସୂର୍ଯ୍ୟାସ୍ତ - ୫ : ୪୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଆମେ ସମସ୍ତେ ମହାନ କାମ କରି ପାରିବା ନାହିଁ, କିନ୍ତୁ ଆନନ୍ଦର ସହିତ ଛୋଟ ଛୋଟ କାମଗୁଡ଼ିକୁ କରି ପାରିବ ।"
- ମଦର ଟେରେସା


E-News : www.Ajikali epaper.com

Vol.- 40 ISSUE- 341 R.N.I. REGD. No. 44026/86 ବାଲେଶ୍ୱର ୨୬ ମାର୍ଚ୍ଚ ୨୦୨୬ ଗୁରୁବାର BALASORE 26 MARCH 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦




ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ସପ୍ତମ ଦିବସରେ ମା'ଙ୍କ 'କାଳରାତ୍ରୀ' ବେଶ ।।

## ମାର୍ଚ୍ଚ ୨୮ରେ ଝାଡ଼ଖଣ୍ଡ ଗସ୍ତରେ ଯିବେ ଉପ - ରାଷ୍ଟ୍ରପତି

ରାଂଚି : ଉପ ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ୨୮ ମାର୍ଚ୍ଚରେ ଝାଡ଼ଖଣ୍ଡ ଗସ୍ତରେ ଆସିବେ । ସେ ବିଶେଷ ବିମାନରେ ସକାଳ ପ୍ରାୟ ୧୧ଟାରେ ରାଂଚି ବିମାନ ବନ୍ଦରରେ ପହଂଚିବେ । ରାଂଚି ପହଂଚିବା ପରେ ଉପ ରାଷ୍ଟ୍ରପତି ସିଧା ଖୁଂଟି ଜିଲ୍ଲାର ଓଲିହାତୁ ଯିବେ, ଯେଉଁଠାରେ ସେ ମହାନ୍ ସ୍ୱତନ୍ତ୍ରତା ସେନାନୀ ଭଗବାନ ବିରସା ମୁଣ୍ଡାଙ୍କ ପ୍ରତିମାରେ ମାଲ୍ୟାର୍ପଣ କରିବେ । ଏହି ସମୟରେ ସେ ତାଙ୍କ ବଂଶଜଙ୍କ ସହିତ ସାକ୍ଷାତ କରିବେ । ଖୁଂଟିରୁ ଫେରିବା ପରେ ଉପ ରାଷ୍ଟ୍ରପତି ରାଂଚି ସ୍ଥିତ ରାଜଭବନ ଯିବେ, ଯେଉଁଠାରେ ସେ ଦ୍ୱିପହର ଭୋଜନ କରିବେ ଏବଂ କିଛି ସମୟ ବିଶ୍ରାମ କରିବେ । ଏହାପରେ ସେ ଆଇଆଇଏମ୍ ରାଂଚିର ପୁଂଦାଗ କ୍ୟାମ୍ପସ୍‌ରେ ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ରୂପେ ସାମିଲ ହେବେ । କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ଉପରାଷ୍ଟ୍ରପତି ଡେରି ସନ୍ଧ୍ୟାରେ ଦିଲ୍ଲୀକୁ ବାହାରିଯିବେ । ତାଙ୍କର ଏହି ଗସ୍ତକୁ ନେଇ ରାଜ୍ୟ ସରକାର ରାଂଚି ଏବଂ ଖୁଂଟି ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ମାଆ କାଳରାତ୍ରୀଙ୍କ ନିକଟରେ ଦେଶର ସୁଖ ସମୃଦ୍ଧି କାମନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୈତ୍ର ନବରାତ୍ରି ଅବସରରେ ମା କାଳରାତ୍ରୀଙ୍କ ପୂଜା-ଅର୍ଚ୍ଚନା କରି ଦେଶବାସୀଙ୍କ ସୁଖ-ସମୃଦ୍ଧି ପାଇଁ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ସଂସ୍କୃତ ଶ୍ଳୋକ ସେୟାର କରି ମା କାଳରାତ୍ରୀଙ୍କ ମହିମା ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି ଯେ ମା କାଳରାତ୍ରୀଙ୍କ ରୂପ ଭୟକୁ ନାଶ କରୁଥିବା ଓ ସେ ନିଜ ଭକ୍ତମାନଙ୍କୁ ସୁରକ୍ଷା ଦେଇଥାନ୍ତି । ପ୍ରଧାନମନ୍ତ୍ରୀ ଏହି ଶ୍ଳୋକଟି ସେୟାର କରିଛନ୍ତି— "ବାମପାଦୋଲ୍ଲସଲ୍ଲୋହଲତାକଂଟକ ଭୂଷଣା । ବର୍ଧନ୍ମୂର୍ଧଧ୍ୱଜା କୃଷ୍ଣା କାଳରାତ୍ରିର୍ଭୟଙ୍କରୀ" ଏହାର ଅର୍ଥ ହେଉଛି ଯେ ମା କାଳରାତ୍ରୀଙ୍କ ରୂପ ଅତ୍ୟନ୍ତ ଭୟଙ୍କର ଓ ପ୍ରଭାବଶାଳୀ । ତାଙ୍କ ବାମ ପାଦରେ ଚମକୁଥିବା ଲୋହାର ଶୃଙ୍ଖଳ ଓ କାଂଟା ସଦୃଶ ଆଭୂଷଣ ଶୋଭା ପାଉଛି । ତାଙ୍କ ମୁଣ୍ଡରେ ଉଚ୍ଚ ଧ୍ୱଜ ବିରାଜମାନ ଅଛି ଏବଂ ତାଙ୍କର ବର୍ଣ୍ଣ କୃଷ୍ଣ (ଅତ୍ୟନ୍ତ କଳା) ଅଟେ । ସେ ଦେଖିବାକୁ ଭୟଙ୍କର ଲାଗୁଥିବା ସତ୍ତ୍ୱେ ମଧ ନିଜ ଭକ୍ତମାନଙ୍କ ସମସ୍ତ ଭୟ ଓ ସଙ୍କଟକୁ ଦୂର କରୁଥିବା ମାତୃଶକ୍ତି ଅଟନ୍ତି ।

## ବିଧାନସଭାରେ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଅନୁଦାନ ଦାବି ସମ୍ପର୍କିତ ଆଲୋଚନାର ଉତର ରଖିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅନୁଦାନ ଦାବି ବିଷୟରେ ପବିତ୍ର ଗୃହରେ ହୋଇଥିବା ଆଲୋଚନାର ଉତର ରଖିବା ପାଇଁ ମୋତେ ସୁଯୋଗ ପ୍ରଦାନ କରିଥିବାରୁ ମୁଁ ଆପଣଙ୍କୁ ହୃଦୟପୂର୍ବକ ଧନ୍ୟବାଦ ଜଣାଉଛି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପା ଓ ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ବିଶ୍ୱାସ, ଭରସା ଓ ଆଶୀର୍ବାଦକୁ ପାଥେୟ କରି, ଆମ ସରକାର ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ ପ୍ରତିଶୃତିବଦ୍ଧ ।

ଓଡିଶାକୁ ଏକ ସମୃଦ୍ଧ, ବିକଶିତତଥା ଆଦର୍ଶ ରାଜ୍ୟରେ ପରିଣତ କରିବାର ଲକ୍ଷ୍ୟ ନେଇ, ଆମ ପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ'ଜୀଙ୍କ ପରିକଳ୍ପନା, ପ୍ରେରଣା ଓ ମାର୍ଗଦର୍ଶନକୁ ଆଧାର କରି ଆମ ସରକାର ସଫଳତାର ସହିତ ଲକ୍ଷ୍ୟ ପଥରେ ଅଗ୍ରସର ହେଉଅଛି । ଆମ ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଗୁରୁମନ୍ତ୍ର "ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍ ?କା ପ୍ରୟାସ"କୁ ପାଥେୟ କରି ଆମ ସରକାର ଓଡିଶାକୁ ଦ୍ରୁତ-ବିକାଶ ଦିଗରେ ଆଗେଇ ନେବା ପାଇଁ ସଦା ସର୍ବଦା କାର୍ଯ୍ୟରତ । ଆମ ସରକାର ଶପଥ ଗ୍ରହଣ କରିବା ପରଠାରୁ ଆଜି ପର୍ଯ୍ୟନ୍ତ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଜନ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରାଯାଇଅଛି । ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଜନ ମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କ ସମସ୍ୟା ଗୁଡିକର ପ୍ରତ୍ୟକ୍ଷ ଶୁଣାଣି ଓ ସେଗୁଡିକର ଆଶୁ ସମାଧାନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ତେଣୁ, ଆମ ସରକାର ପୂର୍ବ ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଆଣି, ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ଭାବରେ ସମସ୍ୟା ଗୁଡିକୁ ଶୁଣି ତାହାର ନ୍ୟାୟୋଚିତ ଏବଂ ତ୍ୱରିତ ସମାଧାନ ନିମନ୍ତେ ନିଷ୍ପତି ଗ୍ରହଣ କରିଥିଲା । ଫଳସ୍ୱରୂପ, ଅଭିଯୋଗ ଶୁଣାଣି ଓ ସମାଧାନର ସୁପରିଚାଳନା ନିମନ୍ତେ ୨୦୨୪, ଜୁଲାଇ ପହିଲାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ, ମୁଁ ନିଜେ ଉପସ୍ଥିତ ରହି ଜନ ଅଭିଯୋଗ ଶୁଣାଣି କରିବା ସହିତ, ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଅନ୍ୟ ବିଭାଗର ମନ୍ତ୍ରୀଗଣ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସେବା ପ୍ରଦାନ କରିଆସୁଛନ୍ତି । ଗତ ଅପ୍ରେଲ ମାସରେ ରାଜ୍ୟ ମୁଖ୍ୟାଳୟ ବାହାରେ ମୁଖ୍ୟମନ୍ତ୍ରୀଙ୍କର ଗୋଟିଏ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ବଲପୁର ଠାରେ ଆୟୋଜନ କରାଯାଇଥିଲା, ଯାହା ଓଡିଶା ଶାସନ ଇତିହାସରେ ବିରଳ । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ସମେତ ଅନ୍ୟ ଦଶ ଜଣ ମାନ୍ୟବର ମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀମାନେ ଭାଗ ନେଇଥିଲେ । ଆମ ସରକାର ହେଉଛି ଲୋକଙ୍କ ସରକାର ।

## ଅଳ୍ପରେ ଖବର

» ଶ୍ରୀମନ୍ଦିର ଉପରେ ପୁଣି ଉଡିଲା ଡ୍ରୋନ୍ । ଗୋଟିଏ ନୁହେଁ ଦୁଇଟି ଡ୍ରୋନ୍ ନୀଳଚକ୍ର ଉପରେ ଉଡୁଥିବା ଦେଖିବାକୁ ମିଳିଛି । ଏହି ସମୟରେ ପତିତପାବନ ବାନା ପରିବର୍ତ୍ତନ କରାଯାଉଥିଲା ।

» ତାଣ୍ଡବ ରଚିଲା କାଳବୈଶାଖୀ । ଓଏସଆରଟିସି ବସ୍ ଉପରେ ପଡ଼ିଲା ବିରାଟ ଗଛ । ଅଳ୍ପକେ ବର୍ତିଲେ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ । ଗଂଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମରେ ଘଟଣା ଘଟିଛି ।

» ଏପ୍ରିଲ ୬ ତାରିଖ ସୋମବାରଠାରୁ ରାଜ୍ୟର ସମସ୍ତ ଜିଲ୍ଲା ଓ ନିମ୍ନ ଅଦାଲତ ସକାଳୁଆ ହେବ । ସକାଳ ୭ରୁ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ ସକାଳ ୭ଟା ୩୦ରେ କୋର୍ଟ ଆରମ୍ଭ ହେବ ଏବଂ ଦିନ ୧୦ଟାରୁ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବିରତି ରହିବ ।

» କଟକ ଦହିବରାକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ବିଭିନ୍ନ ସଂସ୍ଥା, ସଂଗଠନ, ବ୍ୟକ୍ତି ବିଶେଷ ଓ ଆଇନ ବିଶାରଦ ମାନଙ୍କୁ ଆଗେଇ ଆସିବା ଲାଗି ଅପିଲ କରିଛନ୍ତି ରାଜ୍ୟ ସରକାର ।

## କୃଷି କ୍ଷେତ୍ରରେ ସ୍ଥିରତା ପାଇଁ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଲେ ଶିବରାଜ ସିଂହ ଚୌହାନ



ନୂଆଦିଲ୍ଲୀ : କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ତାଙ୍କ ବାସଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଡାକିଛନ୍ତି । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବର୍ତମାନର ବିଶ୍ୱ ଅସ୍ଥିରତା ମଧ୍ୟରେ ଭାରତୀୟ କୃଷି କ୍ଷେତ୍ର ଏବଂ କୃଷକମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ଆଗାମୀ ଖରିଫ ଋତୁ ପାଇଁ ରଣନୈତିକ ପ୍ରସ୍ତୁତି ସୁନିଶ୍ଚିତ କରିବା । ବୈଠକ ସମୟରେ କେନ୍ଦ୍ର କୃଷିମନ୍ତ୍ରୀ, କୃଷି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ ଯେ, ସଙ୍କଟ ସମୟରେ ଆମକୁ ସକ୍ରିୟ ଭୂମିକା ନିର୍ବାହ କରିବାକୁ ପଡିବ । କେନ୍ଦ୍ର କୃଷିମନ୍ତ୍ରୀ ସାରର ନ୍ୟାୟସଙ୍ଗତ ଏବଂ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବଂଟନ ବ୍ୟବସ୍ଥାରେ ସ୍ୱଚ୍ଛତା ସୁନିର୍ଶ୍ଚିତ କରିବା ପାଇଁ 'କୃଷକ ପରିଚୟପତ୍ର' ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ଆହୁରି କହିଥିଲେ ଯେ, ଏଥିପାଇଁ ସେ ଖୁବ୍ ଶୀଘ୍ର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କୃଷି ମନ୍ତ୍ରୀମାନଙ୍କ ସହିତ ବୈଠକ କରିବେ । ବର୍ତମାନର ବିଶ୍ୱସ୍ତରୀୟ ସଙ୍କଟର ସୁଯୋଗ ନେଇ ସାର ଏବଂ ବିହନର କଳାବଜାରରେ ଲିପ୍ତ ଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀ ଚୌହାନ କହିଥିଲେ ଯେ, ଏହି ଦିଗରେ ରାଜ୍ୟ ସରକାରମାନଙ୍କୁ ମଧ କଡ଼ା ପଦକ୍ଷେପ ନେବା ପାଇଁ ପ୍ରେରିତ କରାଯିବ । ବୈଠକରେ, ବିହନ ଶୁଖାଇବା ପାଇଁ ଆବଶ୍ୟକ ଗ୍ୟାସ ଏବଂ କୃଷି-ରସାୟନଗୁଡ଼ିକର ଉପଲବ୍ଧତା ସମୀକ୍ଷା କରାଯାଇଥିଲା । କୃଷି ମନ୍ତ୍ରୀ ଶ୍ରୀ ଚୌହାନ ବିଶ୍ୱସ୍ତରୀୟ ସଙ୍କଟ ସମୟରେ ପ୍ୟାକେଜିଂ ସାମଗ୍ରୀର - ବିଶେଷକରି କ୍ଷୀର ଏବଂ ଅନ୍ୟାନ୍ୟ କୃଷି ଉତ୍ପାଦ ପାଇଁ - କୌଣସି ଅଭାବ ନହେବା ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ, ସେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଭାଗ ସହିତ ସମନ୍ୱୟ ସ୍ଥାପନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । କୃଷି କ୍ଷେତ୍ରକୁ ନିୟମିତ ତଦାରଖ କରିବା ପାଇଁ ଏକ 'ସ୍ୱତନ୍ତ୍ର ସେଲ୍' ଗଠନ କରାଯାଇଛି । ଏହି ସେଲ୍ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ସାର, ବିହନ ଏବଂ କୀଟନାଶକର ଉପଲବ୍ଧତା ସମ୍ପର୍କରେ ସାପ୍ତାହିକ ରିପୋର୍ଟ ପ୍ରଦାନ କରିବ । ବୈଠକର ଶେଷରେ ଶ୍ରୀ ଚୌହାନ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ ଯେ, ସରକାର ଚାଷୀମାନଙ୍କୁ ସମୟାନୁସାରେ ସମସ୍ତ ସମ୍ଭାବ୍ୟ ସମ୍ବଳ ଉପଲବ୍ଧ କରାଇବା ପାଇଁ ପ୍ରତିବଦ୍ଧ ।

## ଚଣ୍ଡିଖୋଲ ଠାରେ 'ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ' ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀ ଓ ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ଅନୁରୋଧ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର : ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି, ବିଶେଷ କରି ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଏବଂ ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଭବିଷ୍ୟତରେ ଦେଶର ଉର୍ଜା ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତାପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଭବିଷ୍ୟତରେ ଦେଶର ତୈଳ ଆବଶ୍ୟକତାକୁ ସୁରକ୍ଷିତ ରଖିବା ପାଇଁ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଠାରେ ପ୍ରତିଷ୍ଠା ହେବାକୁ ଥିବା ୪ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) କ୍ଷମତା ବିଶିଷ୍ଟ 'ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ' (ଏସପିଆର) ପ୍ରକଳ୍ପର ଶୀଘ୍ର ସମାପ୍ତି ତଥା ତ୍ୱରିତ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେବାକୁ ସେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ହରଦୀପ ସିଂ ପୁରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ପୃଥକ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ଏ ବିଷୟରେ ପ୍ରତିକ୍ରିୟା ଦେବା ସହ ଉକ୍ତ ପତ୍ରରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ୨୦୧୮ ଜୁନ୍ ୨୭ରେ ଚଣ୍ଡିଖୋଲ ଠାରେ ଏହି ପ୍ରକଳ୍ପ ପାଇଁ ଅନୁମୋଦନ ଦେଇଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ମୁଁ ଚିଠି ଲେଖିଥିଲେ ହେଁ, ଏହି ପ୍ରକଳ୍ପରେ ବିଳମ୍ବ ପରିଲକ୍ଷିତ ହୋଇଥିଲା । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ୨୦୨୫ ମସିହା ଏପ୍ରିଲ ୮ରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ହରଦୀପ ସିଂ ପୁରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ମୋର ଉପସ୍ଥିତିରେ ଇପିକଲ୍, ଓଡ଼ିଶା ସରକାର ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍(ଆଇଏସପିଆରଏଲ) ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇ କାର୍ଯ୍ୟ ଆଗକୁ ବଢ଼ିଛି ।

## ଉତରଓଡ଼ିଶାରେ କାଳବୈଶାଖୀର ପ୍ରଭାବ : ତାତିରୁ ସାମାନ୍ୟ ଆଶ୍ୱସ୍ତି



ଭୁବନେଶ୍ୱର: ରାଜ୍ୟରେ କଲବଲ କଲାଣି ଖରା । ଦିନ ତାପମାତ୍ରା ବଢୁଛି । ଆଗକୁ ତାତି ଆହୁରି ବଢ଼ିପାରେ । ଆସନ୍ତା ତିନି ଦିନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ତାତି ବଢ଼ିଲେ ବି ରାଜ୍ୟର ବିକ୍ଷିପ୍ତ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଆଶଙ୍କା ଅଛି । ମାର୍ଚ୍ଚ ୨୭ ତାରିଖ ସକାଳ ଠାରୁ ୨୮ ତାରିଖ ସକାଳ ସୁଦ୍ଧା ଝଡ଼, ବଜ୍ରପାତ ଏବଂ ପବନର ସମ୍ଭାବନା ନେଇ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ବଲାଙ୍ଗିର, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ, ଗଜପତି । ଏସବୁ ଜିଲ୍ଲାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ବୁଧବାର ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ମାଲକାନଗିରି, ରାୟଗଡ଼ା ଓ କୋରାପୁଟର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୨୬ ତାରିଖ (ଗୁରୁବାର) ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ଆଶଙ୍କା ଅଛି । ୨୭ ତାରିଖରେ ଉତର ଓ ଦକ୍ଷିଣ ଓଡ଼ିଶାରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହୋଇପାରେ । ୪୦ରୁ ୫୦ କିମି ବେଗରେ ପବନ ବି ବହିବାର ଆଶଙ୍କା ଅଛି । ୨୮ରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ସହ କୁଆପଥର ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ତେବେ ୨୪ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ଏବଂ ୨୯ ତାରିଖ ସକାଳ ଠାରୁ ୩୧ ତାରିଖ ସକାଳ ପର୍ଯ୍ୟନ୍ତ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ରତ୍ନଭଣ୍ଡାର ଗଣତିମଣତିର ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ୮୦% ଗଣତି ଶେଷ



ପୁରୀ : ମହାପ୍ରଭୁଙ୍କର ରତ୍ନଭଣ୍ଡାରର ଗଣତିମଣତି ବୁଧବାର ଠାରୁ ଆରମ୍ଭ ହୋଇଯାଇଛି । ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ଅଳଙ୍କାର ଗଣତିମଣତି କରାଯାଇଛି । ଆଜି ଚଳନ୍ତି ଭଣ୍ଡାରର ୮୦ ପ୍ରତିଶତ ଅଳଙ୍କାର ଗଣତି କରାଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଶ୍ରୀ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି, କଡ଼ା ସୁରକ୍ଷା ବଳୟ ମଧ୍ୟରେ ମୂଲ୍ୟବାନ ରତ୍ନ ଅଳଙ୍କାରର ଗଣତି କାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତି ବିଶେଷ ଆଜି ମଧ୍ୟାହ୍ନରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ । ପ୍ରାୟ ୬ଘଂଟା ପର୍ଯ୍ୟନ୍ତ ଗଣତି କରିଥିଲେ । ଚଳନ୍ତି ଭଣ୍ଡାରର ୮୦ ପ୍ରତିଶତ ଅଳଙ୍କାର ଗଣତି କରିଥିଲେ । ପ୍ରଥମ ଦିନରେ ମହାପ୍ରଭୁଙ୍କର ଦୈନନ୍ଦିନ ବ୍ୟବହୃତ ସୁବର୍ଣ୍ଣର ଗଣତି ହୋଇଛି । ଅଳଙ୍କାର ଗଣତି ସମୟରେ ୩ଡି ମ୍ୟାପିଂ, ଫଟୋ ଓ ଭିଡିଓ ରେକର୍ଡ଼ି କରାଯାଇଛି । ଶ୍ରୀ ପାଢ଼ୀ କହିଛନ୍ତି ଯେ, ଚଳନ୍ତି ଭଣ୍ଡାର ପରେ ବାହାର ଭଣ୍ଡାର ଗଣତି ହେବ । ଶେଷରେ ଭିତର ରତ୍ନଭଣ୍ଡାର ଗଣତି ହେବ । ରାଜ୍ୟ ସରକାରଙ୍କ ଏସ୍‌ଓପି ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ନିର୍ଦ୍ଦେଶ ଅନୁସାରେ ପ୍ରକ୍ରିୟା ଜାରି ରହିଛି । ଆମେ କହିପାରିବା ଯେ, ଭଣ୍ଡାର ମେକାପ ସେବକ ନିର୍ଦ୍ଦେଶ ଅନୁସାରେ ଗଣତିମଣତି ଆଜି ସରିଛି । ପୂର୍ଣ୍ଣାଙ୍ଗ ଗଣତି ପରେ ତଥ୍ୟ ପ୍ରଦାନ କରାଯିବ । ୧୯୭୮ର ତାଲିକା ପରେ ମଧ ଭଣ୍ଡାର ମେକାପ ପାଖରେ ଥିବା ଗହଣାର ମଧ ତାଲିକା କରାଯାଉଛି । ସୂଚନାଯୋଗ୍ୟ, ଶୁଦ୍ଧପୁତ ଭାବେ ସ୍ୱତନ୍ତ୍ର ଏକକ ପାରମ୍ପରିକ ପରିଧାନ ସହ କେବଳ ଅଧିକୃତ ସଦସ୍ୟମାନେ ରତ୍ନଗଣତି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ପ୍ରତ୍ୟେକ ସଦସ୍ୟ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେଜିଓର)ର ପ୍ରତିଟି ବିନ୍ଦୁକୁ ଗୁରୁତ୍ୱପୂର୍ବକ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଅଳଙ୍କାର ଗଣତି ବେଳେ ଯେପରି ଦୈନନ୍ଦିନ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ସମସ୍ୟା ନହୁଏ, ଏହାକୁ ଦୃଷ୍ଟିରେ ରଖି ଏସ୍‌ଓପି ପ୍ରସ୍ତୁତ ହୋଇଛି । ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ପରେ ୧୯୭୮ ମସିହାର ତାଲିକା ସହ ମେଳକ କରାଯିବ । ମେଳକ ସହ ଏହାକୁ ଓଜନ କରାଯିବ । ଅଳଙ୍କାରକୁ ଚିହ୍ନଟ କରିବା ପାଇଁ ୨ ଜେମୋଲୋଜିଷ୍ଟ ନିୟୋଜିତ ହେବେ । ଅଳଙ୍କାରର ଡିଜିଟାଲ ଫଟୋଗ୍ରାଫି କରାଯିବ । ଚିହ୍ନଟ, ଗଣତି ଓ ଓଜନ ପରେ ୨-୩ ପରସ୍ତ ଗୁଡ଼ାଇ ସିନ୍ଦୁକରେ ସୁରକ୍ଷିତ ରଖାଯିବ ।

# ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ଆଇନ ଉପରେ କର୍ମଶାଳା ଅନୁଷ୍ଠିତ




ବାଲେଶ୍ୱର(ନିପ୍ର): ବୁଧବାର ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା ଆଇନ ଉପରେ ଏକ କାର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ବାଲେଶ୍ୱର ଜିଲ୍ଲାର ୧୨ ଗୋଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଏବଂ ସହାୟକ ବ୍ଲକ ଶିକ୍ଷା ଅଧିକାରୀ ମାନେ ଉପସ୍ଥିତ ରହି ତାଲିମ ନେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଖୁସିରାମ ଗାହୀର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି, ଶିଶୁ କଲ୍ୟାଣ ସମିତିର ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପୂର୍ଣ୍ଣିମା ଦାଶ, ରିସର୍ସ ପର୍ସନ (କିଶୋର ନ୍ୟାୟ ଆଇନ) ଲୋପାମୁଦ୍ରା ମହାପାତ୍ର ପ୍ରମୁଖ ମଂଚାସୀନ ଥିବା ବେଳେ ଶ୍ରୀଯୁକ୍ତ ପ୍ରଶାନ୍ତ ରାଉତ ମଂଚ ପରିଚାଳନା କରିଥିଲେ । ଅତିଥି ମାନେ ଶିଶୁ ମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ, କିଶୋର ନ୍ୟାୟ ଆଇନ, ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ଶ୍ରମ ନିଷେଧ ଆଇନ, ଶିକ୍ଷାର ଅଧିକାର ଆଇନ ଓ ସୂଚନା ପ୍ରଯୁକ୍ତି ଆଇନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଶିଶୁ ମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନାରୁ ସୁରକ୍ଷା ଦେବା । ଶିଶୁ ମାନଙ୍କ ମୁହଁରେ ହସ ଫୁଟାଇ ତାଙ୍କର ଉନ୍ନତି ଦିଗରେ କାମନା କରିବା । ବିଭିନ୍ନ ପ୍ରକାର ଅପରାଧରେ ଶିକାର ହେଇଥିବା ଶିଶୁ ମାନଙ୍କୁ କିପରି ନ୍ୟାୟ ପାଇପାରିବେ ସେହି ଦିଗରେ ଏଠାରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଏବଂ ସହାୟକ ବ୍ଲକ ଶିକ୍ଷା ଅଧିକାରୀ ମାନେ ଧୈର୍ଯ୍ୟର ସହକାରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ଗୁଡ଼ିକ ଉପରେ ତାଲିମ ନେଇଥିଲେ । ପରବର୍ତୀ ସମୟରେ ସେମାନେ ନିଜ ବ୍ଲକ ଅଧିନସ୍ଥ ସମସ୍ତ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଏହି ଆଇନ ଗୁଡ଼ିକ ଉପରେ ସଚେତନତା ସୃଷ୍ଟି କରିବେ ।

# ୧୨ଘଂଟିଆ ବନ୍ଦ ଡାକରା ଦେଇଛି ପ୍ରଦେଶ କଂଗ୍ରେସ

ମାଲକାନଗିରି(ନିପ୍ର): ଏମ୍. ଭି-୭୯ରେ ମଧ ଶତାଧିକ ଟ୍ରକ ଅଟକି ରହିଛି, ଚାରି ରାଜ୍ୟ ସହ ଯୋଗାଯୋଗ ପୂରାପୂରି ବିଛିନ୍ନ ହୋଇଯାଇଛି କ୍ଷ ଜିଲ୍ଲା କଂଗ୍ରେସ ପକ୍ଷରୁ ଚାରି ଦଫା ଦାବିକୁ ନେଇ ଆଜି ଆହ୍ୱାନ କରାଯାଇଥିବା ୧୨ ଘଂଟିଆ ମାଲକାନଗିରି ବନ୍ଦର ପ୍ରଭାବ ସମଗ୍ର ଜିଲ୍ଲାରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି । ବିଶେଷ କରି ସୀମାନ୍ତ ଅଂଚଳ ମୋଟୁ ଏବଂ ଏମ୍. ଭି-୭୯ ଅଂଚଳରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଥିବା ବେଳେ ଜାତୀୟ ରାଜପଥ ଉପରେ ଶତାଧିକ ଟ୍ରକ ଅଟକି ରହିଥିବାରୁ ଯାତାୟାତ ବ୍ୟବସ୍ଥା ପୂରାପୂରି ବିଛିନ୍ନ ହୋଇଛି । ଏହି ବନ୍ଦ ପରିପ୍ରେକ୍ଷୀରେ ଏମ୍.ଭି-୭୯ ଅଂଚଳରେ କଂଗ୍ରେସ କର୍ମୀମାନେ ମୁଖ୍ୟ ଛକଠାରେ ବ୍ୟାରିକେଡ ସ୍ଥାପନ କରି ରାସ୍ତା ଅବରୋଧ କରିଥିବା ସହ ଦୋକାନ ବଜାର ବନ୍ଦ କରାଇଥିବା ଦେଖାଯାଇଛି । ଫଳସ୍ୱରୂପ, ଏମ୍. ଭି-୭୯ ଠାରୁ ମୋଟୁ ପର୍ଯ୍ୟନ୍ତ ଶତାଧିକ ଟ୍ରକ ଦେଖିବାକୁ ମିଳିଥିବାରୁ ସାଧାରଣ ଯାତାୟାତ ଠପ୍ ପଡ଼ିଛି । ଏହି ବନ୍ଦର ପ୍ରଭାବରେ ଓଡ଼ିଶା ସହିତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନାଙ୍କ ସହ ଯୋଗାଯୋଗ ସ୍ଥାୟୀ ଭାବେ ବିଛିନ୍ନ ହୋଇଥିବାରୁ ବାଣିଜ୍ୟିକ ଓ ଦୈନନ୍ଦିନ ଯାତ୍ରା ଉପରେ ମଧ ପ୍ରଭାବ ପଡ଼ିଛି । ଦାବିଗୁଡ଼ିକ ମଧ୍ୟରେ ମଣ୍ଡିରୁ ଧାନ ଉଠାଣ ବ୍ୟବସ୍ଥା ସୁନିର୍ଶ୍ଚିତ କରିବା, ଅଦିନିଆ ବର୍ଷାଜନିତ କ୍ଷୟକ୍ଷତି ପାଇଁ କୃଷକମାନଙ୍କୁ ଯଥାଯୋଗ୍ୟ କ୍ଷତିପୂରଣ ପ୍ରଦାନ, ଜିଲ୍ଲାରେ ପର୍ଯ୍ୟାପ୍ତ ପେଟ୍ରୋଲ ଓ ଗ୍ୟାସ ସିଲିଣ୍ଡର ଯୋଗାଣ ନିର୍ଶ୍ଚିତ କରିବା ସହିତ ଖାଲି ବସ୍ତା ବାବଦରେ ଚାଷୀଙ୍କୁ ଗତ ୩ ବର୍ଷର ବକେୟା ଅର୍ଥ ପ୍ରଦାନ ଆଦି ମୁଖ୍ୟ ଅଟେ । କଂଗ୍ରେସ କର୍ମୀ ପାଚୁ ସରକାର, ବିଷ୍ଣୁ ସ୍ୱାଇଁ, ମନୁ ଜେନା ଏବଂ ଅନ୍ୟାନ୍ୟ କର୍ମୀମାନେ ବନ୍ଦକୁ ସଫଳ କରିବାରେ ସକ୍ରିୟ ଭୂମିକା ନେଇଥିଲେ । ସୁରକ୍ଷା ଦୃଷ୍ଟିରୁ ପୁଲିସ ବ୍ୟବସ୍ଥା କଡ଼ାକଡ଼ି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ପୁଲିସ କର୍ମୀମାନେ ମୁତୟନ ହୋଇଥିବା ଦେଖିବାକୁ ମିଳିଛି । ସମଗ୍ର ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିବା ସତ୍ତ୍ୱେ ଯାତାୟାତ ଓ ବାଣିଜ୍ୟିକ କାର୍ଯ୍ୟକଳାପ ଉପରେ ବନ୍ଦର ପ୍ରଭାବ ପଡିଥିବା ଦେଖିବା ପାଇଁ ମିଳିଛି ।

# ଫଂଚାୟତ କାର୍ଯ୍ୟାଳୟରେ ତାଲା ମାରିଲେ ଗ୍ରାମ ସଂଯୋଜକ

ଉଦଳା(ନିପ୍ର): ଭିତରେ ସୋସିଆଲ ଅଡିଟ, ବାହାରେ ତାଲା । ତାତିଲେ ଗ୍ରାମ ସଂଯୋଜକ, କରିଥିବା ଉନ୍ନୟନ କାମର୍ବିଲ ଦସ୍ତଖତ ନ କରିବାରୁ ଫଂଚାୟତ କାର୍ଯ୍ୟାଳୟରେ ପକାଇଲେ ତାଲା । ଉଦଳା ବ୍ଲକ ରାଢୋ ଫଂଚାୟତ କାର୍ଯ୍ୟାଳୟରେ ପଡିଛି ତାଲା । ଫଂଚାୟତ ର ଗ୍ରାମ ସଂଯୋଜକ ମିହିର କୁମାର ବେହେରା ୨୦୨୪ ମସିହାରେ ଅନୁଦାନ ଆସିଥିବା ୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏକ ଟାଙ୍କି କାମ କରିଥିଲେ । ତେବେ ଶେଷ ବିଲ ବାବଦକୁ ଆଉ ୭୩ ହଜାର ଟଙ୍କା ସେ ପାଇବା କଥା । ଯାହାକି ଫାଇନାଲ ବିଲରେ ଦସ୍ତଖତ କରିବା ପାଇଁ ନାଏବ ସରଫଂଚ ଜବା ମୁର୍ମୁଙ୍କ ନିକଟକୁ ବାରମ୍ବାର ଯାଇଥିଲେ । ହେଲେ ଆଜି ମଧ ଦସ୍ତଖତ ପାଇଁ ଯାଇଥିଲେ ସୁଦ୍ଧା ସେ ଦସ୍ତଖତ ମାରି ନ ଥିଲେ, ଏପରିକି ଉକ୍ତ କାମ ବାବଦରେ ପିସି ନ ଦେଲେ ଦସ୍ତଖତ ମାରିବେ ନାହିଁ ବୋଲି କହିବାରୁ ରାଗି ଯାଇଥିଲେ ଗ୍ରାମ ସଂଯୋଜକ । ଫଂଚାୟତ କାର୍ଯ୍ୟାଳୟ ଭିତରେ ସୋସିଆଲ ଅଡିଟ ଚାଲିଥିବା ବେଳେ ବାହାର ପାଖରୁ କାର୍ଯ୍ୟାଳୟରେ ତାଲା ମାରି ଦେଇଛନ୍ତି ଗ୍ରାମ ସଂଯୋଜକ । ବାହାରୁ ତାଲା ପଡ଼ିଥିବା ବେଳେ ଭିତରେ ୱାର୍ଡ ମେମ୍ବର, ଜନ ପ୍ରତିନିଧି ଏବଂ ସ୍ଥାନୀୟ କିଛି ଜନସାଧାରଣ ରହିଥିବା ଜଣାଯାଇଛି । ସମାଧାନ ନ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଜିଦିରେ ଅଡ଼ି ବସିଥିଲେ ଗ୍ରାମ ସଂଯୋଜକ ।

# ବାଲେଶ୍ୱରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ବାଲେଶ୍ୱର(ନିପ୍ର): ୨୪ ତାରିଖ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଛି । ଏହି ଅବସରରେ ଏକ ବିଶାଳ ପଦଯାତ୍ରା ଆୟୋଜନ କରାଯାଇଥିଲା । ଏହି ପଦଯାତ୍ରାକୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଅମୂଲ୍ୟ କୁମାର ଦାସ ଉଦ୍ଘାଟନ କରିଥିଲେ । ଏହି ପଦଯାତ୍ରାରେ ଏ.ଏନ.ଏମ. ଟ୍ରେନିଙ୍ଗ ସେଂଟରର ଛାତ୍ରୀ, ଆଶା, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀ ମାନେ ସାମିଲ ହୋଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ବ୍ଲକରୁ ଆସିଥିବା ଚିକିତ୍ସା ଅଧିକାରୀ ଓ ଅନ୍ୟାନ୍ୟ






କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଜିଲ୍ଲାରେ ୨୦୨୪ ମସିହାରେ ୨୭୫୫ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହୋଇଥିଲା ବେଳେ ୨୫୦୮ ଜଣ ଆରୋଗ୍ୟ ଲାଭ କରିଥିଲେ ଏବଂ ୨୦୨୫ ମସିହାରେ ୨୮୪୩ ଜଣ ଯକ୍ଷ୍ମା ରୋଗୀ ଚିକିତ୍ସିତ ହୋଇଥିଲା ବେଳେ ୨୬୪୩ ଜଣ ଆରୋଗ୍ୟ ଲାଭ କରିଥିଲେ ବୋଲି ଜିଲ୍ଲା ଯକ୍ଷ୍ମା ଅଧିକାରୀ ସୂଚନା ଦେଇଥିଲେ । ବର୍ତମାନ ଚିକିତ୍ସିତ ହେଉଥିବା ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଖାଦ୍ୟ ପ୍ୟାକେଟ ବଂଟନ କରାଯାଉ ଅଛି । ଏଥିପାଇଁ ମହାମହିମ ରାଜ୍ୟପାଳ ୨୦ ଜଣ, ଭାରତର ରେଡକ୍ରସ ସୋସାଇଟି ୧୫୮୩ ଜଣ, ଅଙ୍କୁର ପ୍ଲାଷ୍ଟିକ ୫୦ ଜଣ ଓ ଶ୍ରୀ ଦେବାଶିଷ ଦାସଙ୍କ ତରଫରୁ ୬୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପ୍ରତ୍ୟେକ ମାସ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଉଅଛି ବୋଲି ଜିଲ୍ଲା ସଂଯାଜକ ବିଶ୍ୱରଂଜନ ନାୟକ ପ୍ରକାଶ କରିଥିଲେ । ଏଥିସହିତ ଆଜିଠାରୁ ୧୦୦ ଦିନିଆ ବିଶେଷ ଅଭିଯାନ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲାର ସମସ୍ତ ଅଂଚଳର ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ଦ୍ୱାରା ସଚେତନତା ସୃଷ୍ଟି କରାଯାଇ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇପାରିବ । ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଶ୍ରୀ ଚକ୍ରଧର ଜେନା ପରିଚାଳନା କରିଥିଲା ବେଳେ ଡ଼ା. ସଂଜୀବ କୁମାର ପ୍ରଧାନ, ଶରତ କୁମାର ଦାସ ମହାପାତ୍ର, ସୁଶାନ୍ତ କୁମାର ବେହେରା ଓ ସଞ୍ଜୟ କୁମାର ସାହୁ ସହଯୋଗ କରିଥିଲେ । ଏହି ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ସହିତ ଆଭାସି ଜରିଆରେ ଯୋଡି ହୋଇଥିଲେ । ଆଜିଠାରୁ ୧୦୦ ଦିନିଆ ବିଶେଷ ଅଭିଯାନ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଅଧିକାରୀ ମାନଙ୍କୁ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ ।

# ଅମର ଯବାନ ଯୁବ ସଂଗଠନର ସହୀଦ ଦିବସ ପାଳନ

ବାଲେଶ୍ୱର(ନିପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହ୍ମଲପୁର ମୁହାଣର ଫିସାରୀ ପଡିଆରେ ଦୁବଲାଗଡିର ଅମର ଯବାନ ଯୁବ ସଂଗଠନର ନବମ ବାର୍ଷିକ ଉତ୍ସବ ପାଳନ କରିବା ସହ କସାଫଳ ସାମୁଦ୍ରିକ ଥାନା ସହଯୋଗରେ ରକ୍ତଦାନ ଶିବିର ଓ ସହିଦ ଦିବସ ପାଳନ ହୋଇ ଯାଇଛି । ୨୨ ତାରିଖ ସକାଳେ ରକ୍ତଦାନ ଶିବିରକୁ ସାମୁଦ୍ରିକ ଥାନାର ଆଇ ଆଇ ସି ରଶ୍ମିରେଖା ମହାଳିକ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ମାର୍ଚ୍ଚ ୨୩ ସହିଦ ଦିବସ ଅବସଷରେ ସନ୍ଧ୍ୟାର ସଭାକାର୍ଯ୍ୟକୁ ଗୟା ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ସଂଗଠନର




ସଭାପତି ଭକ୍ତ ଚରଣ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ସୁବେଦାର ମେଜର କମଳ ଲୋଚନ ଜେନା ଯୋଗ ଦେଇ ଅମର ସହିଦ ମାନଙ୍କ ଅମର ଗାଥା ଶୁଣାଇଥିବା ବେଳେ ମୁଖ୍ୟ ବ୍ୟକ୍ତା କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ସହିଦ ମାନଙ୍କ ଇତିହାସ ଜଣାଇଥିଲେ । ଅନ୍ୟତମ ଅତିଥି ଭାବେ କସାଫଳ ସାମୁଦ୍ରିକ ଥାନା ଆଇ ଆଇ ସି ରଶ୍ମିରେଖା ମହାଳିକ, ବ୍ରଜମୋହନ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ମାନସ କୁମାର ମାଇତି, ଶିଳ୍ପୀ କେଶୁ ଦାସ ଓ ସ୍ଥାନୀୟ ସରପଂ ପ୍ରବୀର କୁମାର ସାହୁ ଯୋଗଦେଇ ସହିଦ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ ଓ ଗୀତର ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିବା ବେଳେ ସ୍ଥାନୀୟ ସ୍କୁଲ କଲେଜରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇ ଉତ୍ସାହିତ କରାଯାଇ ଥିଲା । ବିଶିଷ୍ଟ ଫୋଟ ସଂଗ୍ରାହକ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କ ଦ୍ୱାରା ୫୦୦ ରୁ ଉର୍ଦ୍ଧ୍ୱ ସହିଦ ମାନଙ୍କ ଫୋଟ ପ୍ରଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ମଧ୍ୟରେ ପ୍ରେରଣା ଯୋଗାଇ ଥିଲେ । ବାଲେଶ୍ୱରର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ଅମରେଶ ପାତ୍ରଙ୍କୁ କଳାକାର ସମ୍ମାନରେ ସମ୍ମାନିତ କରାଯାଇଥିଲା । ବିଶେଷ କାର୍ଯ୍ୟକ୍ରମ ଭାବରେ ଲତା ମଙ୍ଗେସକରଙ୍କ ସ୍ମୃତି ଉଦ୍ଦେଶରେ ତାଙ୍କ ସଂଗୀତ ଆଧାରିତ ସଂଗୀତ ପ୍ରତିଯୋଗିତା ଆୟୋଜନ କରାଯଇଥିଲା । ଶେଷରେ ସଂଗଠନର ସହ ସମ୍ପାଦକ ଗୌର ଗୋପାଳ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଦେଶାତ୍ମକ ନୃତ୍ୟ ଗୀତର ରଙ୍ଗାରଙ୍ଗ ସାଂକୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଗଠନର କର୍ମକାର୍ତ ସଞ୍ଜୀବ ମଣ୍ଡଳ, ରାମକୃଷ୍ଣ ବେରା, ରାଜେଶ ସାହୁ, କୃଷ୍ଣ ଗୋପାଳ ସାହୁ ରଘୁନାଥ ସାହୁ, ଅଜୟ ଜେନା, ମନରଞ୍ଜନ ବେରା, ସୁଶାନ୍ତ ସାହୁ, ନନ୍ଦ ଦୁଲାଳ ପାତ୍ର, ମହେଶ୍ୱର ମାନ୍ନା, ସହଦ୍ଦେ ଜେନା,ବିଜୟ ବେରା ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ ।

## ଅଧ୍ୟାପକ ପ୍ରଦୀପ୍ତ ମିଶ୍ରଙ୍କୁ ଶିକ୍ଷା ସମ୍ମାନ

ନୀଳଗିରି(ନିପ୍ର): ନୀଳଗିରିର ରେ ସାତଦିନ ଧରି ଚାଲିଥିବା ୟୁଥ୍ ଫେଷ୍ଟ ୨୦୨୬ର ଶେଷ ସନ୍ଧ୍ୟାରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ଫକୀରମୋହନ ଶିକ୍ଷା ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । ଉକ୍ତ ସମ୍ମାନକୁ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ମାନ୍ୟବର ବିଧାୟକ ରେମୁଣାର ଗୋବିନ୍ଦ ଦାସ ଓ ବାଲେଶ୍ୱରର ସହକାରୀ ଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ପ୍ରଦାନ କରିଥିଲେ । ପ୍ରକାଶ ଥାଉ କି ଅଧାପକ ମିଶ୍ର ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହିଷାପଟା ଫଂଚାୟତର ବଣିଆଗାଁର ସ୍ୱର୍ଗତ କାର୍ତିକେଶ୍ୱର ମିଶ୍ର ଓ ସ୍ୱର୍ଗତ ବିନୋଦିନୀ ମିଶ୍ରଙ୍କ କନିଷ୍ଠ ପୁତ୍ର ଅଟନ୍ତି । ଅଧୁନା ସମଗ୍ର ଓଡିଶାରେ ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ନାମକ ଏକ ଅନୁଷ୍ଠାନର ସମ୍ପାଦକ ଦାୟିତ୍ୱ ନିର୍ବାହ କରିବାସହ ଦୁଇଶହ ପଚାଶରୁ ଉର୍ଦ୍ଧ୍ୱ ପାଠଚକ୍ର ଅନୁଷ୍ଠିତ କରି ଶିକ୍ଷା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି ।

## ଚାଲିଗଲେ ସ୍ୱାତି

ବାଲେଶ୍ୱର(ନିପ୍ର): ଟାଉନ ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ବିଶିଷ୍ଟ ସମାଜସେବୀ ବାଚୁସ୍ୱାତୀ ପ୍ରସାଦଙ୍କ ଦେହାନ୍ତ ହୋଇଯାଇଛି । ମୃତ୍ୟ ବେଳକୁ ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିବାବେଳେ ଆଜି ପୂର୍ବାହ୍ନରେ ତାଙ୍କର ବିୟୋଗ ଘଟିଥିଲା । ତାଙ୍କ ମୃତ୍ୟୁ ଖବର ପ୍ରଘ୍ରର ହେବା କ୍ଷତି ଗାଁରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ତାଙ୍କର ସହଯୋଗ ଥିଲା ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର(ନିପ୍ର): ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘ, ବାଲେଶ୍ୱରର ସଭାପତି ଇଂ. ବନମାଳୀ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ୨୦୨୫ ମସିହା ମାର୍ଚ୍ଚ ୨୫ ତାରିଖରେ ସଂସଦ ଦ୍ୱାରା ଗୃହୀତ ଭେଲିଡେଶନ ଆଇନର ପ୍ରତ୍ୟାହାର ନିମନ୍ତେ ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକଙ୍କୁ ପ୍ରଦାନ କରିଛନ୍ତି । ଏହି ପ୍ରତିନିଧିମଣ୍ଡଳରେ କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଉପଦେଷ୍ଟା ବସନ୍ତ ନାୟକ, ଜ୍ଞାନେନ୍ଦ୍ର ସାହୁ, ଗୌରପ୍ରିୟ ମିଶ୍ରଙ୍କ ସମେତ ଶଶାଙ୍କ ଦତ, ଭବେଶ ପଣ୍ଡା, ଶେଖ୍ ଆଲ୍ଲାଉଦ୍ଦିନ୍, ରବୀନ୍ଦ୍ର ବେହେରା, ସଞ୍ଜୟ ପଣ୍ଡା (ଖ), ଦୟାନିଧି ମହାପାତ୍ର, ସନ୍ତୋଷ ବେହେରା, ଅନନ୍ତ ଦାସ ପ୍ରମୁଖ ସାମିଲ ଥିଲେ । ପ୍ରକାଶ ଥାଉକି ଏହି ଭେଲିଡେଶନ ଆଇନ୍ ବଳରେ ସରକାର ପେନ୍‌ସନ୍ ଭୋଗୀମାନଙ୍କର ଅବସରଗ୍ରହଣ ତାରିଖ ଭିତିରେ ବର୍ଗୀକରଣ କରି ପେନ୍‌ସନ୍ ସମ୍ବନ୍ଧିତ ସୁବିଧା ସୁଯୋଗ ଦେବାରେ ନିଷ୍ପତି ନେଇପାରିବେ ଯାହାକି ସମସ୍ତ ପେନସନ୍‌ଭୋଗୀମାନଙ୍କ ନିମନ୍ତେ ସମାନତା ରହିବ ନାହିଁ । ଏଥିନିମନ୍ତେ ଏହି ଭେଲିଡେଶନ୍ ଆଇନର ପ୍ରତ୍ୟାହାରର ଆବଶ୍ୟକତା ରହିଛି । ଜିଲ୍ଲାର ବିଭିନ୍ନ ଶାଖା ସଂଗଠନ ତରଫରୁ ସବ୍‌ଡିଭିଜନ୍ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନଙ୍କ ମାଧ୍ୟମରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ପୂର୍ବତନ ଦୁଇ ବିଧାୟକଙ୍କ ଘର ବାହୁଡ଼ା

ବାଲେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲାର ଦୁଇ ବିଜେପି ନେତା ଯଥା ପୂର୍ବତନ ମନ୍ତ୍ରୀ ରଘୁ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ବାଲେଶ୍ୱର ଜିଲ୍ଲାର ଶତାଧିକ କର୍ମୀ ଓ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନବୀନ ନିବାସରେ ଏହି ଦୁଇ ନେତାଙ୍କୁ ସ୍ୱାଗତ କରିଥିଲେ । ଏହି ଦୁଇ ଅଭିଜ୍ଞ ନେତାଙ୍କ ଦଳରେ ଯୋଗଦାନ ପରେ ବିଜୁ ଜନତା ଦଳ ପୁନର୍ବାର ଶକ୍ତିଶାଳୀ ହୋଇ ପାରିବ ବୋଲି ବିଶ୍ୱାସ କରାଯାଉଛି । ଶଙ୍ଖ ଭବନ ଠାରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବିଜୁ ଜନତା ଦଳର ବିଧାୟକ ଓ ଅନ୍ୟ



ନେତୃବୃନ୍ଦଙ୍କ ଉପସ୍ଥିତିରେ ଦୁଇ ନେତା ବିଜୁ ଜନତା ଦଳରେ ଯୋଗ ଦେଇଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ । ରଘୁନାଥ ମହାନ୍ତି କହିଥିଲେ, ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବୁ । ବିଜୁ ଜନତା ଦଳ ବାଲେଶ୍ୱର ଜିଲ୍ଲାରେ ସୁସଂଗଠିତ ହୋଇ ପାରିବ ସେଥିପାଇଁ କାର୍ଯ୍ୟ କରିବି । ବିଜୁ ବାବୁଙ୍କ ସମୟରୁ ତାଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ପାଇଛି । ପରେ ବିଜୁ ଜନତା ଦଳର ଗଠନବେଳେ ଜଣେ ପ୍ରତିଷ୍ଠିତ ସଭ୍ୟ ଭାବେ କାର୍ଯ୍ୟ କରିଥିଲି । ଜୀବନ ପ୍ରଦୀପ ଦାସ କହିଥିଲେ, ପାଂଚ ବର୍ଷ ବିଜେଡି ବାହାରେ ରହିବା ପରେ ଦଳକୁ ପୁନର୍ବାର ପ୍ରତ୍ୟାବର୍ତନ କରି ଅତ୍ୟନ୍ତ ଆନନ୍ଦିତ । ବାଲେଶ୍ୱର ଜିଲ୍ଲାରେ ବିଜୁ ଜନତା ଦଳ କିପରି ସୁସଂଗଠିତ ହୋଇପାରିବ, ସେଥିପାଇଁ ନବୀନ ବାବୁଙ୍କ ନିର୍ଦ୍ଦେଶକ୍ରମେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି ।

# ଘୁସୁରିଆ ସାହିରେ ରବର ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ



ଖୁଂଟା(ନିପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ତା ୨୪.୦୩.୨୬ ରିଖ ପୂର୍ବାହ୍ନରେ, ଖୁଂଟା ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣାସାହି ଗ୍ରାମପଞ୍ଚାୟତର ଘୁସୁରିଆସାହି ଆଦର୍ଶ ରବର ଉତ୍ପାଦକ ସମିତି ପ୍ରାଙ୍ଗଣରେ ଏକ ରବର ଗୋଷ୍ଠି ପ୍ରକ୍ରିୟାକରଣ କେନ୍ଦ୍ର ଆନୁଷ୍ଠାନିକ ଭାବେ, ରବର ବୋର୍ଡର ମୁଖ୍ୟ କାର୍ଯ୍ୟଳୟ କେରଳ କଟାୟମର ନିର୍ବାହୀ ନିର୍ଦ୍ଦେଶକ ଏମ ବସନ୍ତ ଗେଶନ୍‌ଙ୍କ କର କୋମଳରେ, ମହାସମାରୋହରେ ଉଦଘାଟିତ ହୋଇଅଛି । ଏହି ଅବସରରେ ରବର ବୋର୍ଡର ଯୁଗ୍ମ ନିର୍ଦ୍ଦେଶକ ପି ଆରୁମୁଗମ, ବିକାଶ ଅଧିକାରୀ ଶର୍କିନାଥ ଶଥପତି, ଶରତ ଚନ୍ଦ୍ର ମାରାଣ୍ଡି, ଗୁଣବତା ନିୟନ୍ତ୍ରଣ ଅଧିକାରୀ ଏନ ବିଜୁ, କନିଷ୍ଟଯନ୍ତ୍ରୀ ଚିତରଞ୍ଜନ ଦେବନାଥ, ଦେବଂଶି ମହାରଣା, ଆକାଂକ୍ଷା ପରିଡା, ବିରଂଚି ସେଣ୍ଢ ପ୍ରମୁଖ ରବର ବୋର୍ଡର ପଦାଧିକାରୀ ମାନେ ଯୋଗ ଦେଇ ଥିବାବେଳେ, ମୟୁରଭଂଜ ଜିଲ୍ଲା ପ୍ରଶାସନ ତରଫରୁ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ କପ୍ତିପଦା ନରେନ୍ଦ୍ର ଖମାରୀ, ଓରମାସ ର ଡେପୁଟି ସି ଇ ଓ ସୁଶ୍ରୀ ଭଗ୍ୟଲକ୍ଷ୍ମି ରାଉତ ପ୍ରମୁଖ ଉପସ୍ଥିତ ରହି, ଉଦଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥଲେ । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ଆଦର୍ଶ ରବର ଉତ୍ପାଦକ ସମିତିର ସଭାପତି ଶ୍ରୀ ନନ୍ଦେ ସିଂ, ଉପ ସଭାପତି ଶ୍ରୀ ଘନଶ୍ୟାମ ସିଂ, ଘାସିରାମ ସିଂ ଏବଂ ଅନ୍ୟ ସକ୍ରିୟ ସଦସ୍ୟ ମାନେ ସହଯୋଗ କରିଥିଲେ । ଉକ୍ତ ରବର ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ସମସ୍ତ ଯନ୍ତ୍ରାଂଶ ପାଇଁ ସମସ୍ତ ଆର୍ଥିକ ସହାୟତା ରବର ବୋର୍ଡ ଏବଂ ଭାରତ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ।

# ଲାଇକେରା ଠାରେ ଉପଭୋକ୍ତା ସଚେତନତା କର୍ମଶାଳା




ଝାରସୁଗୁଡ଼ା(ନିପ୍ର): ଓଡିଶା ଆଦର୍ଶ ବିଦ୍ୟାଳୟ ଲାଇକେରା ଠାରେ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି, ଏହି କାର୍ଯ୍ୟ କ୍ରମ ରେ ମୁଖ୍ୟ ଅତିଥି ଭାବେ ଲାଇକେରା ବିଡିଓ ହିମାଂଶୁ ବାଗ, କାଯ୍ୟକ୍ରମର ସଭା ପତି ଭାବେ ଉପନିୟନ୍ତକ ଅଖିଳ ପ୍ରଧାନ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧକ୍ଷା ସାବିତ୍ରୀ ଭୋଇ ମୁଖ୍ୟ ବକ୍ତା ଭାବେ ଅଞ୍ଜଳି ପଟ୍ଟନାୟକ ଅନ୍ୟ ତମ ଅତିଥି ଭାବେ ଇ ଜେ ଭି ର ସଭାନେତ୍ରୀ ମାନସୀ ପଣ୍ଡା ଓ ନିରୀକ୍ଷକ ଗଗନ ମାରାଣ୍ଡି ଯୋଗଦେଇଥିଲେ । ହିମାଂଶୁ ବାଗ ଉପଭୋକ୍ତା ଅଧିକାର ବିଷୟ ରେ ଆଜିର ଛାତ୍ର, ଛାତ୍ରୀ ଜାଣିବା ନିହାତି ଆବଶ୍ୟକ ବୋଲି ଉଦବୋଧନ ଦେଇଥିଲେ, ବିଭାଗ ମୁଖ୍ୟ ଅଖିଳ ଚନ୍ଦ୍ର ପ୍ରଧାନ, ବିସ୍ତୃତ ଭାବେ ମୌଖିକ ବୁଝାଇବା ସହ ଉଦାହରଣ ଦେଖାଇ ଛାତ୍ର ଛାତ୍ରୀଙ୍କୁ ଜାଗୃତ କରାଇଥିଲେ । ସେହିପରି ମାନସୀ ପଣ୍ଡା, ଅଞ୍ଜଳି ପଟ୍ଟନାୟକ ମଧ୍ୟ ଏହି କାର୍ଯ୍ୟକ୍ରମ ର ଉପାଦେୟତା ବାବଦ ରେ ବୁଝାଇଥିଲେ । ଇ ଜେ ଭି ର ହେମଲତା ମେହେର ଓ ନିଖିଳ ଶର୍ମା, ମୁଖ୍ୟ ଅତିଥି ଓ ଅତିଥିଙ୍କୁ ବିଶେଷ ଭାବେ ସ୍ମୃତି ଫଳକ ଦେଇ ସମ୍ମାନିତ କରିଥିଲେ, ଶେଷ ରେ ପ୍ରିୟା ରାୟ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ ।

# ପଣ୍ଡିତ ଦୀନ ଦୟାଲଙ୍କ ପ୍ରଶିକ୍ଷଣ ମହାଅଭିଯାନ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି(ନିପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଅନ୍ତର୍ଗତ କାଣ୍ଡଗରଡି ସ୍ଥିତ ଅଭିନନ୍ଦନ କନଫରେନ୍ସ ହଲ୍ ରେ ଆସନ୍ତା ଏପ୍ରିଲ ୪ ଓ ୫ ତାରିଖରେ ବାବା ପଂଚଲିଙ୍ଗେଶ୍ୱର ପୀଠ ସ୍ଥଳୀରେ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ପ୍ରଶିକ୍ଷଣ ମହାଅଭିଯାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଉଥିଲା । ବାଲେଶ୍ୱର ଜିଲ୍ଲାର ବିଜେପି ସମ୍ପାଦକ ବଳରାମ ବିଶ୍ୱାଳ ଓ ପଂଚଲିଙ୍ଗେଶ୍ୱର ମଣ୍ଡଳର ସଭାପତି ଅନନ୍ତ ଗିରି ଦ୍ୱୟ ବୁଝାଇ କହିଥିଲେ ଯେ' ଆମ୍ଭେ ମାନେ କେମିତି ଏ ଭାରତ ଦେଶର ସେବା କରିପାରିବା, ଦଳର ନୀତି ଓ ନୈତିକତାକୁ ମାନି ଆଗକୁ ଯାଇ ପାରିବା, ସମାଜର ସେବା କରିପାରିବା ଏସବୁ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣରେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମହୋଦୟ, ନୀଳଗିରି ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ମହୋଦୟ, ଜିଲ୍ଲା ପ୍ରଶିକ୍ଷକ, ଚନ୍ଦ୍ରବିନ୍ଦୁ ଭାଇ ଇତ୍ୟାଦି ଉପସ୍ଥିତ ରହିବେ ଏବଂ ସମସ୍ତ ପଂଚାୟତରୁ ୪୫ ରୁ ୬୦ ଭିତରେ କାର୍ଯ୍ୟକର୍ତା ଯିବେ ସେଥି ମଧ୍ୟରୁ ଭଉଣୀ ମାନେ ମଧ ରହିବେ । ଏଠାରେ କହି ରଖୁ ଯେ, ଦିନ ଦୟାଲ ଉପାଧ୍ୟାୟ ଜଣେ ପ୍ରଖର ରାଷ୍ଟ୍ରବାଦୀ ବିଚାରକ ଥିଲେ । ସେ ସାମ୍ବାଦିକତା କରୁଥିଲେ ଓ ଜନସଂଘର ଜଣେ ପ୍ରମୁଖ ନେତା ଥିଲେ । ଭାରତ ବର୍ଷରେ ସମସ୍ତେ କେମିତି ସମାନ ଅଧିକାରରେ ରହିବେ ଏବଂ ଏକାତ୍ମ ମାନବବାଦ୍ ରେ ବଂଚି ରହିବା ପାଇଁ କହିଥିଲେ । ସେ ସ୍ୱୟଂ ସେବକ ସଙ୍ଘର ବରିଷ୍ଠ ପ୍ରଚାରକ ଥିଲେ । 'ଅନ୍ତର୍ଦୋୟ' ଜରିଆରେ ସମାଜରେ ସମସ୍ତଙ୍କର ବିକାଶ ହେବା ପାଇଁ ସେ ସ୍ୱପ୍ନ ଦେଖିଥିଲେ । ଏହି ବୈଠକରେ କାଣ୍ଡଗରଡି ପଂଚାୟତର ସରପଂଚ ରାଜେନ୍ଦ୍ର ରାଉତ୍, ପଂଚାୟତ ସଭାପତି ଜୟଦେବ ବେହେରା, ପଂଚାୟତ ସମ୍ପାଦକ ମଣିଭଦ୍ର ମହାପାତ୍ର, ନରେନ୍ଦ୍ର ନାୟକ, ମଣ୍ଡଳ ପ୍ରତିନିଧି ଟୁନୁ ପଟ୍ଟନାୟକ, ରବୀନ୍ଦ୍ର ପାତ୍ର, ଦେବେନ୍ଦ୍ର ନାୟକ, ସୁରେନ୍ଦ୍ର ରାଉଳ, କେଶବ ରାଉତ୍ ଇତ୍ୟାଦି ଉପସ୍ଥିତ ଥିଲେ ।

# ବଜ୍ରପାତରେ ଜଣେ ମୃତ୍ୟୁ

ନୀଳଗିରି(ନିପ୍ର): ବୁଧବାର ଦିନ ଅପରାହ୍ଣ ସମୟରେ ନୀଳଗିରି ଅଂଚଳରେ ବିଜୁଳି ଘଡ ଘଡି ସହ ପ୍ରବଳ ବର୍ଷା ହୋଇଥିଲା । ବଜ୍ରାପାତରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ବଧିର ହୋଇ ଥିବାର ଦେଖିବାକୁ ମିଳିଛି । ସୂଚନା ଅନୁସାରେ ନୀଳଗିରି ଏନ.ଏ.ସି ର ୱାର୍ଡ ନମ୍ବର ୧ ଘାଟଘରସାହି ଗ୍ରାମର ଗଙ୍ଗାଧର ବେହେରାର ପୁଅ ଗଣେଶ୍ୱର ବେହେରା (୪୦) ପୋଡାସୂଳ ଡାହି ସାହିରେ ଜୈନିକ ଘରେ ଛାତ ପକାଇ ଜରି ଢ଼ାଙ୍କୁ ଥିବା ବେଳେ ପ୍ରବଳ ବିଜୁଳି ସହ ଘଡ ଘଡି ମାରିବାରୁ ଘଟଣା ସ୍ଥଳରେ ଗଣେଶ୍ୱର ବେହେରାର ମୃତ୍ୟୁ ଘଟିଥିବା ବେଳେ ସିଆଡ଼ିମାଳ ଗ୍ରାମର ରାଜୁ ଦାସର ପୁଅ ବାବୁ ଦାସ ମଧ୍ୟ ବଧିର ହୋଇଥିବା ବେଳେ ଡାହାଣ କାନକୁ କିଛି ଶୁଭୁ ନଥିବାର ଜଣା ପଡ଼ିଛି । ତୁରନ୍ତ ଦୁଇ ଜଣଙ୍କୁ ନିଳଗିରି ମେଡିକାଲକୁ ଅଣା ଯାଇଥିଲା ଡ଼ାକ୍ତର ଗଣେଶ୍ୱର ମୃତ ଘୋଷଣା କରିଥିଲେ ।

# କାଳ ବୈଶାଖୀର ପ୍ରକୋପ, ପ୍ରବଳ ବର୍ଷା ପବନ ଓ କୁଆପଥର ମାଡ଼



ଧାମନଗର(ନିପ୍ର): ଦୁଇ ଦିନ ହେବ କାଳ ବୈଶାଖୀ ର ପ୍ରକୋପ ଧାମନଗର ଅଂଚଳରେ ଦେଖିବାକୁ ମିଳିଛି । ତେବେ ବୁଧବାର ସଂଧ୍ୟା ରେ ପ୍ରବଳ ବର୍ଷା ପବନ ସାଙ୍ଗକୁ କୁଆପଥର ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି । ପ୍ରବଳ ବେଗରେ ପବନ ସାଙ୍ଗକୁ ବର୍ଷା ଆରମ୍ଭ ହୋଇଥିଲା । ଏହା ସହିତ କୁଆପଥର ବୃଷ୍ଟି ହୋଇଥିଲା । ପାଖାପାଖି ୩ ଘଂଟା ଧରି ବର୍ଷା ଲାଗି ରହିଥିଲା । ପବନ ହେତୁ ଅନେକ ସ୍ଥାନରେ ଗଛ ଓ ବିଦ୍ୟୁତ ଖୁଂଟ ଉପୁଡି ପଡିବା ସହିତ ଅନେକ ଚାଳ ଛପର ଘରକୁ ଭାଙ୍ଗି ଯାଇଛି । ପ୍ରବଳ ବର୍ଷା କାରଣରୁ ବିଭିନ୍ନ ସାହିରେ ଜଳ ନିଷ୍କାସନ ସମସ୍ୟା ପରିଲକ୍ଷିତ ହୋଇଛି । ଚଳିତ ବର୍ଷର ଏହି ପ୍ରଥମ କାଳ ବୈଶାଖୀ ହେତୁ ଧାମନଗର ଅଂଚଳରେ ହୋଇଥିବା ଖରାଟିଆ ପନିପରିବା ଚାଷ ପ୍ରଭାବିତ ହୋଇଥିବା ଜଣାପଡିଛି ।

# ବ୍ଲକ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଟିମନପୁର ଗ୍ରାମପଂଚାୟତ ରେ ବିକାଶ ଶୂନ ହୋଇଥିବା ବେଳେ ଦୁର୍ନୀତି କରିବା ନେଇ ପଂଚାୟତରୁ ଫାଇଲ ଗାଏବ ହୋଇଅଛି । ଫାଇଲ କୋଉଁଠି ଥିବା ନେଇ ଗ୍ରାମବାସୀ ମାନେ ବ୍ଲକ କାର୍ଯ୍ୟାଳୟ ଘେରାଓ କରିଛନ୍ତି । ନୂଆପଡ଼ା ଜିଲ୍ଲାର ଟିମନପୁର ଗ୍ରାମ ପଂଚାୟତ ରେ ବ୍ୟାପକ ଅନିୟମିତତା ଥିବା ବେଳେ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଅଛି । ଆବଶ୍ୟକ ତଦନ୍ତ କରି ବିକାଶ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ନେଇ ଗ୍ରାମବାସୀ ମାନେ ବ୍ଲକ କାର୍ଯ୍ୟାଳୟ ଘେରି ଥିଲେ । ଆବଶ୍ୟକ ପଦକ୍ଷେପ ନେବା ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ପ୍ରତ୍ୟାହୃତ କରିଛନ୍ତି ।

# ଏ ଆଇ (କୃତ୍ରିମ ବୁଦ୍ଧି ମତା) କର୍ମଶାଳା ଆୟୋଜିତ




ଖୋର୍ଦ୍ଧା(ନିପ୍ର): ଜିଲ୍ଲା ପ୍ରଶାସନିକ କାର୍ଯ୍ୟଧାରାକୁ ଅଧିକ ଆଧୁନିକ ଓ ସୁଦୃଢ଼ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଦିନିକିଆ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ କୃତ୍ରିମ ବୁଦ୍ଧିମତା (ପ୍ରଶାସନିକ ଉତ୍କର୍ଷତା ପାଇଁ ଏ ଆଇ ଉପକରଣ) ଜନିତ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି କର୍ମଶାଳା ଆଜି ପୂର୍ବାହ୍ନ ଘ ୯:୩୦ ମି ରୁ ଆରମ୍ଭ ହୋଇ ସନ୍ଧ୍ୟା ଘ ୫:୦୦ ଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା କୁମ୍ପୁଟର ଆପ୍ଲିକେସନ୍ ସେଂଟର (ଓକାକ୍) ଏବଂ ଓଡ଼ିଶା ବୁଦ୍ଧି ମତା ନିଗମ ପ୍ରତିଷ୍ଠାନ (ଓ କେ ସି ଏଲ୍) ର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଶିବିର ପରିଚାଳିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ମୁଖ୍ୟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାଶ ମହାନ୍ତି, ବନଖଣ୍ଡ ଅଧିକାରୀ, ମୁଖ୍ୟଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଜ୍ୟୋତି ଶଙ୍କର ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଇ ଗଭର୍ନାନ୍ସ ଡେପୁଟୀ କଲେକ୍ଟର ଆର୍ତତ୍ରାଣ ମଲ୍ଲିକ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇଥିଲେ । ଏଥି ସହ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଅଧିକାରୀ ମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ଜିଲ୍ଲା ଇ ଗଭର୍ନାଂସ ପରିଚାଳକ ମାନସ କୁମାର ବ୍ରହ୍ମା ପାଓ୍ୱାର ପଏଂଟ ଉପକରଣର ଓକାକ୍ ଏବଂ ଓ ।କେ ସି ଏଲ ସଂଶାଧକଙ୍କ ସହ ତାଲିମ ପ୍ରଦାନ କରିଥିଲେ ।

# ନାଇସ୍ ପବ୍ଲିକ ସ୍କୁଲରେ ବିଂଶତମ ବାର୍ଷିକ ଉତ୍ସବ

ବୈଶିଙ୍ଗା(ନିପ୍ର): ବେତନଟୀ ବ୍ଲକ୍ ଅନ୍ତର୍ଗତ ନଡପୁର ଗ୍ରାମ ପଂଚାୟତ ଅଧିନସ୍ଥ ଖୁଂଟାରେ ନାଇସ ପବ୍ଲିକ ସ୍କୁଲରେ ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଅଧକ୍ଷ ଡ: ଅରୁଣ କୁମାର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇ ଅତିଥି ବୃନ୍ଦଙ୍କୁ ସ୍ୱାଗତ କରାଯାଇଥିଲା । ସନ୍ତୋଷ କୁମାର ଖଣ୍ଡା ମଂଚ ପରିଚାଳନା କରିଥିଲେ, ବିଦ୍ୟାଳୟର ପୁରୋଧା ନିତ୍ୟାନନ୍ଦ ସାହୁ ବିଦ୍ୟାଳୟର କାର୍ଯ୍ୟକଳାପ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଭାବରେ ତୁଷାର କାନ୍ତ ମହାପାତ୍ର ଅଧକ୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗରୁଡ଼ ବସା, ମୁଖ୍ୟ ବକ୍ତା - ରଜତ କୁମାର ଦାଶ ପ୍ରଧାନ ଶିକ୍ଷକ ଆଶ୍ରମ ସ୍କୁଲ ରାଇକମା, ସମ୍ମାନୀୟ ଅତିଥି ସଞ୍ଜୁକ୍ତା ଜୀ ପ୍ରାକ୍ତନ ଅଧକ୍ଷା ବେତନଟୀ ମହାବିଦ୍ୟାଳୟ, ଚିନ୍ମୟୀ ମହାପାତ୍ର ପ୍ରଧାନଶିକ୍ଷୟତ୍ରୀ ନଡପୁର ଉଚ୍ଚବିଦ୍ୟାଳୟ, ବିଷ୍ଣୁଚରଣ ସାହୁ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ବରିଷ୍ଠ ସାମ୍ବାଦିକ, ସନ୍ତୋଷ କୁମାର ପାଣି ଅବସର ପ୍ରାପ୍ତ ଅଧ୍ୟାପକ, ସୁବାସ ଚନ୍ଦ୍ର ମହାପାତ୍ର ଅଧ୍ୟାପକ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିବା ସହିତ କଠୋର ପରିଶ୍ରମ କରି କର୍ତବ୍ୟ ନିଷ୍ଠା ଦ୍ୱାରା ନିଜର ଲକ୍ଷ୍ୟ ହାସଲ କରିବାପାଇଁ ପରାମର୍ଶ ଦେଇଥିଲେ । ଛାତ୍ର ଛାତ୍ରୀ ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସମନୟ ରହିଲେ ଛାତ୍ର ଛାତ୍ରୀ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିବା ସହିତ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚିତା କର୍ଷକ ନୃତ୍ୟ, ସଙ୍ଗୀତ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟତ୍ରୀଶ୍ରାବଣୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅନ୍ୟ କର୍ମଚାରୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ସର୍ବଶେଷରେ କୃପାଞ୍ଜନ ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ।


**AFFIDAVIT**

By virtue of an affidavit sworn before Executive Magistrate, Balasore dated 20.02.2026, I, Sayad Mukteja Uddin, aged 42 years, S/o- Sayad Maitap Uddin, residing At- Mianpatna, Po- Aruhabruti, Via- Dahamunda, Dist- Balasore declare that I have changed my name from Syed Gunu, S/o- Syed Maitap to Sayad Mukteja Uddin. Henceforth, I shall be known as Sayad Mukteja Uddin for all purposes.

**Sd/-**
**Sayad Mukteja Uddin**

**AFFIDAVIT**

By virtue of an affidavit sworn before Executive Magistrate, Balasore dated 25.03.2026, I, Gangadhar Mohanty, S/o- Late Baidhar Mohanty, Permanent resident of At- Gopalgaon, Po- Srikanthapur, Ps- Town, Dist- Balasore, Odisha - 756001 declare that I have changed my name from Chandan Kumar Mohanty to Gangadhar Mohanty. Henceforth, I shall be known as Gangadhar Mohanty for all purposes.

**Sd/-**
**Gangadhar Mohanty**

**No. 19001/103/2526**

PANCHAYAT SAMITI,BADASAHI
TENDER CALL NOTICE

BDO, Badasahi invites sealed tender on behalf of Govt. of Odisha for the following work in conformity with the DTCN.

BID Identification No. 02/2025-26/BDO,BADASAHI Dt. 25.03.2026.

Name of the work:

01"Construction of Additional Class Room(ACR) at Govt. U.P.S. Nariyampur , Purnachandrapur GP under Badasahi Block".

02. "Construction of Additional Class Room (ACR) at Govt. U.P.S. Gambharia, Chandanpur GP under Badasahi Block"

Date of Receipt of Tender: 25.03.2026, 10.30 A.M to 06.04.2026, 5 PM via Drop Box at Block Office.
Date of Opening of Tender: 08.04.2026, 11 A.M in the Conference Hall of BDO, Badasahi.
Terms and Conditions : Details of the Bid documents can be downloaded from the official website of the district (www.mayurbhanj.nic.in) from 25.03.2026 to 06.04.2026 .All the terms and conditions can be seen from the above website.

**OIPR. 19001/19106/1/25-26/0015**

Sd/-
Block Development Officer
Badasahi

**No. 27001/46/2526**

**OFFICE OF THE REGIONAL DIRECTOR OF EDUCATION, RAJABAGICHA, BALASORE**



Tele – 06782 - 296939, **E-MAIL :** rdebls2018@gmail.com.




**QUOTATION/TENDER CALL NOTICE NO. 04 / RDE,BLS. DT. 20.03.2026**

Sealed Quotations / Tender are invited from the Intending Bidders / Travel Agencies / individuals having GST Registration for supply of one (01) vehicle (Petrol) on hire basis for the office use of Regional Directorate of Education, Rajabagicha, Balasore. Last date of submission of quotation 30.03.2026 by 2:00 PM for details please contact with the office.

**OIPR. 27001/27065/1/25-26/0001**

**Sd/-**
**Regional Director of Education**
**Balasore**








*ଭଗବାନଙ୍କ ନିକଟରେ ଆତ୍ମସମର୍ପଣ କରି ଦେଲେ, ତାଙ୍କ ଅନୁଗ୍ରହ ପାଇଁ ଅପେକ୍ଷା କରିବାର ଆବଶ୍ୟକତା ପଡ଼ିବ ନାହିଁ ।*

# ଆଜିକାଲି



*ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ, ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ସ୍ୱଧର୍ମେନିଧନଂ ଶ୍ରେୟଃ, ପରଧର୍ମୋର ଭୟାବହଃ । (ଶ୍ରୀମଦ୍ ଭଗବଦ୍ ଗୀତା)*

ଭାବାର୍ଥ : ନିଜର କୁଳଧର୍ମ ଦୋଷମୁକ୍ତ ହେଲେ ମଧ୍ୟ ନିଜ କୁଳ ଧର୍ମରେ ମରିବା ବରଂ ଶ୍ରେୟ, ପରର କୁଳଧର୍ମ ଶ୍ରେଷ୍ଠ ହେଲେ ମଧ୍ୟ ତାହା ଗ୍ରହଣ କରିବା ଦୋଷମୁକ୍ତ ଅଟେ ।

## ରାଜ୍ୟସାରା ମଶା ଉତ୍ପାତ

ରାଜ୍ୟରେ ମଶା ଉତ୍ପାତ ନୂଆ ନୁହେଁ । ବର୍ଷବର୍ଷ ଧରିଏଭଳି ଘଟଣା ସାରା ରାଜ୍ୟରେ ବଢ଼ିବଢ଼ି ଚାଲିଛି । ଫଳରେ ମ୍ୟାଲେରିଆ, ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବା ନଜୀର ରହିଛି । ସ୍ୱାଧୀନତା ପରଠାରୁ ଯଦି ଆମେ ଦେଖିବା ତାହେଲେ ବେଶ କିଛି ବର୍ଷ ଧରି ମଶା ଉତ୍ପାତ ଯୋଗୁଁ ସହର ଠାରୁ ଗ୍ରାମ ପର୍ଯ୍ୟନ୍ତ ଲୋକେ ନାନା ସମସ୍ୟା ଦେଇ ଗତି କରିଥିଲେ । ବିଶେଷ କରି ଅବିଭକ୍ତ କୋରାପୁଟ, ଗଂଜାମ ଜିଲ୍ଲାରେ ମଶାଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଥିଲା । ଅବଶ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ମଶା ଉତ୍ପାତ ପାଇଁ ଭିନ୍ନଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଆସୁଛି । ଫଳରେ ମ୍ୟାଲେରିଆ ଜିଲ୍ଲା ବୋଲି କୁହାଯାଉଥିବା ସ୍ଥାନ ମାନଙ୍କରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ କମି ଯାଇଥିଲା । ଏବେ ଏକପ୍ରକାର ରାଜ୍ୟ ମେଲେରିଆମୁକ୍ତ ହୋଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଦାବି କରି ଆସୁଛି । ହୁଏତ ଆମେ କହିବା ଯଦିଓ ଏହି ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା କମିଛି ତଥାପି ମଶା ଉତ୍ପାତ ବଢ଼ିବାରେ ଲାଗିଛି । ସଂପ୍ରତି ଏହାର ଜ୍ୱଳନ୍ତ ପ୍ରମାଣ ମିଳି ଆସିଛି ଟ୍ୱିନ ସିଟି କଟକ ଓ ଭୁବନେଶ୍ୱର ସମେତ ସହର ଓ ଗ୍ରାମାଂଚଳରେ ମଶା ଉତ୍ପାତ ଚରମ ସୀମାରେ ପହଂଚିଲାଣି । ଏପରିକି ଦିନରାତି ସର୍ବଦା ମଶାଙ୍କ ପ୍ରାର୍ଦୁଭାବ ଯୋଗୁଁ ଲୋକେ ଚିନ୍ତା କରିବା ସ୍ୱାଭାବିକ । ବିଶେଷ କରି ରାଜଧାନୀରେ ଏହି ଘଟଣା ଲୋକଙ୍କୁ କେବଳ ଯେ ଚିନ୍ତାରେ ପକାଇଛି ତାହା ନୁହେଁମ୍ୟୁନିସିପାଲ କର୍ପୋରେସନକୁ ଘେରି ମଶା ଦାଉକୁ ତୁରନ୍ତ ସମାଧାନ ପାଇଁ ଘେରାଉ କରିଛନ୍ତି । ମଶା ସଂଖ୍ୟା ବଢ଼ିବାର ଏକମାତ୍ର କାରଣ ହେଉଛି ରାସ୍ତା ଓ ବସ୍ତି ମାନଙ୍କରେ ଅଳିଆ ଆବର୍ଜନା ନିୟମିତ ଭାବେ ପରିଷ୍କାର ହେଉ ନାହିଁ । ବର୍ଷା ଦିନରେ ପ୍ରବଳ ବର୍ଷା ଯୋଗୁଁ ପାଣି ଜମୁ ଥିବାରୁ ଏହା ଅନ୍ୟ ଏକ କାରଣ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ଯଦିଓ ମଶା ମରା ପାଇଁ ଔଷଧ ସିଂଚନ ବ୍ୟବସ୍ଥା ରାହିଛି ତାହା ମଧ୍ୟ ଠିକ୍ ସମୟରେ ହୋଇପାରୁ ନାହିଁ। ଲୋକଙ୍କ ଦାବି ପାଇଁ ଘେରାଉ ହେବା ଫଳରେ ବିଏମ୍‌ସି ପକ୍ଷରୁ କଲିକତା ଭଳି ମଶା ମାରିବା ପାଇଁ ଡ୍ରୋନ ବ୍ୟବସ୍ଥା କାର୍ଯ୍ୟ କରାଯାଉଛି । କିନ୍ତୁ ଏହା କେତେଦୂର ସମ୍ଭବ ସେ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆମର ଏଠି କହିବାର କଥା ହେଉଛି ନିୟମିତ ଭାବେ ଅଳିଆଗଦା ଗୁଡ଼ିକୁ ହଟାଯାଇ ରାଜଧାନୀର ସମସ୍ତ ସ୍ଥାନରେ ମଶାମରା ଔଷଧ ସିଂଚନ କରାଯିବ ତା ହେଲେ ମଶା ଉତ୍ପାତ ବହୁ ପରିମାଣରେ କମିବା ସମ୍ଭବ ହୋଇପାରେ । କେବଳ ଭୁବନେଶ୍ୱର କି କଟକରେ ନୁହେଁ ସାରା ରାଜ୍ୟରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସେଭଳି ପଦକ୍ଷେପ ନେବା ଜରୁରୀ । ନଚେତ୍ ମେଲେରିଆ ଓ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ।

## "ମା"

◆ କବି କାଳୀ ଦାସ



ଦୁର୍ଗାପୂଜା ଭାରତୀୟ ସଂସ୍କୃତିର ଏକ ସୁନ୍ଦର ଉପସ୍ଥାପନା ।ନାରୀ ଶକ୍ତି ଓ ମାତୃ ଶକ୍ତିର ବନ୍ଦନା କରିବାପାଇଁ ଯେମିତି ପ୍ରକୃତି ଏବଂ ସୃଷ୍ଟି ଉଭୟ ଆଗେଇ ଆସିଛନ୍ତି । ପରିବେଶ ରେ ଯେମିତି ମାଦକତା ଭରିଯାଇଛି ।ବର୍ଷା କମିଯାଇଛି, ଶିତ ଆସିନି , ଗାଁ ଠାରୁ ସହର ସବୁକିଛି ଉତ୍ସବ ମୁଖରିତ । ସକାଳୁ ସକାଳୁ ଦେବୀଙ୍କ ସ୍ତୋତ୍ର କାନ ରେ ପଡେ *"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ୍ ସଂସ୍ଥିତା ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ"* । ମନ ରେ ଅଦ୍ଭୁତ ଶିହରଣ ଖେଳି ଯାଏ । ପ୍ରତ୍ୟେକ ସହର ଓ ଗାଁରେ ଦୁର୍ଗା ମେଢ ଦେଖିବାକୁ ମିଳିଥାଏ । ଲୋକମାନେ ବର୍ଷ ସାରା ପ୍ରତୀକ୍ଷା କରିଥାନ୍ତି ଦୁର୍ଗାପୂଜାର ଆଗମନ ପାଇଁ ଘରେ ଘରେ ପିଠାପଣାର ସୁଅ ଛୁଟେ । ନୂଆ ଲୁଗା ପିନ୍ଧିବା, ବନ୍ଧୁ ମିଳନର ପରମ୍ପରା କେଉଁ କାଳ ରୁ ଚାଲି ଆସିଛି । ଅସତ୍ୟ ଉପରେ ସତ୍ୟର ବିଜୟ , ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ କୁ ଦର୍ଶାଏ ଦୁର୍ଗାପୂଜା । ମା ଦୁର୍ଗା ଅତ୍ୟାଚାରୀ ଅସୁର, ମହିଷାସୁରର ବଦ୍ଧ ମାହାଷ୍ଟମୀ ଦିନ କରିଥିଲେ । ମହିଷାସୁରର ଅତ୍ୟାଚାରରେ ତିନି ଲୋକ ଥର ହର ହେଉଥିଲା । ଦେବତା ମାନେ ମଧ ମହିଷାସୁର ସହିତ ଯୁଦ୍ଧ କରିବାପାଇଁ ସାହାସ ସଂଚୟ କରିପାରୁନଥିଲେ । ମା ଦୁର୍ଗା ସେତେବେଳେ ଏକୁଟିଆ ମହିଷାସୁର ସହିତ ଯୁଦ୍ଧ କରି ତାକୁ ମାରିଥିଲେ ଓ ତିନି ଲୋକ ରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ନାରୀ ସହନଶୀଳ ସନ୍ତାନପାଇଁ ମମତାର ପ୍ରତିମୂ[] କିନ୍ତୁ ଯେତେବେଳେ ସେହି ନାରୀ ଦେଖେ ସୃଷ୍ଟି ନଷ୍ଟ ହେବା କୁ ଯାଉଛି ସେତେବେଳେ ସିଏ ଅସ୍ତ୍ର ଧରି ଦଶଭୁଜା ହୋଇ ଅତ୍ୟାଚାରୀ ର ଅତ୍ୟାଚାର ଉପରେ ପୂର୍ଣ୍ଣଛେଦ ଲଗାଇ ଥାଏ । ଆମର ପୂର୍ବ ପୁରୁଷମାନେ ନାରୀ ଭିତରେ ଥିବା ମାହାନତା ଠିକ ବୁଝିପାରିଥିଲେ ତେଣୁ ନାରୀ ଶକ୍ତିର ସମ୍ମାନ ରେ ଏହି ପୂଜା ଓ ଆରାଧନା କୁ ନିଜ ଜୀବନ ରେ ସ୍ଥାନ ଦେଇଥିଲେ । ଦୁର୍ଗାପୂଜା ବର୍ଷ କୁ ଦୁଇ ଥର କରାଯାଇଥାଏ ଗୋଟିଏ ହେଲା ବାସନ୍ତିକ ଦୁର୍ଗାପୂଜା ଆଉଗୋଟିଏ ହେଲା ଶାରଦୀୟ ପୂଜା । ଦୁର୍ଗାପୂଜା ୯ ଦିନ ଯାଏଁ ଚାଲେ ତାକୁ ନବରାତ୍ର କୁହାଯାଏ । ମା ଙ୍କର ୯ ଟି ରୂପ କୁ ଏହି ୯ ଦିନରେ ପୂଜା କରାଯାଏ । ଅନେକ ସ୍ଥାନରେ ଲୋକମାନେ ଉପବାସ ରଖି ସଂଯମ ଜୀବନ ଯାପନ କରି ଶକ୍ତିର ଉପାସନା କରିଥାନ୍ତି . । ପ୍ରତେକ ଶକ୍ତିପୀଠ ରେ ଏହି ନବରାତ୍ର ଖୁବ ଧୁମଧାମ ରେ ପାଳନ କରାଯାଏ । ଶକ୍ତିପୀଠ ହେଲା ସେହି ଜାଗା ଯେଉଁଠି ସତୀଙ୍କ ଅଙ୍ଗ ପଡିଥିଲା । ଓଡିଶାରେ ତାରାତାରିଣୀ ପୀଠ ଏକ ମୁଖ୍ୟ ଶକ୍ତି ପିଠ । କୁହାଯାଏ ସତୀଙ୍କ ମୃତ୍ୟୁ ପରେ ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀର କୁ ଧରି ଶିବ ଉନ୍ମାଦ ହୋଇ ବୁଲିଲେ । ଭଗବାନ ବିଷ୍ଣୁ ଭଗବାନ ଶିବଙ୍କ ଏହି ଦୁର୍ଦ୍ଦଶା ଦେଖି ସହିପାରିଲେନାହି ସିଏ ନିଜର ସୁଦର୍ଶନ ଚକ୍ରେରେ ସତୀଙ୍କ ଶରୀର କୁ ଖଣ୍ଡଖଣ୍ଡ କରିଦେଲେ ସେହି ଶରୀରର ଅବଶିଷ୍ଟାଂଶ ଯେଉଁଠି ଯେଉଁଠି ପଡିଲା ସେଇଠି ଶକ୍ତିପୀଠ ସ୍ଥାପନ କରାଗଲା । ଅଭିଭାଜ୍ୟ ଭାରତରେ ପ୍ରାୟ ସମସ୍ତ ଶକ୍ତିପୀଠ ସ୍ଥାପନ କରାଯାଇଥିଲା । ଭାରତର ବିଭାଜନ ପରେ ଅନେକ ଗୁଡିଏ ଶକ୍ତିପୀଠ ପାକିସ୍ଥାନ ଏବଂ ବାଂଲାଦେଶରେ ରହିଯାଇଛି । ମୁଖ୍ୟତଃ ୫୧ ଟି ଶକ୍ତିପୀଠ ରହିଛି । ସେହି ଭିତରେ ସାରଦା ପିଠ, କାଳୀଘାଟ କାଳୀ ମନ୍ଦିର , ବିମଳା ମନ୍ଦିର , ବିଶାଳାକ୍ଷୀ ମନ୍ଦିର , ଆଲୋପିଦେବୀ ମନ୍ଦିର, ଚାମୁଣ୍ଡେଶ୍ୱରୀ ମନ୍ଦିର ମୁଖ୍ୟ ଶକ୍ତିପୀଠ । ସାରଦା ପୀଠ ପାକିସ୍ଥାନର ଅଧୀନରେ ରହିଥିବା କାଶ୍ମୀରରେ ରହିଯାଇଛି । ସତୀଙ୍କର ଡାହାଣ ହାତ ସେହି ସ୍ଥାନରେ ପଡିଥିଲା । କାଳୀଘାଟର କାଳୀ ମନ୍ଦିର ପଶ୍ଚିମବଙ୍ଗରେ ରହିଛି କୁହାଯାଏ ଯେ ସତୀଙ୍କର ଡାହାଣ ପାଦର ବୁଢା ଆଙ୍ଗୁଠି ସେଠାରେ ପଡିଥିଲା । ସେହି ପରି ପୁରୀରେ ଅବସ୍ଥିତ ବିମଳା ମନ୍ଦିର ଯେଉଁ ଠାରେ ସତୀଙ୍କ ଖାଇବା ଉଚିଷ୍ଟ ପଡିଥିଲା । ବିଶାଳାକ୍ଷୀ ମନ୍ଦିର , ବାରଣାସୀରେ ଅବସ୍ଥିତ, ସତୀଙ୍କର କାନର ଗହଣା ଓ ଆଖି ସେଠାରେ ପଡିଥିଲା । ଆଲୋପିଦେବୀ ମନ୍ଦିର, ଯେଉଁଠି ସତୀଙ୍କ ଶରୀରର ଶେଷ ଅଂଶ ପଡିଥିଲା । ଏହା ପ୍ରୟାଗରାଜରେ ଅବସ୍ଥିତ । ଚାମୁଣ୍ଡେଶ୍ୱରୀ ମନ୍ଦିର ମହିଶୂରରେ ଅବସ୍ଥିତ ଏଠାରେ ସତୀଙ୍କ ବାଳ ପଡିଥିଲା । ନବରାତ୍ରର ୯ ଦିନ ମାଆଙ୍କର ୯ ଟି ରୂପକୁ ପୂଜା କରାଯାଏ । ହିନ୍ଦୁ ଧର୍ମର ସମସ୍ତ ପୂଜା ଓ ପର୍ବାଣି ମୂଳତଃ ମଣିଷର ମନ ବୁଦ୍ଧି ଓ ଚେତନାର ଅଭିବୃଦ୍ଧି ପାଇଁ କରାଯାଏ । ମାଆଙ୍କର ପ୍ରଥମ ରୂପ ହେଉଛି "ଶୈଳ ପୁତ୍ରୀ " । ନବରାତ୍ରୀର ପ୍ରଥମ ଦିନ ଶୈଳ ପୁତ୍ରୀ କୁ ଉପାସନା କରାଯାଏ । ନାରୀ ତା ଜନ୍ମ ସମୟରେ ତା ପିତା ବା ବାପାଙ୍କ ପରିଚୟରେ ପରିଚିତ ହୋଇଥାଏ । ଦ୍ୱିତୀୟ ଦିନ ମାଆଙ୍କୁ "ବ୍ରହ୍ମଚାରିଣୀ" ରୂପେ ପୂଜା କରାଯାଏ । ପୂଜକ ବା ମାଆଙ୍କୁ ଉପାସନା କରୁଥିବା ଭକ୍ତ ମାନେ ନିଜ ମନକୁ ଏବଂ ଇନ୍ଦ୍ରିୟଙ୍କୁ ସଂଯମ କରି ମା ଙ୍କ ଉପାସନା କରନ୍ତି । ତୃତୀୟ ଦିନ ରୂପ ହେଲା "ଚନ୍ଦ୍ରଘ[।]" । ସାଧକ ବା ସାଧିକା ଯିଏ ଏହି ନବରାତ୍ର ପାଳନ କରିଥାନ୍ତି ସେମାନେ ଆଧାତ୍ମିକ ଚେତନା ପାଇବା ପାଇଁ ଧ୍ୟାନ ରତ ହୁଅନ୍ତି । ଚତୁର୍ଥ ଦିନର ରୂପ ହେଲା "କୁଷ୍ମାଣ୍ଡ ଦେବୀ " ସାଧକ ବା ସାଧିକା କୁ ଆଧାତ୍ମିକ ସାଧନାର ଏହି ଦିନ ଫଳ ମିଳେ । ମାଆଙ୍କ ପସଞ୍ଚମ ରୂପ ହେଲା "ସ୍କନ୍ଦମାତା" । ସ୍କନ୍ଧ କୁ କୋଳରେ ଧରି ମା ବସିଥାନ୍ତି । ନାରୀର ସଫଳତା ମାତୃତ୍ୱରେ ମିଳିଥାଏ ତାର ଏକ ନିଦର୍ଶନ ହେଲା ସ୍କନ୍ଧମାତା । ଷଷ୍ଠ ଦିନ ମାତାଙ୍କୁ "କାତ୍ୟାୟାନୀ" ରୂପେ ପୂଜା କରାଯାଏ । କାତ୍ୟାୟନୀ କୁ ପୂଜା କରି ସାଧକ ଆଧାତ୍ମିକ ଜ୍ଞାନ ପାଇଥାଏ । ସପ୍ତମ ଦିନ ମାଆଙ୍କୁ "କାଳ ରାତ୍ରୀ" ଭାବେ ପୂଜା କରାଯାଏ । ଅଷ୍ଟମ ଦିନ ମା ଙ୍କୁ "ମହା ଗୌରୀ" ରୂପେ ପୂଜା କରାଯାଏ ଏବଂ ନବମ ଦିନ ମା ଙ୍କୁ "ସିଦ୍ଧିଦାତ୍ରୀ " ରୂପେ ପୂଜା କରା ଯାଏ ଏବଂ ସାଧକ ବା ସାଧିକା ଆଧାତ୍ମିକ ସିଦ୍ଧି ମା ଙ୍କ ଠାରୁ ପାଇଥାନ୍ତି । ଦଶମ ଦିନ ରାବଣ ଦହନ କରାଯାଏ । ଦଶମ ଦିନ କୁ "ବିଜୟ ଦଶମୀ" ବା ଦଶହରା ମଧ୍ୟ କୁହାଯାଏ । ରାବଣ ଆହଙ୍କାର ଓ ଆତ୍ୟାଚାରର ପ୍ରତୀକ । ନାରୀଙ୍କୁ ଦୁର୍ବଳ ଅସହାୟ ମନେ କରେ ତେଣୁ ଦଶହରା ଦିନ ରାବଣ ବଦ୍ଧ ବା ରାବଣ ଦହନ ନାରୀ ଶକ୍ତିର ଜୟ ଗାନ ।

*ବ୍ରହ୍ମପୁର,ଖୋଡାସିଙ୍ଗ କଳିଙ୍ଗନଗର - ୭୨୦୫୧୦୦୮୩୯.*

## ବୃକ୍ଷ ଉପାସନାର ପର୍ବ : ସାରହୁଲ

◆ ଦଶରଥ ହେମ୍ବ୍ରମ୍

ଭାରତବର୍ଷରେ ୭୦୫ରୁ ଅଧିକଜନଜାତିର ଆଦିବାସୀବସବାସକରନ୍ତି । ତନ୍ମଧ୍ୟରୁଓଡିଶାରେ ୬୪ ଜନଜାତିର ଆଦିବାସୀ ଅଛନ୍ତି । ୧୯୭୫ ସରକାରୀ ତଥ୍ୟ ଅନୁସାରେ ୫୨ ଜନଜାତି ଆଦିବାସୀ ସରକାରୀ ସ୍ୱୀକୃତିପ୍ରାପ୍ତ ପାଇଥିବାବେଳେତାହାବୃଦ୍ଧି ପାଇ ୭୫ ଜନଜାତି ଅସୁରକ୍ଷିତ ଦୁର୍ବଳଶ୍ରେଣୀର ଆଦିମ ଆଦିବାସୀରେ ପହଂଚିଛି । ସେଥିମଧ୍ୟରୁ ଓଡିଶାରେସମୁଦାୟ ୧୩ ଜନଜାତି ଅସୁରକ୍ଷିତ ଦୁର୍ବଳ ଶ୍ରେଣୀର ଆଦିମ ଆଦିବାସୀ, ଯାହାଭାରତର ପ୍ରଥମ ଆଦିବାସୀ ବହୁଳରାଜ୍ୟକୁହାଯାଉଥିବାବେଳେ ଦ୍ୱିତୀୟକ୍ରମାନୟରେ ଅଛନ୍ତି ଆନ୍ଧ୍ରପ୍ରଦେଶ, ଯାହା ୧୨ ଜନଜାତି ଅସୁରକ୍ଷିତ ଦୁର୍ବଳଶ୍ରେଣୀର ଆଦିମ ଆଦିବାସୀରହିଛନ୍ତି । ୨୦୧୧ ଜନଗଣନା ଅନୁସାରେ ସମୁଦାୟ ଜନସଂଖ୍ୟାର ୮.୬% ଆଦିବାସୀମଧ୍ୟରୁ ପ୍ରାୟ ୯୭% ଆଦିବାସୀଗ୍ରାମ




ଓ ଅରଣ୍ୟ ଅଂଚଳରେବସବାସକରନ୍ତି । ଅବଶିଷ୍ଟ ୩% ଆଦିବାସୀ ସହରାଂଚଳରେବସବାସକରନ୍ତି । ଆଦିବାସୀମାନେ କୃଷିକୁମୁଖ୍ୟଜୀବିକା ଗ୍ରହଣକରିଥିବାବେଳେଜଙ୍ଗଲଜାତ ଦ୍ରବ୍ୟସଂଗ୍ରହକରିବା, ଗାଇ, ବଳଦ, ମଇଁଷି, ମେଣ୍ଢା, ଛେଳି, କୁକୁଡ଼ା, ପାରାଚାଷକରନ୍ତି ।ମାଛ ଧରିବା ଓ ବନ୍ୟଜନ୍ତୁଶିକାରକରିବାସେମାନଙ୍କର ଏକ ପ୍ରକାର ପରମ୍ପରାହୋଇଥାଏ । ଶ୍ରମଜୀବୀହେଲେ ମଧ୍ୟ ସେମାନେ ଜୀବନର ଦୁଃଖ, କଷ୍ଟ, ଯନ୍ତ୍ରଣା ତଥା ଭଲମନ୍ଦକୁ ସ୍ୱାଭାବିକଭାବରେ ଗ୍ରହଣକରିନିଅନ୍ତି । ଏସବୁସେମାନେ ନାଚଗୀତରେହେଉକିମ୍ବାଗପସପ ଓ କଥା ବାର୍ତାରେ ମଜ୍ଜିଯାଇ ପର ମୁହୂର୍ତରେଭୁଲିଯାନ୍ତି ।ସେମାନେ ଭଲଭାବରେଜାଣିଛନ୍ତି, କୌଣସିମୂଲ୍ୟବାନ ସମୟସବୁବେଳେମିଳେ ନାହିଁକିମ୍ବାସବୁବେଳେ ଆସେ ନାହିଁ । ଥରେହାତଛଡ଼ା କରିଦେଲେ ବରଷଶେଷ ହେଇଯାଏ ।ବରଷକଭିତରେ କଣ ହୋଇଥିବକିଏବା ଜାଣିଛି ? ଆଜିକଥା କାଲିକି ନାହିଁ, ବରଷକ କଥା କିଏବା ପଚାରେ ! ତେଣୁବଂଚିରହିଥିବାଭିତରେ ପ୍ରକୃତିକୁସାଙ୍ଗସାଥୀ କରି ନିଃସାର୍ଥ ଭଲ ପାଇବସନ୍ତି । ଅର୍ଥାତ, ପ୍ରକୃତିକୁ ଭଲ ପାଉଥିବାମଣିଷହିଁ ଆଦିବାସୀ । ଆଦିବାସୀମାନେ ସହରଠୁଖୁବ ଦୂରରେକିନ୍ତୁ ପର୍ବପର୍ବାଣିକୁଖୁବ ଧୁମଧାମରେ ପାଳନ କରନ୍ତି, ତାହା ପୁଣିବିନା ପ୍ରତିବନ୍ଧରେ । ଯେତେବେଳେସେମାନେ କୌଣସି ପର୍ବକୁ ପାଳନ କରନ୍ତି, ପାହାଡ଼ମୁଣ୍ଡରେଝଲସିଉଠୁଥିବାଚନ୍ଦ୍ର ଓ ତାରା ପରି ଆଦିବାସୀଙ୍କଜୀବନ ଯେତେସବୁ ଦୁଃଖକ୍ଳେଶକୁଏକାକାରକରିଦେଇ ଜୀବନ ପ୍ରୀତିରେଉଲ୍ଲସିତହୁଅନ୍ତି ।ବର୍ଷକମଧ୍ୟରେ ପ୍ରକୃତି ଓ କୃଷିସହିତଜଡ଼ିତ ଅନେକ ପର୍ବପର୍ବାଣି ପାଳନ କରିବାମଧ୍ୟରେ 'ସାରହୁଲ' ପର୍ବ ଆଦିବାସୀଙ୍କମୁଖ୍ୟ ପର୍ବଭାବେଗଣାହୁଏ ।ଏହା ଏକ ବସନ୍ତ ଉତ୍ସବ, ଯାହାବୃକ୍ଷରଉପାସନାବୋଲିବିବେଚନାକରାଯାଏ । ଆଦିବାସୀଙ୍କ ନୂଆବର୍ଷରଶୁଭାରମ୍ଭ ଚୈତ୍ରମାସରୁହୁଏ, ଯାହାବାରମାସର ଶ୍ରେଷ୍ଠମାସର ଆଖ୍ୟା ଦିଆଯାଏ ।ଏହିମାସରଶୁକ୍ଳ ପକ୍ଷ ତୃତୀୟ ଦିନରେ ପାଳନ କରାଯାଏକିନ୍ତୁକିଛିକିଛି ଆଦିବାସୀମାନେ କୌଣସିକାରଣରୁଏହି ପର୍ବ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରିବାରବିଧି ମଧ୍ୟ ରହିଛି । ଓଡ଼ିଶାସମେତ ଝାଡ଼ଖଣ୍ଡ, ବିହାର, ଆସାମଏବଂ ପଶ୍ଚିମବଙ୍ଗରେ ଆଦିବାସୀ ସମ୍ପ୍ରଦାୟରଲୋକମାନଙ୍କ ଦ୍ୱାରା ପାଳନ କରାଯାଇ ପ୍ରକୃତିଏବଂ ଶାଳଗଛକୁ ସମ୍ମାନିତ କରିଥାନ୍ତି ।କିନ୍ତୁ ପରମ୍ପରା ଅନୁଯାୟୀ, ଏହିଦିନରେ ପୃଥିବୀସହିତସୂର୍ଯ୍ୟ ଦେବଙ୍କ ମଧ୍ୟରେ ପବିତ୍ରବିବାହ ବନ୍ଧନ ଘଟିଥିଲା ।ତେଣୁସେହିଦିନରୁଏହି ପରମ୍ପରା ଚାଲିଆସିଛି ବୋଲିବିଶ୍ୱାସକରାଯାଏ । ସାରହୁଲହେଉଛି ଆଦିମଜନଜାତିର ଏକ ମୁଖ୍ୟ ପର୍ବ ।ଏହି ପର୍ବରେମାତା ପ୍ରକୃତି ଆଶୀର୍ବାଦ ପାଇବା ଏବଂତାଙ୍କକ୍ରୋଧରୁରକ୍ଷା ପାଇବା ପାଇଁ ପ୍ରଥମେ ଗଛ ଓ ପରେ ପଥରକୁ ପୂଜାକରାଯାଏ । ଆଦିବାସୀମାନେ ବିଶ୍ୱାସକରନ୍ତି ଯେ, ମାତା ପ୍ରକୃତି (ସଂସ୍କୃତ ଶବ୍ଦ 'ପ୍ରାକୃତୀ') ଏହିଗଛରେରହିଥାଏ ଏବଂସେଥିପାଇଁ କେତେକମନୋନୀତଶାଳଗଛର ପାଦଦେଶରେ ପୂଜାକରାଯାଏ ।ବାବା ଧର୍ମେଶ ଓ ସାରନାମାତାଙ୍କୁ ପୂଜାକରାଯାଏ ।ଏହି ଦିନରେ ପାହାନ୍ ନାମରେ ପରିଚିତଗ୍ରାମ ପୁରୋହିତସାରନାସ୍ଥଳ(ପବିତ୍ର ପୀଠ)ରେ ପୂଜାପାଠକରିଥାନ୍ତି । ଆଦିବାସୀସମ୍ପ୍ରଦାୟରମହିଳାମାନେ ସକାଳୁ ନିଜନିଜରଗୃହରୁଜଳପୂର୍ଣ୍ଣକଳସୀମୁଣ୍ଡରେ ଧରି ପୂଜାସ୍ଥଳୀରେ ପହଂଚିଥାନ୍ତି ।ଏହାପରେ ପୁରୋହିତଙ୍କ ଦ୍ୱାରା ନୂଆ ଧାନରେବାବା ଧର୍ମେଶ ଓ ମାଁସାରନାଙ୍କୁସଜେଇ ଦେବାସହସାମୂହିକ ପ୍ରାର୍ଥନା, ଜଳାଭିଷେକଏବଂ ପୂଜାପାଠ ଆଦି କରାଯାଏ ।ବାବା ଧର୍ମେଶ ଓ ମାଁସାରନାଙ୍କମିଳନ ଫଳରେ ପ୍ରକୃତି ଦେଇଥିବା ଫଳମୂଳକୁ ପ୍ରଥମେସମର୍ପଣକରାଯାଇଥାଏ ।ତା'ପରେ ପୁରୋହିତଗ୍ରାମବାସୀଙ୍କୁ ଆଶୀର୍ବାଦ ଭାବରେଶାଳଫୁଲ ବ[]ନ କରନ୍ତି, ଏହା ପରିବାର ପାଇଁଶୁଭକାମନାସ୍ୱରୂପ ବିଶ୍ୱାସରଖିଘରେରଖାଯାଏ । ଆଦିବାସୀ ଲୋକମାନେ ପାରମ୍ପରିକପୋଷାକ ପିନ୍ଧନ୍ତି, ନାଗରା ଏବଂ ଢୋଲଶବ୍ଦର ତାଳେତାଳେ ନାଚଗୀତରେ ଝୁମିଯା'ନ୍ତି । ଏହିପରିଭାବେସାରହୁଲ ପର୍ବକୁ ଆଦିବାସୀମାନେ ବିଦାୟ ଦେଇଥାନ୍ତି ।

*ବାଲେଶ୍ୱର, ମୋ-୯୩୩୭୪୦୪୨୫୪*

**ଜନ୍ମ ଜୟନ୍ତୀ ଅବସରରେ**

## ଭ୍ରମଣ ସାହିତ୍ୟର ଜନକ : ରାହୁଲ ସାଂକୃତ୍ୟାୟନ

◆ ବାଦଲ ଭୂୟାଁ



ରାହୁଲ ସାଂକୃତ୍ୟାୟନ ଥିଲେ ଜଣେ ବିଶିଷ୍ଟ ହିନ୍ଦୀ ସାହିତ୍ୟକାର । ତାଙ୍କୁ ମହାପଣ୍ଡିତ ଉପାଧିରେ ସମ୍ବୋଧନ କରାଯାଇଥାଏ । ସେ ଜଣେ ପ୍ରତିଷ୍ଠିତ ବହୁଭାଷାବିତ୍ ଥିଲେ । ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଭ୍ରମଣ କାହାଣୀ ତଥା ବିଶ୍ୱ ଦର୍ଶନ କ୍ଷେତ୍ରରେ ଲେଖନୀ ଚାଳନା କରି ବିଶେଷ ପ୍ରସିଦ୍ଧି ହାସଲ କରିପାରିଥିଲେ । ତାଙ୍କୁ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ବୋଲି କୁହାଯାଇଥାଏ । ସେ ବୌଦ୍ଧ ଧର୍ମ ଉପରେ ଗବେଷଣା କରିଥିଲେ । ତିବ୍ବତ୍ ଠାରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ । ଏହାଛଡ଼ା ସେ ମଧ୍ୟ ଏସିଆ ମଧ୍ୟ ଭ୍ରମଣ କରିଥିଲେ । ଭ୍ରମଣ କରିଥିବା ସ୍ଥାନରୁ ସେ ଅତି ଦୁର୍ଲ୍ଲଭ ଗ୍ରନ୍ଥ ସଂଗ୍ରହ କରିଥିଲେ । ସେହିସବୁ ଗ୍ରନ୍ଥ ଉପରେ ଗବେଷଣା କରି ସେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି । ସେ ଅନେକ ଭ୍ରମଣ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଜୀବନୀ ଲେଖିଯାଇଛନ୍ତି । ସେ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣୀତ ଥିଲେ । ସେଥିପାଇଁ ସେ ଲେନିନ୍, ଷ୍ଟାଲିନ୍, କାର୍ଲମାର୍କସ୍, ମାଓ ସେ ତୁଙ୍ଗଙ୍କ ଭଳି ବାମପନ୍ଥୀ ଦାର୍ଶନିକ ଜୀବନୀ ଲେଖିଥିଲେ । ସାଂକୃତୟନଙ୍କ ସ୍ମୃତିରେ ଭାରତର ସରକାରଙ୍କ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଭ୍ରମଣ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାହୁଲ ସାଂକୃତାୟନ ଜାତୀୟ ପୁରସ୍କାର ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭ୍ରମଣ ଗବେଷଣା କ୍ଷେତ୍ରକୁ ଅବଦାନ ପାଇଁ ମହାପଣ୍ଡିତ ରହୁଲ ସାଂକୃତାୟନ ୧୮୯୩ ମସିହା ଏପ୍ରିଲ ୯ ତାରିଖରେ ଉତର ପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ପାଣ୍ଡହା ଗ୍ରାମରେ ଜନ୍ମ ନେଇଥିଲେ ।



*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର : ୭୪୮୮୯୮୫୩୨*

## 'ଜ୍ଞାନପୀଠ' ବିଜୟିନୀ ମହାଦେବୀ ବର୍ମା



ଆଧୁନିକ ହିନ୍ଦୀ ସାହିତ୍ୟ ଜଗତ୍‌ର ଏକ ସୁପରିଚିତ ନାମ ମହାଦେବୀ ବର୍ମା । ସେ ସାଂସ୍କୃତିକ ହିନ୍ଦୀ ବା 'ଖଡ଼ୀ ବୋଲି'ରେ ଲେଖୁଥିଲେ । ସେ ଥିଲେ ମୁଖ୍ୟତଃ କବି । ତେବେ ଅଳ୍ପ କିଛି ଗଳ୍ପ ଏବଂ ଆତ୍ମଜୀବନୀ ମଧ୍ୟ ଲେଖ ଯାଇଛନ୍ତି । ଗଳ୍ପମାନ ତାଙ୍କ କବିତା ଗୁଡ଼ିକ ଭଳି ବେଶ୍ ପାଠକ ପ୍ରିୟତା ହାସଲ କରିଥିବା ଜଣାଯାଏ । ସେ 'ଛାୟାବାଦୀ ଯୁଗ'ର ଶ୍ରେଷ୍ଠ ଚାରି ସାହିତ୍ୟିକଙ୍କ ମଧ୍ୟରେ ଜଣେ । ଅନ୍ୟମାନେ ଥିଲେ ସୁମିତ୍ରା ନନ୍ଦନ ପନ୍ତ, ଜୟଶଙ୍କର ପ୍ରସାଦ ଓ ସୂର୍ଯ୍ୟକାନ୍ତ ତ୍ରିପାଠୀ 'ନିରାଲା' । ଛାୟାବାଦକୁ ସବୁଜବାଦୀ ହିନ୍ଦୀ ସାହିତ୍ୟର ଚାରି ସ୍ତମ୍ଭ ମଧ୍ୟରୁ ଗୋଟିଏ ଭାବେ ଧରାଯାଏ । ମହାଦେବୀଙ୍କୁ ଆଧୁନିକ ମୀରା କୁହାଯାଏ । ମାତ୍ର ସାତ ବର୍ଷ ବୟସରେ ତାଙ୍କର ବିବାହ ହୋଇ ଯାଇଥିଲା । ତେବେ ସଙ୍ଗେ ସଙ୍ଗେ ଶ୍ୱଶୁରାଳୟ ଯିବାର ଆବଶ୍ୟକତା ପଡ଼ିନଥିଲା । ତାଙ୍କ ପତି ଡକ୍ଟର ସ୍ୱରୂପ ନାରାୟଣ ବର୍ମା ଲକ୍ଷ୍ନୌରେ ପଢୁଥିବା ବେଳେ ମହାଦେବୀ ଇଲାହାବାଦ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ସେ ସଂସ୍କୃତରେ ସ୍ନାତକୋ[]ର ଉପାଧିପ୍ରାପ୍ତି । ଶ୍ୱଶୁରାଳୟ ଇନ୍ଦୋର ହୋଇଥିଲେ ହେଁ ପତିଙ୍କ ପରଲୋକ ପରେ ଇଲାହାବାଦରେ ସ୍ଥାୟୀ ଭାବେ ବସବାସ କରିଥିଲେ । ସେ ଇଲାହାବାଦର ପ୍ରୟାଗ ମହିଳା ବିଦ୍ୟାପୀଠର ପ୍ରଥମ ପ୍ରଧାନ ଶିକ୍ଷୟିତ୍ରୀ । ପରେ ସେ ଉକ୍ତ ଶିକ୍ଷାନୁଷ୍ଠାନର କୁଳପତି ହୋଇଥିଲେ । ମହାଦେବୀଙ୍କ ପିତା ଥିଲେ ଓକିଲ ଏବଂ ମାତା ସଂସ୍କୃତ ଜାଣିଥିବା ଗୃହିଣୀ । ମାତାଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସେ ବିଦ୍ୟାଳୟରେ ପଢ଼ିବା ସମୟରେ କବିତା ଲିଖନ ଆରମ୍ଭ କରିଥିଲେ । ତାଙ୍କ ଶୈଶବର ଆତ୍ମଜୀବନୀ ହେଉଛି 'ମେରେ ବଚପନ କେ ଦିନ' । 'ନିହାର', 'ରଶ୍ମୀ', 'ନୀରଜା', 'ସାନ୍ଧ୍ୟଗୀତ', 'ଦୀପଶିଖା' ଓ 'ଅଗ୍ନିରେଖା' ଆଦି ତାଙ୍କର ପ୍ରସିଦ୍ଧ କବିତା ସଂକଳନ । 'ଗିଲ୍ଲୁ' ଓ 'ନୀଳକଣ୍ଠ' ତାଙ୍କ ଦ୍ୱାରା ରଚିତ ପ୍ରସିଦ୍ଧ ଗଳ୍ପ ମଧ୍ୟରେ ଅନ୍ୟତମ । ୧୯୭୯ରେ ମହାଦେବୀ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ପାଇଥିଲେ । ୧୯୮୨ରେ ତାଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇ ଥିଲା । ୧୯୮୮ରେ ତାଙ୍କୁ 'ପଦ୍ମ ବିଭୂଷଣ'ରେ ସମ୍ମାନିତ କରାଯାଇଥିଲା । ୧୯୦୭ ମାର୍ଚ୍ଚ ୨୬ରେ ଉତର ପ୍ରଦେଶ ଅନ୍ତର୍ଗତ ଫରୁଖାବାଦରେ ମହାଦେବୀ ଜନ୍ମ ହୋଇଥିଲେ ।







# ରୁକୁଣା ରଥଯାତ୍ରା ଉପଲକ୍ଷେ


ବିଶ୍ୱର ସର୍ବୋଚ୍ଚ ଉଚ୍ଚତମ ଲିଙ୍ଗରାଜଙ୍କ ନିର୍ମିତ ରଥର ଓଜନ ମଧ୍ୟ ସେହିପରି ସର୍ବବୃହତ ହୋଇଥିବା ବେଳେ, ଏହି ରଥକୁ ବୁଲାଇବା ଆଦୌ ସମ୍ଭବପର ନୁହେଁ । ଶ୍ରୀଜୀଉ ଗୁଣ୍ଡିଚାରଥ ସହଜରେ ବୁଲାଇ ପଛକୁ ଟଣାଯାଉଥିବା ବେଳେ, ରୁକୁଣାରଥ କେବଳ ପ୍ରଭୁଙ୍କର ସିଂହାସନ ପଛକୁ ମୁହଁ କରାଯାଇ ଟଣାଯାଏ କିନ୍ତୁ ରଥ ଯେପରି ଯାଇଥାଏ ସେହିପରି ଭାବରେ ପୁଣି ପଛକୁ ଫେରିଥାଏ । ତେଣୁ କୁହାଯାଉଛି ରୁକୁଣା ରଥ ଅଣଲେଉଟା । ଏହାର ଚାରି ଚକର ଗୋଲେଇର ଓଜନ ଶ୍ରୀଜୀଉଙ୍କ ତିନି ରଥର ଓଜନଠାରୁ ଆହୁରି ଅଧିକ ଅଟେ । ସେଥିପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରଥ ବିଶ୍ୱପ୍ରସିଦ୍ଧ ବୋଲି କୁହାଯାଏ । ମହାପ୍ରଭୁ ଲିଙ୍ଗରାଜ ମହାଦେବଙ୍କ ରୁକୁଣା ରଥର ଆଉଏକ ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ମାରିଚକୁଣ୍ଡର ଜଳ ନିଲାମର ବିଧି ବ୍ୟବସ୍ଥା । ଜଳନେବା ପାଇଁ ଶ୍ରଦ୍ଧାଳୁମାନେ ସନ୍ଧ୍ୟାରୁ ଭିଡ଼ ଜମାଇଥାନ୍ତି । ରାତି ବାରଟା ଠାରୁ ଜଳ ନିଲାମ ଆରମ୍ଭ ହୁଏ । ନିଲାମର ପ୍ରଥମ ଜଳଘଡ଼ି ହଜାର ହଜାର ଟଙ୍କା ପର୍ଯ୍ୟନ୍ତ ନିଲାମରେ ଭକ୍ତମାନେ ନିଅନ୍ତି । ସର୍ବପ୍ରଥମେ ରୁକୁଣାରଥର ପ୍ରତିଷ୍ଠା ପାଇଁ ଜଳ ନିଆଁ ଯିବା ପରେ ନିଲାମ ଆରମ୍ଭ ହୁଏ । କିମ୍ବଦନ୍ତୀ ଓ ପରମ୍ପରା ।



ଅନୁଯାୟୀ, କେଦାରଗୌରୀ ମନ୍ଦିର ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ମାରିଚିକୁଣ୍ଡ ଜଳ ନିଲାମ ହୋଇଥାଏ । ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଏହି ଜଳରେ ମହିଳା ଓ ପୁରୁଷ ଭକ୍ତମାନେ ସ୍ନାନ କଲେ, ନିଃସନ୍ତାନ ଥିବା ଶ୍ରଦ୍ଧାଳୁ ଭକ୍ତମାନେ ସ୍ନାନ କଲେ ସନ୍ତାନ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଏହାର ଶାସ୍ତ୍ର କହେ, ପୁରାଣ କାଳରେ ଦୈତ ରାଜା ଦୁର୍ମିଳାଙ୍କ ଦୁଇପୁତ୍ରଙ୍କୁ ଅସୁର ପ୍ରଭୃତିର ଚରିତ୍ର ହୋଇଥିବାରୁ ମା’ ଯୋଗମାୟା ପାଦରେ ଦଳି ମାରିଥିଲେ । ଏହି ମାରିଚିକୁଣ୍ଡର ଜଳକୁ ସେବନ କରିବାସହ, ଏଥିରେ ସ୍ନାନ କରିଥିବାରୁ ମରିଚି ସନ୍ତାନପ୍ରାପ୍ତ ଲାଭ କରିଥିଲା, ସେଥିପାଇଁ ଏହି କୁଣ୍ଡର ନାମ ମରିଚିକୁଣ୍ଡ ବୋଲି କୁହାଯାଇଛି । ଶେଷରେ ମହାପ୍ରଭୁଙ୍କର ସ୍ୱର୍ଣ୍ଣାଦି ବିଜେ ଅନୁଷ୍ଠିତ ହୁଏ । ମହାପ୍ରଭୁ ପା□ଦିନ ବ୍ୟାପୀ ରାମେଶ୍ୱର ଯାତ୍ରା ଶେଷକରି ପ୍ରତ୍ୟାବ□ନ କରିବାଦିନ ଭୋର ୬ଟାରେ ମଙ୍ଗଳ ଆରତି, ଏହାପରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ, ଶ୍ରୀ ଦୋଳଗୋବିନ୍ଦ, ମା’ରୁକୁଣୀଙ୍କୁ ଖଟୁଲିରୁ ଓହ୍ଲାଇ ସ୍ନାନକାର୍ଯ୍ୟ ସମ୍ପାଦନ, ଲିଙ୍ଗରାଜ ମନ୍ଦିରର ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ପରେ ରଥ ଉପରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ବାହୁଡ଼ାଯାତ୍ରା ଆରମ୍ଭ ହୁଏ । ଏହି ଫେରିବା ସମୟ ମଧ୍ୟରେ ବାଟରେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଏବଂ ବଡୁ ନିଯୋଗ ପକ୍ଷରୁ ପ୍ରଭୁଙ୍କ ପାଖରେ ପଣା ଲଗାହୋଇଥାଏ । ପରମ୍ପରା ଅନୁଯାୟୀ ବାହୁଡ଼ିବା ବେଳେ ପ୍ରଥମେ ତିନିମୁଣ୍ଡିଆ ଛକଠାରେ ବ୍ରାହ୍ମଣ ନିଯୋଗ ପକ୍ଷରୁ ଏବଂ ପୂଜାପଣ୍ଡା ସାହି ଛକରେ ପୂଜାପଣ୍ଡା ନିଯୋଗ ସମେତ ବଢ଼େଇବାଙ୍କ ଛକଠାରେ ବଡୁ ନିଯୋଗ ପକ୍ଷରୁ ମଧ୍ୟ ପଣା ଭୋଗ ହୋଇଥାଏ । ରଥ ତିଆରି କରୁଥିବା ବଢ଼େଇମାନେ ସେହି ସ୍ଥାନର ବାସିନ୍ଦା ହୋଇଥିବାରୁ ତାଙ୍କ ରଥଟି ବାଙ୍କମୋଡ଼ ହୋଇ ଯାଉଥିବାରୁ ସେହି ଛକକୁ ବଢ଼େଇବାଙ୍କ ଛକବୋଲି କୁହାଯାଏ । ରଥଖଳାରେ ପହଂଚିବା ପରେ ଚାରମାଳ ବନ୍ଧାଯାଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ ପୂଜାର୍ଚ୍ଚନା କରିଥାନ୍ତି । ଅଶୋକାଷ୍ଟମୀ ରଥଯାତ୍ରାରେ ଲିଙ୍ଗରାଜ ମହାପ୍ରଭୁ ମା’ ପାର୍ବତୀଙ୍କୁ ସାଙ୍ଗରେ ନେଇନଥିବାରୁ ଅଭିମାନ କରିଥିଲେ । ମହାପ୍ରଭୁ ପଥୁରିଆ ସାହିଠାରେ ପହଂଚିବା ବେଳକୁ ମା’ ପାର୍ବତୀ ପାଲିଙ୍କିରେ ଆସି ରଥ ଚତୁଃପାର୍ଶ୍ୱରେ ବୁଲିଥାନ୍ତି ଏବଂ ପରେ ରଥରୁ ଖଣ୍ଡିଏ ପଟା ଚୋରି କରି ନିଅନ୍ତି । ଏହି ପରମ୍ପରାରେ ସେହି ପଟା ଶ୍ରୀ ଜଗନ୍ନାଥଙ୍କ ରଥରେ ଲାଗିହୁଏ । ତେବେ, ମା’ ପାର୍ବତୀ ମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରି ମନ୍ଦିର ପରିସରରେ ପୂର୍ବ ଉ□ର କୋଣରେ ଥିବା ଚାହାଣି ମଣ୍ଡପରେ ବସି ମହାପ୍ରଭୁଙ୍କ ସ୍ୱର୍ଣ୍ଣାଦ୍ରି ବିଜେକୁ ଅପେକ୍ଷା କରନ୍ତି । ସେହିଭଳି, ପରମ୍ପରା ଅନୁଯାୟୀ, ଶ୍ରୀଜିଉ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ବେଳେ ମା’ ପାର୍ବତୀ ଦକ୍ଷିଣଦ୍ୱାର ବନ୍ଦ କରି ରଖିବେ । ମହାପ୍ରଭୁ ମା’ଙ୍କୁ ଚାପରେ ୨୧ ଦିନ ଚନ୍ଦନ ଯାତ୍ରାପାଇଁ ପ୍ରତିଶ୍ରୁତି ଦେବାପରେ ମା’ ପାର୍ବତୀ କବାଟ ଖୋଲିବେ । ସ୍ୱର୍ଣ୍ଣାଦ୍ରି ବିଜେ ଦିନ ଏହି କବାଟକିଳା ପରମ୍ପରା ପାଳନ କରାଯାଏ । ଏକ ବିରାଟ ଶୋଭାଯାତ୍ରାରେ ସ୍ୱର୍ଣ୍ଣାଦ୍ରିବିଜେ କାର୍ଯ୍ୟକ୍ରମ ପାଳନ କରାଯାଇ ରଥ ଉପରେ ରସଗୋଲା ଭୋଗ ହୋଇ ବଂଟା ହେବାପରେ ଏହି ଶୋଭାଯାତ୍ରାରେ ମହାପ୍ରଭୁ ଲିଙ୍ଗରାଜ ମନ୍ଦିର ଭିତରକୁ ପ୍ରବେଶ କରନ୍ତି ବୋଲି କିମ୍ବଦନ୍ତୀରୁ ଜଣାଯାଏ । ଏହି ଅଶୋକାଷ୍ଟମୀ ଦିନ ଆଠଟି ଅଶୋକାକଢ଼ି ପକାଇ ସେହି ଜଳକୁ ପାନକଲେ ସକଳ ଦୁଃଖଶୋକ ଲାଘବ ହେବାର ବିଶ୍ୱାସ କରାଯାଏ । ସେଥିପାଇଁ ସମ୍ଭବତଃ ଏଇଥିଲାଗି ସୀତାଙ୍କୁ ଅଶୋକ ବନରେ ରଖାଯାଇଥିଲା ବୋଲି ଶାସ୍ତ୍ରକାରମାନେ ମତ ଦିଅନ୍ତି ।

# ପ୍ରଭୁ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥର ବିଶେଷତ୍ୱ

◆ ପ୍ରଦୀପ ସେନାପତି



କଳ୍କୀ ଯୁଗରେ ବିଶ୍ୱବିଖ୍ୟାତ ରଥାଯାତ୍ରା । ଶ୍ରୀକ୍ଷେତ୍ରର ଗୁଣ୍ଡିଚ୍ଚ ରଥଯାତ୍ରାକୁ ସମସ୍ତେ ଜାଣନ୍ତି । ଏହାର କାରଣ ବାସ୍ତବରେ ଏହି ଯାତ୍ରାରେ ୧୦ ଲକ୍ଷ ପର୍ଯ୍ୟନ୍ତ ଯାତ୍ରୀ ମାନଙ୍କର ସମାଗମ ଦେଖିବାକୁ ମିଳିଥାଏ । କିନ୍ତୁ ପ୍ରଭୁ ଶ୍ରୀଶ୍ରୀଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ରଥର ଉଚ୍ଚତା, ଗୋଲେଇ, ଚକ, ଅଖ, କାଠ ଏବଂ ଓଜନକୁ ତର୍ଜମା କଲେ କୌଣସି ପ୍ରକାର ସମାନତା ଆସେନାହିଁ । ବରଂ ଲିଙ୍ଗରାଜଙ୍କ ରଥର କାରୁକାର୍ଯ୍ୟ ଗୁଣ୍ଡିଚ୍ଚ ରଥଠାରୁ ଢେର ଗୁଣରେ ଅଧିକ । ସେଥିପାଇଁ ଏହାକୁ ବାହୁଡ଼ା ସମୟରେ ଜଗନ୍ନାଥଙ୍କ ରଥଭଳି ବୁଲାଇ ଆଣିବା ବଡ଼ କଠିନ ବ୍ୟାପାର । ବିଶ୍ୱରେ ଏହି ରଥର ଉଚ୍ଚତା, ଚକର ମାନଦଣ୍ଡ ସମସ୍ତ ରଥ ଠାରୁ ବିଶ୍ୱବିଖ୍ୟାତ ବୋଲି କୁହାଯାଇଛି । ଏହି ରଥ ଯେପରି ଭାବରେ ଯାଇଥାଏ ସେହିପରି ଭାବରେ ଅଣଲେଉଟା ଭଳି ଫେରେ । ଏହି ରଥକୁ ରୁକୁଣା ରଥ ଅଣଲେଉଟା ବୋଲି କୁହାଯାଇଛି । ଏହି ରଥର ମାଲିକ ନିଜେ ପ୍ରଭୁ ଶ୍ରୀ ଲିଙ୍ଗରାଜ ମହାଦେବ । ବିଶ୍ୱର କୋଟି କୋଟି ଲିଙ୍ଗମାନଙ୍କ ମଧ୍ୟରେ ସେ ହେଉଛନ୍ତି ରାଜା (ଲିଙ୍ଗରାଜ) । ପ୍ରଭୁ ଲିଙ୍ଗରାଜ ଏହି ରଥରେ ଯାଉଥିବା ରଥର ନିର୍ମାଣ କାର୍ଯ୍ୟ ଦୋଳ ପୂର୍ଣ୍ଣିମା ଠାରୁ ଆରମ୍ଭ ହୁଏ । ରଥର ନିର୍ମାଣ କାର୍ଯ୍ୟ ନେତ୍ରୋତ୍ସବରୁ ସରିଯାଏ । ଏହାର ସବିଶେଷ ବିଶେଷତ୍ୱ, ସବୁବର୍ଷ ଏହି ତିଥିରେ ଖବରକାଗଜରେ ପ୍ରକାଶ କରିଆସୁଛି । ତା’ପରେ କେଦାରଗୌରୀ ପୀଠସ୍ଥଳୀ ମରିଚିକୁଣ୍ଡରୁ ପାଣି ଆସେ ଓ ରଥର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୁଏ । ଗଜପତି ମହାରାଜଙ୍କ ରାଜଗୁରୁଙ୍କ ପୌରହିତ୍ୟରେ ଏହାର ସମସ୍ତ ସେବା ପୂଜା କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୁଏ । ରାଜଗୁରୁ ମରିଚୀ କୁଣ୍ଡର ପାଣିକୁ ରଥର ଉପରେ ସି□ନ କରନ୍ତି । ସମ୍ପୂର୍ଣ୍ଣ ପୂଜା ସରିବା ପରେ ସେହି ରଥ ପାଲଟିଯାଏ ପୃଥିବୀ, ତା’ର ଚକ ପାଲଟିଯାଏ ସୂର୍ଯ୍ୟ, ଚନ୍ଦ୍ର, ପୁରୁଷ ଆଉ ପ୍ରକୃତି । ‘ସ୍ୱୟଂ ବ୍ରହ୍ମା’ ସେହି ରଥର ସାରଥୀ ହୁଅନ୍ତି । ରୁକ୍, ଯଜୁଃ, ସାମ ଓ ଅଥର୍ବ ବେଦ ହିଁ ଅଶ୍ୱ ହୋଇ ଏହି ରଥରେ ଲାଗନ୍ତି । ପ୍ରଥମେ ବୃଷଭକୁ ବାହନର ମାନ୍ୟତା ଦେଇ ରଥାସୀନ କରାଯାଏ । ତା’ପରେ ନେତ ଚଢ଼େ । ନେତ ଲାଗିବା ପରେ ଅନୁଧ୍ୟାନ କରିବା ପାଇଁ ପ୍ରଭୁ ଲିଙ୍ଗରାଜଙ୍କର ବିକଳ୍ପ ପ୍ରତିମା ପଥବକ୍ର ମହାଦେବ ଆସନ୍ତି । ରଥର ସମସ୍ତ ସତାକୁ ଜୀବନ୍ତ କରି ସେ ଫେରିଯାନ୍ତି । ଏହାପରେ ଫାଲଗୁନ-ଚୈତ୍ରମାସ ଅଷ୍ଟମୀ ତିଥିରେ (ଅଷ୍ଟମୀ ଦିନ) ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର, ମାତା ଦୁର୍ଗା, ବାସୁଦେବଙ୍କ ପ୍ରତିମାଙ୍କୁ ବିଧିମତେ ପହଂଚ୍ ଯାତ୍ରା କରାଇ ବାଟ ଗଣେଶଙ୍କ ପାଖରେ ନଡ଼ିଆ ଭାଙ୍ଗି ରଥ ପାଖରେ ପହ□ ଯାଆନ୍ତି । ମନ୍ତ୍ରରେ ଚକ୍ରପୂଜା ସାରି ରଥକୁ ସତ୍ୱ, ରଜ, ତମଗୁଣରେ ତିନିଘେରା ପ୍ରଦକ୍ଷୀଣ କରନ୍ତି । ପଶ୍ଚିମପାଖ ସିଡ଼ିରେ ରଥ ଉପରକୁ ବିଜେ ହୋଇ ସିଂହାସନ ଉରିପଟେ ପୁଣି ଅନୁଲୋମ ବିଲୋମ ବିଧିରେ ତମଃ, ରଜଃ ଓ ସତ୍ୟଗୁଣରେ ତିନିଘେରା ପ୍ରଦକ୍ଷୀଣ କରାଯାଇଥାଏ । ଏହାର ଏକ ରହସ୍ୟମୟ କିମ୍ବଦନ୍ତୀ ରହିଛି । ଏହାପରେ ରଥରେ ସମୁଦାୟ ଏକାଦଶ ରୁଦ୍ରଙ୍କର ଏଗାରଗୋଟି ପୂଜା ସମ୍ପନ୍ନ ହୁଏ । ସାରଥୀ (ବ୍ରହ୍ମା) ଠାକୁରଙ୍କ ଠାରୁ ଆଜ୍ଞାମାଳ ଆଣି ତାଙ୍କର ନିର୍ଦ୍ଧାରିତ ଆସନ ଗ୍ରହଣ କଲାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୁଏ । ଏହି ରଥର ଉଚ୍ଚତା ହେଲା ୪୫ଫୁଟ । ଏହି ୪୫ଟି ସଂଖ୍ୟାଟି ରଥର ୪ଟି ଚକ ଓ ୫ ଦିନାତ୍ମକ ଯାତ୍ରାର ଅବଧିକୁ ବୁଝାଏ । ଚକର ବ୍ୟାସ ହେଲା ୮ ଫୁଟ । ଏହା ଅଷ୍ଟମୀ ଦିନ ବା ତିଥି ଥିବାରୁ ଅଷ୍ଟ ପ୍ରକୃତିର ଶକ୍ତିକୁ ବୁଝାଏ । ଚକର ମୋଟେଇ ବା ଚଉଡ଼ା ୧୦ ଇ□ ରୁହେ ଯାହାକି ଶରୀରର ଇନ୍ଦ୍ରିୟମାନଙ୍କୁ ବୁଝାଇଥାଏ । ୪ଟି ଚକ ପାଇଁ ୨ଟି ଅଖ, ମରିଚୀକୁଣ୍ଡର ସାମନାରେ ଥିବା ମୁକ୍ତେଶ୍ୱର ମନ୍ଦିର ଗାତ୍ରରେ ଏବେ ମଧ୍ୟ ୨ଟି ମୁଣ୍ଡରେ ୪ଟି ମଣିଷର ଚିତ୍ର ଖୋଦେଇ ହୋଇ ରହିଛନ୍ତି । ଏହି ୨ଟି ଅଖ ହେଲା ବୁଦ୍ଧି ଆଉ ପ୍ରାଣ । ପ୍ରତ୍ୟେକ ଅଖର ଲମ୍ବ ୨୭ ଫୁଟ ଓ ମୋଟେଇ (ଚଉଡ଼ା) ୨୭ ଇ□ । ଏହି ୨୭ ନକ୍ଷତ୍ରର ରହସ୍ୟ ମନ୍ଦିର ବେଢ଼ାରେ ଅଦ୍ୟାବଧି ଅଛନ୍ତି ଏବଂ ଜୀବକୁ ନବ ଦ୍ୱାରରେ ଜଗିଛନ୍ତି । ଏହି ୨୭ ନକ୍ଷତ୍ରର ଜ୍ଞାନ ବୁଦ୍ଧିକୁ ଆସିଲେ ପ୍ରାଣ ବୁଦ୍ଧିକୁ ମାଧ୍ୟମ କରି ମନକୁ ଅଧିନରେ ରଖିବ । ଚକ ଦୁଇଟିର ମଧ୍ୟବର୍ତୀ ଦୂରତ୍ୱ ୯ ଫୁଟ (ନଅଫୁଟ) ଯାହାକି ନବଗ୍ରହଙ୍କର ପ୍ରତୀକ । ପୀତ, ଲୋହିତ ଏବଂ ନିଳରଙ୍ଗର କପଡ଼ା ଯଥାକ୍ରମେ ପୃଥିବୀ, ସୂର୍ଯ୍ୟ ଓ ଆକାଶର ପ୍ରତିନିଧିତ୍ୱ କରନ୍ତି । ଏହି ରଥ ଯିବ ପ୍ରାୟ ୧.୫ କି. ମିଟରରୁ ଟିକେ ଅଧିକ । ଫେରିବାକୁ ମଧ୍ୟ ସେହି ଦୂରତା । ‘ଏ ଯାତ୍ରାର କବାଟ କିଳା ଆଉ ଫିଟାଇବାର ରହସ୍ୟ’ କେବଳ ମହାଶିବ ହିଁ ଏ କାବଟକୁ ମହାକାଳ ରୂପେ ଫିଟାଇଛନ୍ତି । ଜୀବ ମଧ୍ୟ ମହାଶକ୍ତି ଶିବଙ୍କର ଅଂଶ ହୋଇଥିବା ସେ ମଧ୍ୟ ଏ କବାଟକୁ ଏ ବନ୍ଧନକୁ ଫିଟାଇ ପାରିବ । ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଉଭୟ ଅଦ୍ୱୈତ ତତ୍ୱର ଆଉ ସେବ୍ୟ-ସେବକର ଦ୍ୱୈତ ତତ୍ୱର ରହସ୍ୟକୁ ନେଇ ସଂଗଠିତ ହୁଏ । ଏଥିରେ ପରମ ଆଉ ଚରମର କଥା ରହିଛି । ଏହି ୫ ଦିନାତ୍ମକ ଯାତ୍ରାର ଅବଧିରେ ମାୟା, ଅବିଦ୍ୟା ପ୍ରଭୃତି ପ୍ରତ୍ୟେକଙ୍କର ଅସ୍ତିତ୍ୱ ଅଛି । ରୁକୁଣା ରଥ ଅଣଲେଉଟା ଯାତ୍ରାରେ ଆରୋହଣ ପ୍ରକ୍ରିୟା ଜୀବ ମଧ୍ୟରେ ସଂଗଠିତ ହୁଏ । ଅଶୋକାଷ୍ଟମୀ ଯାତ୍ରାରେ ପ୍ରଭୁ ଲିଙ୍ଗରାଜ ଅଷ୍ଟ ପ୍ରକୃତିକୁ ସାଥୀରେ ନେଇ ଶ୍ରୀ ରାମେଶ୍ୱରଙ୍କ ପୀଠକୁ ଯାତ୍ରା କରନ୍ତି । ଅଶୋକାଷ୍ଟମୀ ପ୍ରଭୁ ଲିଙ୍ଗରାଜଙ୍କ ଏହି ୫ ଦିନାତ୍ମକ ଯାତ୍ରାରେ ଜୀବ ତା’ର ଭିତରେ ଥିବା ୫ ମହାଭୂତ ଆଉ ତିନି ଗୁଣକୁ ଅନ୍ତଃକରଣର ମନ, ବୁଦ୍ଧି ଆଉ ଅହଂକାରରୁ ମୁକ୍ତ କରି ଚି□ଶକ୍ତି ବା ଚେତନାର ଆଲୋକିତ ଜ୍ଞାନର ବୋଧରେ ନିଜର ସ୍ୱରୂପକୁ ଅନୁଭବ କରିନିଏ । ଅଷ୍ଟ ପ୍ରକୃତିର ସ୍ପର୍ଶ ତାକୁ ତାଡ଼ନା ନଦେଇ ଶୀତଳତା, ମଧୁରତା ପ୍ରଦାନ କରେ । ଏହା ହିଁ ଅଶୋକାଷ୍ଟମୀ ମହୋତ୍ସବର ଏକ ବଡ଼ ଆଶ୍ୱାସନା । ଅଷ୍ଟ ପ୍ରକୃତି ମହାଶକ୍ତିର ପ୍ରତିନିଧି ରୂପେ ରୁକୁଣା ରଥକୁ ସାଢେ ତିନିଘେରା ବୁଲାଣିରେ ପକାଇ ବଢେଇବାଙ୍କର ବଙ୍କାରୁ ସୁଲଖ ରାସ୍ତାକୁ ନିଅନ୍ତି । ଯାତ୍ରା ସୁରକ୍ଷିତରେ ଅସୁର କିଆରି ଡ଼େଇଁ ଅସୁରମାନଙ୍କ ରାଜା ବିଭୀଷଣ ମହାରାଜଙ୍କ ସମ୍ମାନାର୍ଥେ ଏଠାରେ ପଣାଲାଗି ଭୋଗ କରାଯାଏ । ଦେଢ କି.ମି.ରୁ ଟିକେ ଅଧିକ ରାସ୍ତାକୁ ପାର କରି ଶ୍ରୀ ରାମେଶ୍ୱରୀଙ୍କ ପୀଠରେ ପହଂଚିଯାଏ । ରାମେଶ୍ୱରଙ୍କ ଅନତି ଦୂରରୁ ରଥଟି ପ୍ରଭୁ ଲିଙ୍ଗରାଜଙ୍କ ମହାଖେଳା ମଣ୍ଡପ ଭଳି ଏକ ସ୍ଥାନରେ ଅଟକିଯାଏ । ଏହାକୁ ବିଜୟ ପଡ଼ିଆ ବୋଲି କୁହାଯାଏ । ଏହି ପଡ଼ିଆରେ ମଧ୍ୟ ଏକ ରହସ୍ୟ ରହିଛି । ରଥର ଦଉଡ଼ି ଜଗନ୍ନାଥଙ୍କ ପୀଠରୁ ଆସିଥାଏ । ଦଉଡ଼ି ସହିତ କିଛି ରୋଚକ ଖବର ପଶ୍ୟନ୍ତି ବାଣିରେ ଥାଏ । ଏହା କେବଳ ସାଧୁ ସନ୍ନ୍ୟାସୀ ମାନଙ୍କ ପାଇଁ ଉଦ୍ଦିଷ୍ଟ । ସାଂକେତିକ ଭାବରେ ଯେଭଳି ସନତ କୁମାର ଭ୍ରାତାମାନଙ୍କୁ ବୈକୁଣ୍ଠରେ ପ୍ରଭୁଙ୍କ ଦ୍ୱାରପାଳମାନେ ବିରୋଧ କରିଥିଲେ ଜୟ ଆଉ ବିଜୟ ରୂପରେ । ସେହିଭଳି ଏହି ବିଜୟ ପଡ଼ିଆ ପାଖରେ ରୂପ ଆଉ ଗୁଣ ବିଶ୍ରାମ ନିଅନ୍ତି । ନାମ ଆଗକୁ ବଢେ ସ୍ୱରୂପର ଦର୍ଶନ ପାଇଁ ସ୍ୱରୂପର ଦ୍ୱାରପାଳ ଥାଏ ଜୟ । ଥାଏ ପ୍ରଭୁ ରାମଙ୍କ ପୀଠରେ । ବିଜୟ ପଡ଼ିଆ ପାଖରୁ କେବଳ ବ୍ରହ୍ମ ହିଁ ପହଣ୍ଡି ହୋଇ ରାମେଶ୍ୱର ମନ୍ଦିର ମଧ୍ୟକୁ ଯାଆନ୍ତି । ପ୍ରଭୁ ଆଶୁତୋଷ ମାତା ପାର୍ବତୀଙ୍କୁ ମଧ୍ୟ ସାଙ୍ଗରେ ଆଣନ୍ତି ନାହିଁ । କାରଣ- ମାତା ହେଲେ ଦୃଶ୍ୟ ଜଗତର ନାମ, ରୂପ, ଆଉ ଗୁଣକୁ ଧାରଣ କରିଥିବା ଶକ୍ତି । ଏହିଠାରେ ହିଁ ନାମ, ରୂପ ଆଉ ଗୁଣର ନାନା ରକମର ବିପଣି ଉଲେ, ଯାତ୍ରା ମେଳଣ ସବୁ ହୁଏ । ଜଗତର ପିତା ଏହି ରାମେଶ୍ୱରଙ୍କ ପୀଠରେ ଜୀବଜଗତ ପାଇଁ ଅନେକ ଆଶୀର୍ବାଦ ତିଆରି କରନ୍ତି । ରୁକୁଣା ରଥ ହେଲା ରୁଗ୍‌ବେଦର ପ୍ରତୀକ । ଜୀବର ଜୀବନ ରଥର ଦର୍ଶନତତ୍ୱକୁ ସହଜ ଓ ସରଳ ବାଟରେ ଦୃଶ୍ୟ ପଥକୁ ଆଣିଥାଏ । ଏହି ରଥର ସାମନା ପଟ ଯାହା ପଛପଟ ମଧ୍ୟ ସେଇଆ । ଏହା ହେଲା ଅଦ୍ୱୈତବାଦର ଅଣଲେଉଟା ଯାତ୍ରାର କଥା । ଆହୁରି କିମ୍ବଦନ୍ତୀର ତର୍ଜମା କଲେ ଏଠାରେ ସରିବ ନାହିଁ । ବରଂ ବଢ଼ି ବଢ଼ି ଉଲିବ ଯାହା ଖବର କାଗଜରେ ଜାଗାର ଅଭାବ ଥିବାରୁ ଏହାର ବିଶେଷତ୍ୱ ଏଠାରେ ବିସର୍ଜନ କରୁଅଛି ।

*ଲେଖକ ଜଣେ ଲିଙ୍ଗରାଜ ସଂସ୍କୃତି ଗବେଷକ, ସମାନ୍ତରାପୁର, ପୁରୁଣା ଭୁବନେଶ୍ୱର-୨*
*ମୋ : ୭୮୪୮୮୯୮୪୫୬, ୯୪୩୮୪୪୬୫୭୫*

# ଅଶୋକାଷ୍ଟମୀ

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରି ଚୈତ୍ର ମାସରେ ଭୁବନେଶ୍ୱରର ଆରାଧ ମହାପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ । ଚୈତ୍ର ମାସ ଶୁକ୍ଳ ଅଷ୍ଟମୀ ଦିନ ଯାତ୍ରାକୁ ଅଶୋକାଷ୍ଟମୀ କୁହାଯାଏ । ଏହି ଦିନ ଯାତ୍ରାର ରଥକୁ ରୁକୁଣା ରଥ କୁହାଯାଏ । ଏହି ସମୟରେ ଦେବୀ ଦୁର୍ଗାଙ୍କ ବାସନ୍ତୀ ଦୁର୍ଗା ପୂଜା ଚାଲିଥାଏ ଆଉ ଅଶୋକାଷ୍ଟମୀ ପରଦିନକୁ ରାମ ନବମୀ କୁହାଯାଏ । ରମନବମୀ ପୂର୍ବଦିନ ଅଶୋକ ନାମ ଯୁକ୍ତ ଥିବାରୁ ରାମାୟଣରେ ବର୍ଣ୍ଣିତ ଅଶୋକ ବନ ସାଧାରଣତଃ ସ୍ମରଣକୁ ଆସିଥାଏ । ପ୍ରାଚୀନ ଭେଷଜ ଶାସ୍ତ୍ରରୁ ଜଣାଯାଏ ଅଶୋକ ବୃକ୍ଷ ହେଉଛି ଦୈନନ୍ଦିନ ଚିକିତ୍ସା ବିଶେଷକରି ସ୍ତ୍ରୀଲୋକମାନଙ୍କ ପାଇଁ ଉପକାରୀ । ସେହିପରି ରୁକୁଣା ରଥର ନାମା କରଣ ପଛରେ ରହିଛି ଶ୍ରୀକୃଷ୍ଣଙ୍କ ପତ୍ନୀ ରୁକ୍ମିଣୀଙ୍କ ନାମାନୁଯାୟୀ ଏହା ନାମିତ ହୋଇଛି ଯାହାକି ବୈଷ୍ଣବ ଯୁଗରୁ ଚଳି ଆସିଛି । ତେବେ ଏହି ରଥ ପ୍ରକୃତରେ ଅଶୋକଙ୍କ ସମୟରୁ



ହିଁ ଆରମ୍ଭ ହୋଇଛି । ଲିଙ୍ଗରାଜ ମନ୍ଦିର ଠାରୁ ରଥ ଯେଉଁ ପର୍ଯ୍ୟନ୍ତ ଆସେ ସେ ସ୍ଥାନଟିର ନାମ ବିଜୟ ପଡ଼ିଆ । ସମସ୍ତଙ୍କ ଧାରଣା ତ୍ରିପୁରାସୁରକୁ ବଧ କରି ଶିବ ରଥାରୋହଣ କରିଥିବା ହେତୁ ଏହି ରଥରେ ଶିବ ବିଜୟ କରନ୍ତି ଏବଂ ସେହି ରଥର ସାରଥୀ ବ୍ରହ୍ମା ହୋଇଥିବାରୁ ରୁକୁଣା ରଥର ସାରଥୀ ବ୍ରହ୍ମା କୁହାଯାଏ । ଅଶୋକ ବର୍ତ୍ତମାନର ଓଡ଼ିଆ ତଥା ତତ୍କାଳୀନ କଳିଙ୍ଗ ଜୟ କରିବାକୁ ଆସି ଯାହା କରିଥିଲେ ତାହା ଅଶୋକଙ୍କ ତ୍ରୟୋଦଶ ଶିଳାନୁଶାସନରୁ ଜଣାପଡ଼େ । ସେ ଚଣ୍ଡାଶୋକରୁ ତାଙ୍କ ହୃଦୟ ବିଚଳିତ ହୋଇ ଧର୍ମାଶୋକରେ ପରିଣତ ହୋଇଥିଲା । ଭାରତୀୟ ସଂସ୍କୃତିରେ ଚୈତ୍ରମାସ ଈଶ୍ୱର ଉପାସନା ନିମିତ ପ୍ରସିଦ୍ଧ ଲାଭ କରିଆସିଛି । ବୈଦିକ ଯୁଗରେ ଅଶ୍ୱମେଧ ଯଜ୍ଞାନୁଷ୍ଠାନ ଚୈତ୍ରମାସର ଚିତ୍ରା ନକ୍ଷତ୍ରେ ଅନୁଷ୍ଠିତ ହେଉଥିଲା । ସେହିପରି ରୁକୁଣା ରଥର ଦିଅଁମାନେ ରଥରୁ ଉତୁରି ଯେଉଁ ମନ୍ଦିରରେ ରହନ୍ତି ତାହା ରାମେଶ୍ୱର ମନ୍ଦିର ନାମରେ ପ୍ରସିଦ୍ଧ । ରାମେଶ୍ୱର ମନ୍ଦିରର କେତେ ଗଜ ପୂର୍ବ ଦକ୍ଷିଣକୁ ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିର । ଓଡ଼ିଶାର ବିଭିନ୍ନ ରଥଯାତ୍ରା ଭିତରେ ଭୁବନେଶ୍ୱରର ଅଶୋକାଷ୍ଟମୀ ରଥଯାତ୍ରା ବେଶ୍ ପ୍ରସିଦ୍ଧ । କୁହାଯାଏ ପୁରୀର ବଡ଼ ଠାକୁରଙ୍କ ରଥଯାତ୍ରା, କେନ୍ଦ୍ରାପଡ଼ାର ବଳଦେବଜୀଉଙ୍କ ରଥଯାତ୍ରା ପରେ ଭୁବନେଶ୍ୱରର ଏହି ରୁକୁଣା ରଥର ଯାତ୍ରା ଅତ୍ୟନ୍ତ ଆଡ଼ମ୍ବର ଓ ଦର୍ଶନୀୟ । ସମ୍ପ୍ରତି ମନ୍ଦିର ପରିଚାଳନା ବୋର୍ଡ଼ ବିଭିନ୍ନ ସମୟ ନିର୍ଘ[ ଭିତରେ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇ ପ୍ରଶଂସିତ ହେଉଛନ୍ତି । ଅଶୋକାଷ୍ଟମୀ ଦିନ କେବଳ ଭୁବନେଶ୍ୱରକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଶିବଙ୍କର ଉତ୍ସବ ହୁଏନାହିଁ । ଏବଂ ଏହି ଦିନ ତ୍ରିପୁରାଶୁର ମଧ୍ୟ ବଧ ହୋଇନଥିଲା । ତାହା ହୋଇଥିଲେ ସର୍ବତ୍ର ଶିବ ବା ମହାଦେବଙ୍କ ପୀଠରେ ଏ ଉତ୍ସବ ପାଳିତ ହୋଇଥାନ୍ତା । ସେହିପରି କୌତୁହଳପୂର୍ଣ୍ଣ କଥା ହେଉଛି ରଥର ନାମ ରୁକୁଣା ରଥ ହୋଇଥିବାରୁ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ରଥରେ ବସାଇ ପଳାଇ ଆସିଥିବା କଥା ସ୍ୱତଃ ମନରେ ଆସିପାରେ । ମାତ୍ର ଏଠାରେ ଏଇ ପ୍ରଶ୍ନ ଅବାନ୍ତର । କାରଣ ରୁକ୍ମିଣୀ ଶିଶୁପାଳଙ୍କୁ ବିବାହ କରିବାର ସ୍ଥିର ହୋଇଥିଲା । ଐତିହାସିକଙ୍କ ତଥ୍ୟ ଅନୁଯାୟୀ ଭୁବନେଶ୍ୱର ଶିଶୁପାଳର ନିଜ ଭୂମି । ଶିଶୁପାଳ ପକ୍ଷରେ ଏହା ଅସମ୍ମାନ ସୂଚକ ଅବସ୍ଥା । ତାହାରି ରାଜଧାନୀରେ ଏଭଳି ଅସମ୍ମାନ ସୂଚକ ବ୍ୟବସ୍ଥା କିଏ କରିବ? କେହି କେହି ଐତିହାସିକ କୁହାନ୍ତି ଯେ ଏହି ଯାତ୍ରା ସମ୍ରାଟ ଅଶୋକଙ୍କ ବିଜୟ ଚିହ୍ନ କଳିଙ୍ଗ ସ୍ୱରୂପ ସେ ଯେଉଁ ବିଜୟ ରଥଯାତ୍ରା ପ୍ରବର୍ତ୍ତନ କରିଯାଇଥିଲେ ତାହା ହିଁ ବର୍ତ୍ତମାନର ରୁକୁଣା ରଥ ।

# ରାମାୟଣର କେତୋଟି ସ୍ୱଳ୍ପଜ୍ଞାତ ବିଷୟ

◆ ଇଂ.ସଚ୍ଚିଦାନନ୍ଦ ନନ୍ଦ




ମନ୍ଥରାର ଶିକ୍ଷାର ଫଳସ୍ୱରୂପ କୈକେୟୀ ଦଶରଥଙ୍କ ଠାରୁ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଦୁଇଟି ବର ମାଗିନେଲେ ଯେ ଭରତ ରାଜା ହେବ ଓ ଦ୍ୱିତୀୟରେ ରାମ ଚଉଦ ବର୍ଷ ଲାଗି ବନବାସ କରିବ । ପୂର୍ବ ଦିନର ବ୍ୟବସ୍ଥା ଅନୁସାରେ ସେ ଦିନ ପ୍ରତ୍ୟୁଷରୁ ରାମ ନିଜର ପବିତ୍ର ସ୍ନାନାଦି କର୍ମ ସାରି ଅଭିଷେକ ପାଇଁ ପ୍ରସ୍ତୁତ ଥିଲେ । ଡାକରା ପାଇ କୈକେୟୀ ଓ ଦଶରଥଙ୍କ ପାଖେ ପହଂଚ୍ ଯାହା ଦେଖିଲେ ଓ ଶୁଣିଲେ, ସେଥିରେ ତିଳେମାତ୍ର ବ୍ୟଥିତ ନହୋଇ, ତତ୍‌କ୍ଷଣାତ ବନକୁ ଯିବା ଲାଗି ବାହାରି ପଡ଼ିଲେ । ସୀତା ଏହାଶୁଣି ପଚାରିଲେ, ‘ସ୍ୱାମୀ ! ଆପଣ ନିଜକୁ ଯେତେ ଲୁଚାଇଲେ ମଧ୍ୟ ମୋ ଆଖିରୁ ଖସି ଯାଇ ପାରିବେ ନାହିଁ । ଗତକାଲି ଠାରୁ କାହିଁକି ମୋତେ ଏ କଥା କହି ନଥିଲେ ଯେ ଆପଣ ଜାଣନ୍ତି ଯେ ଆପଣ ଆଜି ରାଜା ହେବାକୁ ଯାଉ ନାହାନ୍ତି ବୋଲି । ରାମଚନ୍ଦ୍ରଙ୍କ ଉତର ଥିଲା, ଏ ନାଟକଟି ତ ଗତକାଲି ଠାରୁ ଅଭିନୀତ ହୋଇ ନଥିଲା, କିପରି କହିଥାନ୍ତି ଓ ପିତାଙ୍କ ଆଦେଶକୁ ଅବଜ୍ଞା କରିଥାଆନ୍ତି ?’ ସୀତା କହିଲେ, ଗତ କାଲିଠାରୁ ଆଜି ଭିତରେ ଯାହା ଘଟିଗଲା, ତାହା ମଧ୍ୟ ଆପଣଙ୍କ ଇଚ୍ଛାରେ ହେଲା । ହେଲେ, ଆପଣ କାହିଁକି ରାଜା ହେବାକୁ ମନ କଲେନାହିଁ ? ରାମଚନ୍ଦ୍ର ଯେଉଁ ଉତର ଦେଲେ ତାହା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ରାମଚନ୍ଦ୍ର କହିଲେ, ‘ଆମେ ଚାରିଭାଇ ଏକା ଦିନକେ ଜନ୍ମ ହେଲୁ, ଏକା ସାଙ୍ଗରେ ଏକ ଗୁରୁଙ୍କ ପାଖରେ ରହି ପାଠ ପଢ଼ିଲୁ, ଚାରି ଜଣ ଯାକ ଏକ ସାଙ୍ଗେ ଗୁରୁକୁଳରୁ ଆସିଲୁ, ଏକ ସଙ୍ଗେ ଆମର ବିବାହ ସମ୍ପନ୍ନ ହେଲା । ସେହିପରି ଏକ ସଙ୍ଗେ ଚାରିଜଣ ଯାକ ରାଜା ହୋଇଥିଲେ ମୁଁ ରାଜା ହେବାକୁ ଇଚ୍ଛା କରିଥାଆନ୍ତି । ଯେହେତୁ କେବଳ ମୋତେ ରାଜା କରିବାକୁ ପିତା ଆଦେଶ କଲେ ମୁଁ ମୋ ଅନ୍ତରତମ ପ୍ରଦେଶରୁ ଏହା ଚାହିଁ ନଥିଲି । ତେଣୁ ଏ ନାଟକ ପରିବେଷଣ କରାଇଲି ।’ସୀତା ଠାବ କରିବାକୁ ହନୁମାନ ଯାଇ ଲଙ୍କାରେ ପହଂଚିଲା । ସେ ତ ସୀତାଙ୍କୁ ଦେଖି ନଥିଲା । କେମିତି ସୀତାଙ୍କୁ ପାଇବ, କେଉଁଠି ପାଇବ, ଏହାଭାବି ଭାବି ଯାଉ ଯାଉ ଗୋଟିଏ ଘରୁ ହରି ଶବ୍ଦ ଶୁଣାଗଲା । ଲଙ୍କାରେ ହରି ଶବ୍ଦ ତାହେଲେ ଅଛି । ସେଠାରେ ଅଟକି ଭଲ ଭାବେ ଶୁଣିଲା । ହରିନାମ ସହ ରାମ ନାମ ମଧ୍ୟ ଶୁଣିଲା, ତା ଆଗ୍ରହ ଆହୁରି ବଢ଼ିଲା । ଗୃହକର୍ତା କିଏ ବୋଲି ଜାଣିବାକୁ ଇଚ୍ଛା କଲା, କାରଣ ତାଙ୍କରି ମାଧ୍ୟମରେ ସୀତା କେଉଁଠି ଅଛନ୍ତି ଜାଣିହେବ । ଦେଖିଲାବେଳକୁ ସେ ଘରଟି ବିଭୀଷଣର ଘର । ଦୁହେଁ କଥାବାର୍ତା ହେଲେ । ବିଭୀଷଣ କହିଲା, ହେ ରାମଭକ୍ତ ହନୁମାନ, ମୁଁ ବହୁ ଦିନ ଧରି ରାମ ନାମ କରି ଆସୁଅଛି, କିନ୍ତୁ ରାମଙ୍କର ମୋ ଉପରେ କୃପା ନାହିଁ । ମୁଁ ତ ଅସୁର ବଂଶରେ ଜନ୍ମ । ମୁଁ କ’ଣ ତାଙ୍କ କୃପା ଲାଭ କରି ପାରିବି ? ହନୁମାନ କହିଲା, ହେ ବିଭୀଷଣ, ତୁମେ ତ ଅସୁର ଘରେ ଜନ୍ମ, ମୋତେ ଦେଖ, ମୁଁ ପରା ମାଙ୍କଡ଼ ଓ ମୁଁ ଯଦି ରାମକୃପା ଲାଭ କରି ପାରିଲି ତୁମେ କାହିଁକି ନପାରିବ ? କିନ୍ତୁ ଗୋଟିଏ କଥା ମନେରଖ, କେବଳ ରାମ ନାମ କଲେ କୃପା ବିଳମ୍ବିତ ହୋଇ ଯାଇ ପାରେ, ଯଦି ଶୀଘ୍ର କୃପା ପାଇବାକୁ ଚାହୁଁଛ ତେବେ ରାମ ନାମ ସହ ରାମ କାମ ମଧ୍ୟ କରିବାକୁ ହେବ । ସୀତା କେତେ ଦିନ ହେଲା ଏଠାକୁ ଆସିଲେଣି, ତୁମେ କେବେ ତାଙ୍କୁ ଭେଟିଲଣି, ଆଶ୍ୱାସନା ଦେଲଣି, ତାଙ୍କ ଦର୍ଶନ ଲାଭ କଲଣି କି ? ବିଭୀଷଣକୁ ଭଲ ଶିକ୍ଷାଟିଏ ହେଲା । ସେ କହିଲା, ‘ହନୁମାନ ପ୍ରକୃତରେ ମୁଁ ଏସବୁ କିଛି କରିନାହିଁ ଖାଲି ଘରେ ବସି ତାଙ୍କ ନାମ କରୁଛି । ଏବେ ଠାରୁ ତୁମ କଥା ମାନି ତାଙ୍କ ନାମ ସହ ତାଙ୍କ କାମ କରିବାରେ ଲାଗିବି । ମୋର ରାମ କୃପା ଆବଶ୍ୟକ ।’ ରାମ ରାବଣ ଯୁଦ୍ଧ ଚାଲିଥିବା ସମୟର କଥା । ପ୍ରତିଦିନ ସଂଧ୍ୟା ହେଲେ ଯୁଦ୍ଧ ବନ୍ଦ ହୁଏ, ପରଦିନ ସୂର୍ଯ୍ୟୋଦୟରେ ପୁନଶ୍ଚ ଯୁଦ୍ଧ ଆରମ୍ଭ ହୁଏ । ସଂଧ୍ୟା ସମୟରେ ସେନାମୁଖ୍ୟମାନେ ରାମଚନ୍ଦ୍ରଙ୍କ ପାଖରେ ଏକତ୍ର ହୁଅନ୍ତି । ରାମଚନ୍ଦ୍ର ବିଭିନ୍ନ ପ୍ରକାର କଥା ପକାଇ ସେମାନଙ୍କ ମନରେ ଆସନ୍ତା କାଲି ଯୁଦ୍ଧ ପାଇଁ ବଳ ଦେବା ପାଇଁ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରାନ୍ତି । ଥରେ ଏହି ଭଳି ଏକ ସଂଧ୍ୟାରେ ଲକ୍ଷ୍ମଣଙ୍କ ଜଙ୍ଘରେ ମୁଣ୍ଡରଖି ଆକାଶକୁ ଚାହିଁ ରାମଚନ୍ଦ୍ର ଶୋଇଥିଲେ । ଆକାଶରେ ଚନ୍ଦ୍ର ଶୋଭା ପାଉଥିଲା । ତାକୁ ଦେଖି ରାମଚନ୍ଦ୍ର ସୁଗ୍ରୀବକୁ ପଚାରିଲେ, ‘ଚନ୍ଦ୍ରରେ ଯେଉଁ କଳା ଦାଗ ଦେଖାଯାଉଛି ତାହା ବାବଦରେ କ’ଣ ଜାଣିଛ ?’ ସୁଗ୍ରୀବ କହିଲେ ସେହି ଠେକୁଆ କାହାଣୀ । ଏହାପରେ ରାମଚନ୍ଦ୍ର ବିଭୀଷଣକୁ ସେହି ଏକା ପ୍ରଶ୍ନ ପଚାରିଲେ । ବିଭୀଷଣ କହିଲେ, ଚନ୍ଦ୍ରରେ ଯେଉଁ ଖାଲୁଆ ସ୍ଥାନଗୁଡ଼ିକ ଅଛି ସେଥିରେ ସୂର୍ଯ୍ୟ କିରଣ ନ ପଡ଼ିବାରୁ ତାହା ଅନ୍ଧାରିଆ ରହି କଳା କଳା ଦେଖାଯାଉଛି । ଏହାପରେ ରାମଚନ୍ଦ୍ର ହନୁମାନଙ୍କୁ ପଚାରିଲେ, ହନୁମାନ ତୁମେ ଜାଣିଛ କି ଏ ଦାଗ ଗୁଡ଼ିକ କ’ଣ ? ହନୁମାନ କହିଲେ ‘ପ୍ରଭୁ ମୁଁ ଜାଣିଛି । ରାମଚନ୍ଦ୍ର କହିଲେ ତେବେ କହୁନ କାହିଁକି ? ହନୁମାନ କହିଲେ ମୋତେ କହିବାକୁ ଆଦେଶ ହୋଇ ନଥିଲା ବୋଲି କହୁ ନଥିଲି, ଏବେ କହିବି । ରାମଚନ୍ଦ୍ର ତଥା ଅନ୍ୟ ସମସ୍ତେ ହନୁମାନର ଉତରକୁ ଅପେକ୍ଷା କରିଥାନ୍ତି । ହନୁମାନ କହିଲେ, ‘ପ୍ରଭୁ, ଚନ୍ଦ୍ର ଗୋଟିଏ ଦର୍ପଣ ଭଳି ଉଜ୍ଜ୍ୱଳ ପଦାର୍ଥ । ଆପଣ ତା ଆଡ଼କୁ ମୁହଁ କରି ଶୋଇଛନ୍ତି । ଆପଣଙ୍କ ରଙ୍ଗ ଶ୍ୟାମଳ ଦୁର୍ବାଦଳ ଭଳି । ଚନ୍ଦ୍ରର ସେ କଳା ଦାଗ ଆପଣଙ୍କ ମୁଖର ପ୍ରତିଫଳନ ବିନା ଅନ୍ୟ କିଛି ନୁହେଁ ।’ ଏ ଉତର ଶୁଣି ସେଠାରେ ଥିବା ସମସ୍ତେ ଉପଲବ୍ଧି କଲେ, ହନୁମାନଙ୍କ ଭକ୍ତି କେତେ ଉଚ୍ଚତର । ସେ ସର୍ବତ୍ର ରାମ ଦର୍ଶନ ହିଁ କରୁଥିଲେ । ତାଙ୍କ ମୁହଁରୁ ଏହି ଉତର ବାହାର କରି ପ୍ରଭୁ, ରାମଚନ୍ଦ୍ର ହନୁମାନର ଭକ୍ତକୁ ସର୍ବସମକ୍ଷରେ ପ୍ରଶଂସନୀୟ କରିଦେଲେ । ରାବଣ ରାମଚନ୍ଦ୍ରଙ୍କ ଶରାଘାତରେ ଭୂତଳ ଶାୟୀ ହୋଇପଡ଼ି ରହିଥାଏ, କିଛି ସମୟ ଭିତରେ ତା’ର ପ୍ରାଣପକ୍ଷୀ ଚାଲି ଯିବା ଭଳି ଜଣାପଡୁଥାଏ । ଏହି ସମୟରେ ରାମଚନ୍ଦ୍ର ଲକ୍ଷ୍ମଣକୁ ଡାକି କହିଲେ, ‘ଲକ୍ଷ୍ମଣ, ରାବଣ ଜଣେ ଭଲ ଶାସକ ଥିଲା, ଆମେ ତ ରାଜ୍ୟ ଶାସନ କରିନେ, ଅଯୋଧ୍ୟା ଫେରିଲା ପରେ ଆମ ଉପରେ ସେ ଦାୟିତ୍ୱ ପଡ଼ିବା ଯାଅ, ରାବଣକୁ ରାଜ୍ୟ ଶାସନ ବିଷୟରେ କିଛି ପରାମର୍ଶ ମାଗ ।’ ଲକ୍ଷ୍ମଣ ନିଜ ଇଚ୍ଛା ବିରୁଦ୍ଧରେ, କେବଳ ଭାଇଙ୍କ ଆଦେଶ ମାନି, ରାବଣ ପଡ଼ି ଥିବା ସ୍ଥାନକୁ ଗଲା ତା’ମୁହଁ ପାଖେ ବସି ରାମଚନ୍ଦ୍ର କହିଥିବା କଥା କହିଲା । ରାବଣ କିଛି କହିଲା ନାହିଁ । ଦୁଇଥର ପଚାରିବା ସତ୍ତ୍ୱେ ସେ କିଛି ଉତର ଦେଲାନାହିଁ । ଲକ୍ଷ୍ମଣ ଫେରି ଆସି ଭାଇଙ୍କୁ ତାହା ଜଣାଇଲା । ରାମଚନ୍ଦ୍ର କହିଲେ, ଲକ୍ଷ୍ମଣ, ରାବଣ ଏ ପର୍ଯ୍ୟନ୍ତ ମରିନାହିଁ, ସେ ଯେ ପର୍ଯ୍ୟନ୍ତ ମରିନାହିଁ ସେ ପର୍ଯ୍ୟନ୍ତ ସେ ରାଜା । ଜଣେ ରାଜା ସହିତ ଯେପରି କଥାବାର୍ତା କରିବାକୁ ହୁଏ ତୁମେ ସେପରି କରିନାହଁ । ଆଉଥରେ ଯାଅ, ତାକୁ ରାଜୋଚିତ ବ୍ୟବହାର ଦେଇ ପଚାର, ସେ ଉତର ଦେବ । ଲକ୍ଷ୍ମଣ ଆଉଥରେ ଗଲେ, ଏଥର ପାଖେ ବସି ନମ୍ରତାର ସହ ସେହି ପୁରୁଣା ପ୍ରଶ୍ନ ପଚାରିଲେ । ରାବଣ ଉତର ଦେଇଥିଲା । କହିବାର କଥା ଭଗବାନ ରାମଚନ୍ଦ୍ର ନିଜର ପରମ ଶତ୍ରୁ ଠାରୁ ମଧ୍ୟ ଔଶତ୍ୟ ଜ୍ଞାନ ହରାଇ ନଥିଲେ । ଶତ୍ରୁଠାରୁ ଥିବା ଭଲ ଗୁଣକୁ ସମ୍ମାନ ଦେଉଥିଲେ । କଥାବାର୍ତା କରିବାରଶୈଳୀ ନିଜ ଭାଇକୁ ମଧ୍ୟ ଶିକ୍ଷା ଦେଲେ ।

*ଅଲିଶା ବଜାର, କଟକ : ୯୪୩୭୫୧୧୨୩୦*

# କୃଷ୍ଣ ଓ ରାମଙ୍କ ମଧ୍ୟରେ କିଏ ବଡ଼ !

◆ ବିକ୍ରମ ଦାଶ

ସଂସାରରେ ଅନେକ ପ୍ରକାର ଲୋକ ଅଛନ୍ତି । ଏହି ସଂସାରର ମାୟା



ଏପରି ଯେ ସନ୍ଦେହ, ଦ୍ୱନ୍ଦ୍ୱ ଓ ଆଶଙ୍କାରୁ କେହି ମୁକ୍ତ ହୋଇପାରନ୍ତି ନାହିଁ । ତୁଳସୀ ଦାସଙ୍କର ମହିମା ଓ ପ୍ରସିଦ୍ଧି ଯେମିତି ବଢୁଥିଲା, ସେମିତି କିଛି ଲୋକଙ୍କ ଭିତରେ ସନ୍ଦେହ ଓ ପ୍ରଶ୍ନବାଚୀ ରହିଥିଲା । ଏପରି ଏକ ଘଟଣା ଏଠାରେ ଶୁଣନ୍ତୁ । ଥରେ ତୁଳସୀ ଦାସ ବୃନ୍ଦାବନ ଯାଇଥାନ୍ତି । ବୃନ୍ଦାବନର କେତେକ କୃଷ୍ଣଭକ୍ତ ତାଙ୍କୁ ରାମଭକ୍ତ ବୋଲି ଜାଣି ପରିହାସ କରି କହିଲେ - ତୁମେ ଜାଣିଛ କି ନାହିଁ, ଶ୍ରୀରାମ ହେଉଛି ବାର କଳାର ଅବତାର ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ଷୋହଳ କଳାର ଅବତାର । ଏତିକି ଶୁଣିବା କ୍ଷଣି ଗୋସ୍ୱାମୀ ମୂର୍ଚ୍ଛିତ ହୋଇଗଲେ । ବହୁ ଉପାୟରେ ମୂର୍ଚ୍ଛା ଦୂର ହେବା ପରେ ବ୍ରଜବାସୀମାନେ କ’ଣ ହେଲା ବୋଲି ପଚାରିବାରୁ ସେ କହିଲେ ଆଜି ପର୍ଯ୍ୟନ୍ତ ମୁଁ ଶ୍ରୀରାମଙ୍କୁ କେବଳ ଦଶରଥ ରାଜକୁମାର ଓ କୌଶଲ୍ୟାନନ୍ଦ ଭାବି ଭଜୁଥିଲି । ମୋତେ ଜଣା ନଥିଲା ଯେ ସେ ଏତେ ମହାନ ଓ ବାର କଳାର ଅବତାର ବୋଲି । ତୁମ ମୁଖରୁ ତାଙ୍କର ମହିମା ଶୁଣି ମୁଁ ନିଜକୁ ସମ୍ଭାଳି ପାରିଲି ନାହିଁ । ଶ୍ରୀରାମଙ୍କ ପ୍ରତି ଗୋସ୍ୱାମୀଙ୍କ ଅଗାଧ ମାଧୁର୍ଯ୍ୟଭାବ ଦେଖି କୃଷ୍ଣଭକ୍ତମାନେ ବିସ୍ମିତ ହୋଇଗଲେ । ବାସ୍ତବରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଭିତରେ କୌଣସି ପ୍ରଭେଦ ନାହିଁ । ଦୁହେଁ ସାକ୍ଷାତ ଭଗବାନ - ‘କୃଷ୍ଣସ୍ତୁ ଭଗବାନ ସ୍ୱୟଂ (ଭାଗବତ) । ରାମସ୍ତୁ ଭଗବାନ ସ୍ୱୟଂ (ମହାରାମାୟଣ) କିନ୍ତୁ ଚନ୍ଦ୍ରବଂଶରେ ପ୍ରକଟ ହୋଇଥିବାରୁ ଶ୍ରୀକୃଷ୍ଣ ଷୋହଳ ଏବଂ ସୂର୍ଯ୍ୟବଂଶରେ ପ୍ରକଟ ହୋଇଥିବାରୁ ଶ୍ରୀରାମ ବାର କଳାଯୁକ୍ତ । ଅଜ୍ଞ ବ୍ୟକ୍ତିମାନେ ଏପରି ତର୍କ କରିଥାଆନ୍ତି ।

*ରୋଟାରୀ କ୍ଲବ, କଟକ - ବାରବାଟୀ, ସିଡ଼ିଏ, କଟକ, ଦୂରଭାଷ : ୯୮୬୧୫୬୫୨୩୭*




# ଏଚପିଭି ଟୀକାର ଗୁରୁତ୍ୱ: ଗର୍ଭାଶୟ ଗ୍ରୀବା କ୍ୟାନ୍ସର ପ୍ରତିରୋଧରେ ନୂତନ ପଦକ୍ଷେପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଫେବୃଆରୀ ୨୮ ତାରିଖରେ ଏଚପିଭି ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ, ଗର୍ଭାଶୟ ଗ୍ରୀବା କ୍ୟାନ୍ସର ନିୟନ୍ତ୍ରଣ ଓ ଜନସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏକ ଉଲ୍ଲେଖନୀୟ ମାଇଲଖୁଂଟ ଭାବେ ପରିଗଣିତ ହେଉଛି । ଏହି ପଦକ୍ଷେପ ମହିଳା ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ସହିତ ପ୍ରତିରୋଧମୂଳକ ଚିକିତ୍ସା ପ୍ରତି ଭାରତର ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରେ । ଟେଲିଭିଜନ ପର୍ଦ୍ଦାରେ ଏହି କାର୍ଯ୍ୟକ୍ରମକୁ ଦେଖିବା ସମୟରେ, ପ୍ରଧାନମନ୍ତ୍ରୀଙ୍କ କିଶୋରୀ ଓ ଯୁବତୀମାନଙ୍କ ସହ ସରଳ ଓ ସ୍ନେହପୂର୍ଣ୍ଣ କଥାବାର୍ତ୍ତା ଏହି ଅଭିଯାନକୁ ଏକ ମାନବୀୟ ସ୍ପର୍ଶ ଦେଇଥିଲା । ଏହି ଦୃଶ୍ୟ ଦେଖି ଏହା ସ୍ପଷ୍ଟ ହୋଇଥିଲା ଯେ, ଏହି ଅଭିଯାନ କେବଳ ନୀତି ମାତ୍ର ନୁହେଁ ବରଂ ଦେଶର କିଶୋରୀମାନଙ୍କ ସୁସ୍ଥ ଭବିଷ୍ୟତ ପ୍ରତି ଏକ ଗଭୀର ପ୍ରତିବଦ୍ଧତାର ପ୍ରତୀକ । ଭାରତର ସୁନିୟୋଜିତ ଏବଂ ପ୍ରଭାବୀ ଅଭିଯାନମାନଙ୍କ ମଧ୍ୟରେ ଗମ୍ଭୀର ରୋଗ ମାନଙ୍କର ବୋଝ ଧୀରେ ଧୀରେ ନିଃଶେଷ ହେବାର ଏକ ଦୀର୍ଘ ଇତିହାସ ରହିଆସିଛି । ୧୯୫୦ ଦଶକରେ ବସନ୍ତ ରୋଗର ନିରାକରଣ ଠାରୁ ଆରମ୍ଭ କରି ସମ୍ପ୍ରତି ପ୍ରଚଳନ କରାଯାଉଥିବା ପଲ୍ସ ପୋଲିଓ ଅଭିଯାନ ପର୍ଯ୍ୟନ୍ତ, ଏହି ଅଭିଯାନମାନ ନିଜ ନିଜ ସଫଳତା ନିମନ୍ତେ ପ୍ରସ୍ତୁତ କରାଯାଇଥିଲା । ସେହି ଅନୁଶାସନ ଏବଂ ଜନ ବିଶ୍ୱାସ ବର୍ତ୍ତମାନ ଏଚପିଭି ଟୀକାକରଣର ସଫଳତା ପାଇଁ ମାର୍ଗ ପ୍ରସ୍ତୁତ କରିବ । ମୁଁ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନକୁ ଆଗକୁ ବଢ଼ାଇବା ନିମନ୍ତେ କରାଯାଇଥିବା ପ୍ରୟାସକୁ ସାଧୁବାଦ ଜଣାଉଛି । ଇଣ୍ଡିଆନ କ୍ୟାନସର ସୋସାଇଟି ଦୀର୍ଘ ସମୟ ଧରି ସର୍ଭାଇକାଲ କ୍ୟାନସର ଆକ୍ରାନ୍ତ ଯୋଗୁଁ ହେଉଥିବା କ୍ଷତିକୁ ନେଇ ବେଶ୍ ଚିନ୍ତାରେ ରହିଥିଲା । ରେକର୍ଡପତ୍ରରେ ଦରଜ କରାଯାଇଥିବା ପରିସଂଖ୍ୟାନ ଆମମାନଙ୍କୁ ମହିଳାମାନଙ୍କ ବାସ୍ତବିକ ଦୟନୀୟ ସ୍ଥିତିକୁ ସୂଚାଇଥାଏ । ଆମେ ଜାଣୁ ଯେ, ଜଣେ ମା'ର ମୃତ୍ୟୁ ଘଟିଲେ ସେହି ପରିବାର କିପରି ବିପର୍ଯ୍ୟସ୍ତ ହୋଇ ପଡ଼ିଥାଏ । ଆମେ ଏଭଳି ସମସ୍ୟା ସହିତ ମଧ୍ୟ ଅବଗତ ରହିଛୁ । ମହିଳାମାନେ ଏଭଳି ସମସ୍ୟାକୁ ଚୁପଚାପ୍ ଦୀର୍ଘ ଦିନ ଧରି ସହ୍ୟ କରିଆସୁଥିଲେ । ଅଧିକତର ମହିଳାଙ୍କୁ ଚିକିତ୍ସା କେନ୍ଦ୍ର ପର୍ଯ୍ୟନ୍ତ ସେତେବେଳେ ନିଆଯାଇଥାଏ, ଯେତେବେଳେ ଏହି ବେମାରୀ ଆରୋଗ୍ୟସାଧ୍ୟ ସ୍ଥିତିରେ ନଥାଏ, ଅର୍ଥାତ୍ ଆଶାୟତ ହୋଇ ପଡ଼ିଥାଏ । ମହିଳାମାନେ କେତେବେଳେ ସୁଦ୍ଧା ଖୋଲାଖୋଲି ଭାବେ କୌଣସି ପ୍ରକାର ଅଭିଯୋଗ କରି ନଥାଆନ୍ତି । ସେମାନେ ନିଜର ଗୁପ୍ତାଙ୍ଗରେ ହେଉଥିବା ଦରଜ କିମ୍ବା ସମସ୍ୟା ସମ୍ପର୍କରେ ସ୍ୱାଭାବିକ ଭାବରେ କାହାରି ଆଗରେ କଥାବାର୍ତ୍ତା ସୁଦ୍ଧା ହୋଇ ନଥାଆନ୍ତି । ଯେତେବେଳେ ଶସ୍ତା ହେବା କାରଣ "ଦୃଶ୍ୟ ନିରୀକ୍ଷଣ"ର ପରାମର୍ଶ ସେମାନଙ୍କୁ ଦିଆଯାଇଥାଏ ସେତେବେଳେ ଆମକୁ ଲାଗେ ଯେ ଏହା ମହିଳାମାନଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ଭଳି ଏକ କାର୍ଯ୍ୟ । ସତେ ଯେପରି ସେମାନଙ୍କ ଗାରିମା ସହିତ ସାଲିସ କରାଯାଉଛି !

ଯେତେବେଳେ ୧୯୫୦ ଦଶକରେ ହିଁ ୟୁରୋପ ଏବଂ ଆମେରିକାରେ ପେପ୍ ସ୍ମିୟର ଭଳି ଉତମ ଏବଂ ଅଧିକ ବୈଜ୍ଞାନିକ ପରୀକ୍ଷଣ ମାଧ୍ୟମରେ ସ୍କ୍ରିନିଂ, ନିଦାନ ଏବଂ ପରିଣାମରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଥିଲା, ସେତେବେଳେ ଆମେ କେବଳ ଶସ୍ତା ହେବା କାରଣରୁ କମ୍ ପ୍ରଭାବୀ ଉପାୟ ଉପରେ କାହିଁକି ନିର୍ଭରଶୀଳ ହୋଇ ରହିଥିଲେ । କ'ଣ ଭାରତୀୟ ମହିଳାମାନଙ୍କ ଜୀବନର ମୂଲ୍ୟ ଏତେ କମ୍ ? ଇଣ୍ଡିଆନ୍ କ୍ୟାନସର ସୋସାଇଟି ପେପ୍ ପରୀକ୍ଷଣ ଏବଂ ବର୍ତ୍ତମାନ ଏଚପିଭି ଡିଏନଏ ସ୍କ୍ରିନିଂ ଟେଷ୍ଟ ନିମନ୍ତେ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରିଛନ୍ତି । ଆମେ ଥର୍ମାଲ ଇଭାଲୁଏସନ ଦ୍ୱାରା ଘାଆକୁ ଚିହ୍ନିବା ଏବଂ ଏହାର ସଠିକ ଉପଚାର ନିମନ୍ତେ ଦ୍ୱିତୀୟକ ସ୍କ୍ରିନିଂ କରିବାର ବ୍ୟବସ୍ଥା କରିଛୁ । ଆମେ ସେହିସବୁ ମହିଳାମାନଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରୁଛୁ, ଯେଉଁମାନଙ୍କର କ୍ୟାନସର ଏହି ସରଳ ଉପାୟ ଅବଲମ୍ବନ ଦ୍ୱାରା ଆଗକୁ ବଢ଼ି ସାରିଛି । କିନ୍ତୁ କାହିଁକି ଏକ ଚିକିତ୍ସାଯୋଗ୍ୟ ସଂକ୍ରମଣକୁ ଏପରି ଏକ ଭୟଙ୍କର ରୋଗରେ ପରିଣତ ହେବାକୁ ଦିଆଯିବ । ଏଚପିଭି ଟୀକା ୨୦୦୮ ମସିହାରେ ହିଁ ଆବିଷ୍କୃତ ହୋଇଥିଲା ଏବଂ ଭାରତରେ ଏହାର ଶୁଭାରମ୍ଭ ୨୦୧୦ ମସିହାରେ କରାଯାଇଥିଲା । ଗୁଜରାଟ ଏବଂ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା ଯେଉଁଠାରେ ତିନି ଡୋଜବାଲା କାର୍ଯ୍ୟସୂଚୀ ଲାଗୁ କରାଯାଇ ଥିଲା । ୯ ଠାରୁ ୧୪ ବର୍ଷ ଆୟୁସୀମା ବର୍ଗର କେଇ ହଜାର କିଶୋରୀଙ୍କୁ ଏହି ଟୀକା ପ୍ରଦାନ କରାଯାଇଥିଲା । ପୁନଶ୍ଚ ଏଂଟି ଭେକ୍ସିନ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ଆତ୍ମହତ୍ୟା, ପାଣିରେ ବୁଡ଼ି ମରିବା ଏବଂ ଟ୍ରେନ୍ ଦୁର୍ଘଟଣା ଭଳି ଘଟଣା ଭଳି ଭୟାନକ କାହାଣୀମାନ ବ୍ୟାପକ ମାତ୍ରାରେ ପ୍ରସାରିତ ହୋଇଯାଇଥିଲା । ଏଭଳି ଦୁଃଖଦ ଘଟଣାମାନ କିଭଳି ଭାବରେ ଟୀକା ସହିତ ସମ୍ବନ୍ଧୀତ ଥିଲା, ଏହା ମୋ ପାଇଁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରିନାହିଁ । ସତର୍କତାମୂଳକ ପଦକ୍ଷେପ ଭାବରେ ବ୍ୟାପକ ମାତ୍ରାରେ ଏଭଳି ଟୀକା ଉତ୍ପାଦନ କରିବା କାର୍ଯ୍ୟକ୍ରମକୁ ସେଥିପାଇଁ ସ୍ଥଗିତ ରଖିବାକୁ ପଡ଼ିଥିଲା । କିନ୍ତୁ, ଏହା ଏକ ଖୁସି ଖବର ଥିଲା ଯେ ଏ ସମ୍ପର୍କରେ କରାଯାଇଥିବା ଗବେଷଣା ଉପରେ କୌଣସି ପ୍ରତିବନ୍ଧକ ଲାଗି ନଥିଲା । ଅସଂଖ୍ୟ କିଶୋରୀଙ୍କୁ ସମ୍ପୂର୍ଣ୍ଣ ଡୋଜ୍ ନ ମିଳିବା କାରଣରୁ ଗବେଷକମାନଙ୍କୁ ଦୀର୍ଘକାଳୀନ ଫଲୋ-ଅପର ଏକ ମୂଲ୍ୟବାନ ଅବସର ମିଳିଥିଲା । ଯେଉଁସବୁ କିଶୋରୀମାନଙ୍କୁ ଟୀକାର ମାତ୍ର ଗୋଟିଏ ଡୋଜ୍ ଦିଆଯାଇଥିଲା, ସେମାନେ ଅନ୍ୟ କିଶୋରମାନଙ୍କ ଭଳି ସୁସ୍ଥ ଭାବରେ ବଢ଼ିଥିଲେ, ଯେଉଁମାନଙ୍କୁ ଟୀକାର ଦୁଇଟି ଡୋଜ୍ କିମ୍ବା ତିନୋଟି ଡୋଜ୍ ଦିଆଯାଇଥିଲା । ଏହା ଫଳରେ ଆଜି ଏକ ସରଳୀକୃତ କାର୍ଯ୍ୟକ୍ରମର ମୂଳଦୁଆ ସ୍ଥାପିତ ହୋଇପାରିଛି । ଅନେକ ବିଶିଷ୍ଟ ଗବେଷକ ଏହି ଗବେଷଣା କାର୍ଯ୍ୟରେ ସାମିଲ ରହିଛନ୍ତି । ସେମାନଙ୍କ ମଧ୍ୟରେ ଡାକ୍ତର ପାର୍ଥ ବସୁ (ଆଇଏଆରସି ଡବ୍ଲୁଏଚଓ) ମଧ୍ୟ ସାମିଲ ଅଛନ୍ତି । ସେମାନେ ଏହି କଥା ଉପରେ ଜୋର ଦେଇଛନ୍ତି ଯେ ଭାରତରେ ଏଚପିଭି ଟୀକାକରଣର ଶୁଭାରମ୍ଭ ଫଳରେ ଭବିଷ୍ୟତରେ ପାଖାପାଖି ଦଶ ଲକ୍ଷ ସର୍ଭାଇକାଲ କ୍ୟାନସର ମାମଲାକୁ ରୋକାଯାଇ ପାରିବ । ୧୭,୭୨୯ ଜଣ କିଶୋରୀମାନଙ୍କ ଉପରେ ୧୫ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ କରାଯାଇଥିବା ଦୀର୍ଘକାଳୀନ ଭାରତୀୟ ଗବେଷଣାରୁ ଜଣାପଡ଼ିଛି ଯେ, ଏହି ଟୀକା ଯଥେଷ୍ଟ ସୁରକ୍ଷିତ ଅଟେ ଏବଂ ଏହାର ଏକ ଡୋଜ୍ ହିଁ ହିତଧାରକମାନଙ୍କୁ ପ୍ରଭାବୀ ସୁରକ୍ଷା ପ୍ରଦାନ କରିବାକୁ ସକ୍ଷମ । ସେମାନଙ୍କ ମତ ଯେ ସରଳ ବିତରଣ ପ୍ରଣାଳୀ ଏବଂ ବ୍ୟାପକ କଭରେଜ୍ ସହିତ ଭାରତ ଭବିଷ୍ୟତରେ ସର୍ଭାଇକାଲ କ୍ୟାନସରର ବୋଝକୁ ଯଥେଷ୍ଟ ମାତ୍ରାରେ ହ୍ରାସ କରିପାରିବ । ମୁଁ ଦିବଙ୍ଗତ ଡାକ୍ତର ଶଙ୍କର ନାରାୟଣଙ୍କୁ ଏହି ଅବସରରେ ନମନ କରୁଛି, ଯିଏ ବର୍ଷ ବର୍ଷ ଧରି ନିରନ୍ତର ଏହି ଦିଗରେ ନିଜର ଗବେଷଣା ଜାରି ରଖି ଏଥିରୁ ଇପ୍ସିତ ପରିଣାମ ପ୍ରାପ୍ତ ହୋଇଥିଲେ ଏବଂ ଡାକ୍ତର ବସୁଙ୍କୁ ଏହି ଦୀର୍ଘକାଳୀନ ଅଧ୍ୟୟନକୁ ଜାରି ରଖିବା ନିମନ୍ତେ ମଧ୍ୟ ଧନ୍ୟବାଦ ଜ୍ଞାପନ କରୁଛି । ସେମାନଙ୍କର କାର୍ଯ୍ୟ, ପିଏଟିଏଚ ଏବଂ ଅନ୍ତରାଷ୍ଟ୍ରୀୟ ସହଯୋଗୀମାନଙ୍କୁ ତଥା ରାଷ୍ଟ୍ରୀୟ ଶୋଧକର୍ତ୍ତା ମାନଙ୍କ ଦ୍ୱାରା କରାଯାଇଥିବା ଅନ୍ୟ କାର୍ଯ୍ୟାବଳୀର ପ୍ରଭାବକାରୀତା ଏବଂ ସୁରକ୍ଷା-ଉଭୟରେ ବିଶ୍ୱାସକୁ ମଜଭୁତ କରିଛି । ବୈଶ୍ୱିକ ଅନୁଭବ ଏହି ବିଶ୍ୱାସକୁ ମଧ୍ୟ ଅଧିକ ମଜଭୁତ କରେ । ଅଷ୍ଟ୍ରେଲିଆରେ, ସରକାରୀ ଅର୍ଥ ଅନୁଦାନରେ ପରିଚାଳିତ ବିଦ୍ୟାଳୟ-ଆଧାରିତ ଏଚପିଭି ଟୀକାକରଣ ୨୦୦୭ ମସିହାରେ ଆରମ୍ଭ କରାଯାଇଥିଲା । ପରେ କିଶୋରୀମାନଙ୍କ ପର୍ଯ୍ୟନ୍ତ ଏହା ବିସ୍ତାରିତ ହୋଇଥିଲା । ୨୦୨୩ ମସିହାରେ ଏହାର ଏକ ଡୋଜ୍ ପ୍ରଦାନ କାର୍ଯ୍ୟକ୍ରମ ଭାବରେ ପରିବର୍ତ୍ତିତ ହୋଇଥିଲା । ପ୍ରଫେସର ଡେବୋରା ୱ୍ୱେଟସନ ଯାହା କହନ୍ତି, ୨୦୨୧ ମସିହାରେ ୨୫ ବର୍ଷରୁ କମ୍ ଆୟୁଯୁକ୍ତ ମହିଳାମାନଙ୍କ ଗର୍ଭାଶୟ ଗ୍ରୀବାରେ କ୍ୟାନସରର କୌଣସି ମାମଲା ସେମାନଙ୍କ ନଜରକୁ ଆସି ନଥିଲା, ଯାହା ରେକର୍ଡ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ହୋଇଥିଲା । ଏହି ଉପଲବଧି ବ୍ୟାପକ ମାତ୍ରାରେ ନିରନ୍ତର ଉଚ୍ଚ ଟୀକାକରଣ କଭରେଜ୍ କାରଣରୁ ହିଁ ହାସଲ କରାଯାଇ ପାରିଥିଲା । ହଂଙ୍ଗ ଆଉ ଏକ ଉଦାହରଣ ପ୍ରଦାନ କରେ । ସ୍କୁଲ-ଭିତିକ ଟୀକାକରଣ, କ୍ୟାଚ୍-ଅପ୍ କାର୍ଯ୍ୟକ୍ରମ ଏବଂ ଅଭିନବ ସ୍ୱ-ନମୁନା ପରୀକ୍ଷା ପଦକ୍ଷେପଗୁଡ଼ିକ କଭରେଜକୁ ସ୍ଥିର ଭାବରେ ଉନ୍ନତ କରିଛି । କାଥାରିନା ରିମର ଏବଂ ଡକ୍ଟର କରେନ ଚାନ ବର୍ଣ୍ଣନା କରିଛନ୍ତି ଯେ କିପରି ପ୍ରାଥମିକ ବିଦ୍ୟାଳୟର ଝିଅମାନଙ୍କ ପାଇଁ ମାଗଣା ଟୀକାକରଣ, ଦୃଢ଼ କାର୍ଯ୍ୟାନ୍ୱୟନ ଗବେଷଣା ଏବଂ ବିସ୍ତାରିତ ସ୍କ୍ରିନିଂ ପ୍ରବେଶ ହଂଙ୍ଗକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ଦୂରୀକରଣ ଲକ୍ଷ୍ୟ ସହିତ ସମାନ କରିଛି । ଆସନ୍ତୁ ସେମାନଙ୍କ ସଫଳତାର କାହାଣୀରେ ଯୋଗଦାନ କରିବା । ଆସନ୍ତୁ ଆମ ଝିଅମାନଙ୍କୁ ଟୀକା ଦେବା ଏବଂ ଆମ ମା'ମାନଙ୍କୁ ସ୍କ୍ରିନିଂ କରିବା । ଯୋଜନା, କଭରେଜ୍ ଏବଂ ଜନସାଧାରଣଙ୍କ ବିଶ୍ୱାସ ସହିତ, ଆମେ ଏକ ପ୍ରମୁଖ

**ଜ୍ୟୋତ୍ସ୍ନା ଗୋଭିଲ୍**

ଜନସ୍ୱାସ୍ଥ୍ୟ ବିପଦ ଭାବରେ ସର୍ଭାଇକାଲ୍ କର୍କଟକୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆହ୍ୱାନକୁ ପୂରଣ କରିପାରିବା । ଭାରତରେ ରାଷ୍ଟ୍ରୀୟ ଟୀକାକରଣ ପ୍ରଣାଳୀଗୁଡ଼ିକରେ ଟୀକାଗୁଡ଼ିକୁ ସାମିଲ କରିବା ଅଧିକତର ବୈଜ୍ଞାନିକ ଯାଂଚ, ଯୋଗାଣ ଗ୍ୟାରେଂଟି ଏବଂ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରସ୍ତୁତି କାରଣରୁ ଅଧିକ ସମୟ ନେବାକୁ ପଡ଼ିଥାଏ । ତେବେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚିନ୍ତା କରିବା ଏବଂ ଏହାକୁ ଉପଲବଧି କରିବା ଉପରେ ଧ୍ୟାନ ପ୍ରଦାନ କରାଯାଇଛି । ଏହା ପୂର୍ଣ୍ଣ ଆଶ୍ୱାସନା ପ୍ରଦାନ କରେ ଯେ ଆଉ ଥରେ ଏହାକୁ ପ୍ରବର୍ତ୍ତନ କରାଗଲେ ଏହା କଦାପି ବିଫଳ ହେବନାହିଁ । କ୍ୟାନସର ସଂକ୍ରମଣ ଆରମ୍ଭ ପୂର୍ବରୁ ହିଁ ଏହାକୁ ରୋକିବା ଦୂରଦର୍ଶିତାର ଏକ ଅସାଧାରଣ ଉଦାହରଣ ହେବ ଏବଂ ଭାରତ ସରକାରଙ୍କ ଏହି ନୈତିକ ସ୍ୱଷ୍ଟତାକୁ ସାଧୁବାଦ ଜଣାଯିବା ଜରୁରୀ । ଏହା ସହିତ ଏକଥା ମଧ୍ୟ ଆଶା କରାଯାଇପାରେ ଯେ ଟୀକାକରଣ କରାଯିବା ଫଳରେ ସ୍କ୍ରିନିଂ ଏବଂ ସଚେତନତାର ଯାତ୍ରା ଆଉ ଅଟକିଯିବ ନାହିଁ ଏବଂ ଆଗାମୀ ପିଢ଼ି ଏହି ଅବସରକୁ ଭାରତ ଦ୍ୱାରା ପ୍ରବଧାନକୁ ପ୍ରାଥମିକତା ପ୍ରଦାନ କରିବା ରୂପରେ ସ୍ମରଣ ରଖିବେ ଏବଂ ଭାରତ ପୋଲିଓ ଏବଂ ବସନ୍ତ ଭଳି ଏହି ରୋଗକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବାର ଏକ ସଫଳ ଉଦାହରଣ ଭାବରେ ମୁଣ୍ଡ ଟେକିବ ।

***(ଲେଖିକା ଇଣ୍ଡିଆନ କ୍ୟାନସର ସୋସାଇଟି, ଦିଲ୍ଲୀ ଶାଖାର ଅଧ୍ୟକ୍ଷ ଭାବରେ କାର୍ଯ୍ୟରତ)***

# ନାଗରିକ ଭିତିଭୂମିର ଉନ୍ନତି ପାଇଁ ଏମ୍.ସି.ଏଲ୍. ଦ୍ୱାରା ସ୍ୱାକ୍ଷର ହେଲା ବୁଝାମଣା ପତ୍ର





ସମ୍ବଲପୁର(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍.) ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଧଉରାଗୋଠ ଗ୍ରାମରେ ନାଗରିକ ଭିତିଭୂମିର ବିକାଶ ପାଇଁ ଏକ ଏମ.ଓ.ୟୁ. ସ୍ୱାକ୍ଷର କରିଛି । ଏମ୍.ସି.ଏଲ୍, ଏହାର ସିଏସ୍ଆର୍ ପଦକ୍ଷେପ ଅଧୀନରେ, ଏହି ଗ୍ରାମରେ ୧୩ ଟି ସିମେଂଟ କଂକ୍ରିଟ୍ (ସିସି) ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ, ଅନୁଗୁଳକୁ ୭୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବ । ଏହି ପ୍ରକଳ୍ପ ଦ୍ୱାରା ନୂତନ ଭାବେ ବିକଶିତ ହୋଇଥିବା ଆସନବାହାଲ ଏବଂ ତୁଲୁକା କଲୋନୀରେ ରହୁଥିବା ପ୍ରାୟ ୧୧୦ଟି ପୁନର୍ବାସିତ ପରିବାର ଉପକୃତ ହେବେ ଏବଂ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଆବଶ୍ୟକତା ପୂରଣ ହେବ । ଏହି ପଦକ୍ଷେପ ଦ୍ୱାରା ସୁଗମ୍ୟତାକୁ ବୃଦ୍ଧି କରିବା, ଗତିବିଧିକୁ ସହଜ କରିବା ଏବଂ ଅତ୍ୟାବଶ୍ୟକ ସେବାଗୁଡିକର ବିତରଣରେ ଉନ୍ନତି ଆଣିବା ଆଶା କରାଯାଉଛି, ଯାହା ଦ୍ୱାରା ଆଖପାଖର ସମ୍ପ୍ରଦାୟକୁ ଏକ ଉନ୍ନତ ମାନର ଜୀବନଶୈଳୀ ମିଳିବା ସହିତ ଲାଭାନ୍ୱିତ ହୋଇ ପାରିବେ । ଏହି ବୁଝାମଣାପତ୍ରରେ ଅନୁଗୁଳର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଅବଦଲ୍.ଏମ୍ ଅଖତର ଏବଂ ଏମ୍.ସି.ଏଲ୍. ର ଜେନେରାଲ ମ୍ୟାନେଜର (ସିଭିଲ୍ ୱ୍ୱେଲଫେୟାର୍ - ଟି.ଏ ଏବଂ ସିଏସ୍ଆର) ଜ୍ୟୋତିର୍ମୟ ସିହ୍ନାଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଆବଶ୍ୟକତା-ଆଧାରିତ ସି.ଏସ୍.ଆର. ପ୍ରକଳ୍ପ ମାଧ୍ୟମରେ, ଏମ୍.ସି.ଏଲ୍. ସ୍ଥାନୀୟ ପ୍ରଶାସନ ସହିତ ଭାଗିଦାରୀ କରି ତୃଣମୂଳ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ଏହାର ପରିଚାଳନା କ୍ଷେତ୍ରରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ପ୍ରତିବଦ୍ଧ ରହିଛି ।

# ହିଙ୍ଗୁଳାଙ୍କ ଯାତ୍ରା ପାଇଁ ରାସ୍ତା କାର୍ଯ୍ୟ ଶେଷ ପର୍ଯ୍ୟାୟରେ



ତାଳଚେର(ନିପ୍ର): ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଯାତ୍ରା ଆଉ ଅଳ୍ପ ଦିନ ରହିଥିବାରୁ ସବୁଠି ଦେଖିବାକୁ ମିଳିଛି ତତ୍ପରତା । ଯାତ୍ରା ପାଇଁ ରାସ୍ତାଘାଟ ନିର୍ମାଣ ଦୃତ ଗତିରେ ଚାଲିଥିବା ଜଣାପଡ଼ିଛି । ମା' ହିଙ୍ଗୁଳାଙ୍କ ଯାତ୍ରା ଆସନ୍ତା ୩୧ ତାରିଖ ଠାରୁ ଆରମ୍ଭ ହେବ । ଏହି ଯାତ୍ରା ଦିର୍ଘ ୯ ଦିନ ଧରି ହେବାକୁ ଥିବାବେଳେ ଚଳିତ ବର୍ଷ ୨୨ ତମ ଲୋକ ମହୋତ୍ସବ ଅନୁଷ୍ଠିତ ହେବ । ଏହି ଯାତ୍ରା ଓ ଲୋକ ମହୋତ୍ସବ ପାଇଁ ତାଳଚେରରୁ ମା' ହିଙ୍ଗୁଳା ମନ୍ଦିରକୁ ସଂଯୋଗ କରିଥିବା ରାସ୍ତା ଗୁଡିକ ସମ୍ପୂର୍ଣ୍ଣ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ରାସ୍ତାଘାଟ ନିର୍ମାଣ ଓ ମରାମତି କାର୍ଯ୍ୟ ଠିକ୍ ଢଙ୍ଗରେ କର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳିଛି । ଖାଲ ଖମଣ ରାସ୍ତାରେ ମାଟି ପକାଇ ସମତଳ କରିବା ସହ ପିଚୁ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି । ଠିକାଦାରଙ୍କ ଦୃତ ଗତିର କାମ ପାଇଁ ହିଙ୍ଗୁଳା ମନ୍ଦିର ଠାରୁ ତାଳଚେର ପର୍ଯ୍ୟନ୍ତ ରାସ୍ତା କାମ ସମ୍ପୂର୍ଣ୍ଣ ହେବାକୁ ଯାଉଛି । ଏହି କାର୍ଯ୍ୟ ଉଚ୍ଚ କୋଟିର ଚାଲିଥିବା ସହ ମାଙ୍କ ଯାତ୍ରା ପୁର୍ବରୁ ଏହି କାର୍ଯ୍ଯ ସମ୍ପୂର୍ଣ୍ଣ ହୋଇଥିବାରୁ ଗ୍ରାମବାସି ମାନେ ଏମସିଏଲ କର୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି ।

## ରାସ୍ତାରେ ଧାନ ବସ୍ତା ରଖି ଚାଷୀଙ୍କ ପ୍ରତିବାଦ

ନୀଳଗିରି(ନିପ୍ର): ଧାନ କିଣାରେ ଅହେତୁକ ବିଳମ୍ବ ହେବା ସହିତ ଧାନ ଦେବା ତାରିଖ ଅବଧି ଶେଷ ପାଇଁ ତାତିଛନ୍ତି ଚାଷୀ । ପ୍ରତିବାଦ ସ୍ୱରୂପ ରାସ୍ତା ଉପରେ ଧାନ ବସ୍ତା ରଖି ରାସ୍ତା ରୋକ କରିଛନ୍ତି ଚାଷୀ ମାନେ । ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ । ବ୍ଲକର ମାଟିଆଳି ଲ୍ୟାମ୍ପ ଅଧିନ ଛତ୍ରପୁର ଶାଖା ଜାମୁନା ଧାନ ମଣ୍ଡି ରେ ଟୋକନ ଧାରୀ ଚାଷୀଙ୍କର ଧାନ ମଣ୍ଡିରେ ଦେବାର ଶେଷ ତାରିଖ ସରିଯାଇଥିବାରୁ ପ୍ରତିବାଦ ସ୍ୱରୂପ ଆଜି ସକାଳ ୭ ଘଟିକା ସମୟରେ ନୀଳଗିରି-ଝରଣାଘାଟି ୧୯ ନମ୍ବର ରାଜ୍ୟ ରାଜପଥ ଜାମୁନା ଛକ ଠାରେ ଶତାଧିକ ଚାଷୀ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ । ଚାଷୀଙ୍କ ସମସ୍ୟାକୁ ନେଇ ଯୁବନେତା ତଥା କଂଗ୍ରେସ ବ୍ଲକ ସଭାପତି ତପନ ରାଉତ ଧାରଣା ସ୍ଥଳରେ ବସିଥିଲେ ।

# ମୁକ୍ତେଶ୍ୱର ନୋଡାଲ ଉ ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ

ଧାମନଗର(ନିପ୍ର): ଧାମନଗର ବ୍ଲକ ପଧାନୀ ପଂଚାୟତ ସ୍ଥିତ ମୁକ୍ତେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ବୁଧବାର ଦିନ ବିଦ୍ୟାଳୟ ପରିସର ରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ମହାନ୍ତିଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷାର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବା ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ତଥା ସ୍ଥାନୀୟ ସରପଂଚ ଅଶୋକ କୁମାର ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ଧାମନଗର ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ପ୍ରଭାତ କୁମାର ମହାନ୍ତି ଏବଂ ଶିକ୍ଷକ ନେତା ସୁରେନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ । ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସି.ଆର.ସି.ସି ଅଶ୍ୱିନୀ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ । ଏହି ଅବସରରେ 'ପୂଜ୍ୟ ପୂଜା ସମ୍ମାନ'ରେ ପୂର୍ବତନ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର କର, ସବିତା ନାୟକ, ସମାଜସେବୀ ଚନ୍ଦ୍ରକାନ୍ତ ସାହୁ ଓ ସନାତନ ଜେନାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୋବଲ ସି.ଆର.ସି.ସି ହପା ମାରାଣ୍ଡି ମାନପତ୍ର ପାଠ କରିଥିଲେ ।ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଶିକ୍ଷକ ବିଶ୍ୱନାଥ ବେହେରା, ରାଧାଶ୍ୟାମ ଘଡେଇ, ଉମେଶ ପଣ୍ଡା ଏବଂ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି ।

# ସଂସ୍କୃତି ମହିଳା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ



ରାୟଗଡ଼ା(ନିପ୍ର): ପଖାଳ ନାଁ ଶୁଣିଲେ ଚିହିଁକି ପଡ଼ନ୍ତି ଓଡ଼ିଆ । ପଖାଳ ପାଟିକୁ ଯେଭଳି ସୁସ୍ୱାଦ, ସ୍ୱାସ୍ଥ୍ୟ ପାଇଁ ସେହିଭଳି ହିତକର । ଓଡ଼ିଶାରେ ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖରେ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରୁଥିବା ବେଳେ କର୍ମ ବ୍ୟସ୍ତତା ଭିତରେ ରହୁଥିବା ସଂସ୍କୃତି ମହିଳା ଅନୁଷ୍ଠାନ ର ସଦସ୍ୟା ମାନେ ନିଜର କର୍ମ ବ୍ୟସ୍ତତା ରୁ ସମୟ ବାହାର କରି ଆଜି ସମସ୍ତେ ଏକାଠି ହୋଇ ପାଳନ କରିଛନ୍ତି ପଖାଳ ଦିବସ । ଯାହାକି ଓଡ଼ିଆଙ୍କ ପାଇଁ ଏକ ବାର୍ତ୍ତା ଯେ ସଂସାର ଓ ଗୃହ କାର୍ଯ୍ୟବ୍ୟସ୍ତତା ଭିତରେ ମଧ୍ୟ ଭୁଲି ନାହାଁନ୍ତି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ । ରାୟଗଡ଼ା ଜିଲ୍ଲା ସଂସ୍କୃତି ମହିଳା ଅନୁଷ୍ଠାନ ପକ୍ଷରୁ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟା ମାନେ ଏକାଠି ହୋଇ ଓଡ଼ିଆଙ୍କ ପ୍ରିୟ ପଖାଳ ସହ ନ ତିଅଣ ଛ ଭଜା ଭଳି ସୁସ୍ୱାଦ ବ୍ୟଞ୍ଜନ କରି ଖାଇବାର ମଜା ନେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଓଡ଼ିଆଙ୍କ ପ୍ରିୟ ପଖାଳ ଭାତ ସହ ଭିନ୍ନ ଭିନ୍ନ ସୁଆଦିଆ ଅନ୍ୟାନ୍ୟ ବ୍ୟଞ୍ଜନ ଯେଭଳି କି ମାଛ ଭଜା , ବେସର , ଆଳୁଭରତା, ପନିର, ଛତୁ ଭଜା, ଘଂଟ, ସହ ଶାଗ ଭଳି ସୁସ୍ୱାଦୁ ଖାଦ୍ୟ ସଙ୍ଗଠନ ର ସଦସ୍ୟା ମାନେ ମନୋଭରି ଖାଇଥିଲେ । ଏହି କାର୍ଯ୍ୟକ୍ରମକୁ ସଂଗଠନର ସଭାପତି ପ୍ରତିମା ପାଣିଗ୍ରାହୀ ଓ ସମ୍ପାଦକ ସେନାପତି ସନ୍ତୋଷୀ ସମସ୍ତ ପରିଚାଳନା ବ୍ୟବସ୍ଥା କରିଥିବା ବେଳେ ଅନ୍ୟାନ୍ୟ ସଦସ୍ୟ ମାନେ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ସଂଗଠନର ବରିଷ୍ଠ ସଦସ୍ୟା ସରସ୍ୱତୀ ଶ୍ରୀମତୀ ସାହୁ କହିଥିଲେ ଯେ ଓଡ଼ିଆଙ୍କ ପ୍ରିୟ ପଖାଳ ହୋଇଥିବା ବେଳେ ଏହା ସ୍ୱାସ୍ଥ୍ୟ ପାଇଁ ହିତକର । ଆଜିର ପିଢ଼ି ଯେଉଁ ମସଲା ଯୁକ୍ତ ଖାଦ୍ୟ ପ୍ରତି ଆକୃଷ୍ଟ ହେଉଛନ୍ତି ସେଥିରୁ ନିବୃତ ରାହ ବା ସହ ପଖାଳ ପ୍ରତି ଆଗ୍ରହ । ପ୍ରକାଶ କରିବା ଉଚିତ ବୋଲି ଓଡିଆ ଜାତି ତଥା ଜିଲ୍ଲାବାସୀଙ୍କୁ ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସୁଜାତା ପାଳ, ପଦ୍ମାଳୟା ମିଶ୍ର, ଶୋଭାରାଣୀ, ସର୍ମିତା ପାଢ଼ୀ, ଗୀତା ରାଣୀ ମିଶ୍ର, ଅମୂଲ୍ୟ ମିଶ୍ର, ଦିପ୍ତି ମହାନ୍ତି, ସବିତା ମହାନ୍ତି, ମମତା ପଣ୍ଡା, ସ୍ୱର୍ଣ୍ଣ ପାଳ, ଆଦି ସମସ୍ତ ସଦସ୍ୟା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ସହ ସମାଜରେ ମହିଳାଙ୍କ ପ୍ରତି ଥିବା କର୍ତବ୍ୟ ଓ ସଂକଳ୍ପକୁ ନିଷ୍ଠାପର ଭାବେ ତୁଲାଇଥିଲେ ।





# ଭଦ୍ରକ ମହିଳା ମହାବିଦ୍ୟାଳୟର ବାର୍ଷିକ କର୍ମଶାଳା



ଭଦ୍ରକ : ଭଦ୍ରକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗରେ ସି.ଏସ୍. ଆଇ. ଆର ପ୍ରାୟୋଜିତ କାର୍ଯ୍ୟକ୍ରମରେ ଔଷଧୀୟ ବୃକ୍ଷ ସମ୍ବନ୍ଧୀୟ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ପରିବେଶ ଓ ସମାବେଶୀ ବିକାଶର ପ୍ରମୁଖ ବୈଜ୍ଞାନିକ ପ୍ରଫେସର ଡ଼ ନବୀନ କୁମାର ଧଳ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ଡ଼. ଧଳ ଔଷଧୀୟ ବୃକ୍ଷର ସଂରକ୍ଷଣ ଓ ହର୍ବାରିୟମ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ କଳ୍ପନା ଲେଙ୍କା, କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଆରତି ଜେନା ଔଷଧୀୟ ବୃକ୍ଷ ଓ ତାହାର ସ୍ୱାସ୍ଥ୍ୟଗତ ଉପାଦେୟତା ଉପରେ ଆଲୋଚନା କରିଥିଲେ । ଅଧ୍ୟାପିକା ଅର୍ପିତା ନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ ପୂର୍ବକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ । ସମ୍ମାନିତ ଅତିଥି ଭାବେ ସନ୍ଦୀପ କୁମାର କବି ଔଷଧୀୟ ବୃକ୍ଷର ବିଭିନ୍ନ ଦିଗ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ଛାତ୍ରୀ ବନ୍ଦନା ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଛାତ୍ରୀ ଇତିଶ୍ରୀ ଦଳେଇ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ । ଏହି କର୍ମଶାଳାରେ ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ , କିରଣ କାନ୍ତି, ସୁପ୍ରିୟା ଚକ୍ରବ[illegible]ୀ, ଭବେଶ ସ୍ୱାଇଁ, ପ୍ରଦ୍ୟୁତ ପଣ୍ଡା, ପ୍ରତିଭା ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ।

# ବିଶ୍ୱ ଯକ୍ଷ୍ମା ଦିବସ

ଭଦ୍ରକ : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ରେ ଏକ ସଚେତନତା କାର୍ଯ୍ୟକ୍ରମ ନୂଆବାଜାର ପୁରୁଣା ମେଡିକାଲ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଟି ବି ମୁକ୍ତ ଭାରତ ୧୦୦ ଦିନର ଅଭିଯାନ କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆବାସି ମାଧ୍ୟମରେ ଯୋଗ ଦେଇ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ସହୋଜୋଗ ଓ ସଫଳତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ଡାକ୍ତର ଯୋଗ ଦେଇ ଟିବି ମୁକ୍ତ ଭାରତ ଅଭିଯାନ, ଯକ୍ଷ୍ମାର ପରୀକ୍ଷା ଚିକିତ୍ସା ସଂପୂର୍ଣ୍ଣ ମାଗଣାରେ ହେବା, କାଶ ଯକ୍ଷ୍ମା ର ଏକ ଗୁରୁତର ଲକ୍ଷଣ, ଯକ୍ଷ୍ମା କେବଳ ବାୟୁ ମାଧ୍ୟମରେ ବ୍ୟାପିବା , ଆମେ ନିୟମିତ ଔଷଧ ସେବନ କଲେ ମୂଳୋତ୍ପାଟନ ହେବା, ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏଥିରେ ଜିଲ୍ଲା ଯକ୍ଷ୍ମା ବିଶେଷଜ୍ଞ ଡାକ୍ତର ସନ୍ତୋଷ ପୃଷ୍ଟି, ବରିଷ୍ଠ ଡାକ୍ତର ସୁଧୂ ରଞ୍ଜନ ନାୟକ, ଡାକ୍ତର ମିନତି ଲତା ଦାସ, ଡାକ୍ତର ପାର୍ଥ ସାରଥୀ ମିଶ୍ର, ଡାକ୍ତର ଜୟନ ପଣ୍ଡା, ଡି ପି ଏମ ବନ ବିହାରି ମିଶ୍ର, ଜନ ସ୍ୱାସ୍ଥ୍ୟ ବିଭାଗ ସମ୍ପ୍ରସାରଣ ଅଧିକାରୀ ଅନିତା ରାଣୀ ରାଉତ୍, ବିଭାଗୀୟ ସଂଯୋଜକୋ ନିବାସ ଚନ୍ଦ୍ର ପାଢ଼ୀ, ପ୍ରମୁଖ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ରେ ଭାଗ ନେଇ ଥିଲେ । ଜିଲ୍ଲାରେ ବର୍ତମାନ ୫୭୭ ଜଣ ଯକ୍ଷ୍ମାରେ ଚିକିତ୍ସିତ ହେଉଥିବା ସି ଡି ଏମ ଓ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ ସୂଚନା ଦେଇଛନ୍ତି ।

# ଧାମନଗର ତହସିଲ ପରିସରରେ ପାନୀୟ ଜଳ ସମସ୍ୟା



ଧାମନଗର : ଧାମନଗର ତହସିଲ କାର୍ଯ୍ୟାଳୟ ପରିସରରେ ପାନୀୟ ଜଳର ସଠିକ୍ ବ୍ୟବସ୍ଥା ନଥିବାରୁ ଗ୍ରୀଷ୍ମ ପ୍ରବାହ ସମୟରେ ଲୋକମାନେ ଭାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତିଦିନ ବିଭିନ୍ନ ସରକାରୀ କାମ ପାଇଁ ତହସିଲ୍ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ପାଣି ନମିଳିବାରୁ ହଇରାଣ ହେଉଥିବା ଦେଖିବାକୁ ମିଳୁଛି । କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ସହିତ ବାମ ପାର୍ଶ୍ୱରେ ଲଗାଯାଇଥିବା ଥଣ୍ଡା ପାନୀୟ ବ୍ୟବସ୍ଥା ଦୀର୍ଘଦିନ ଧରି ଖରାପ ହୋଇ ପଡିଥିବାରୁ ଏହା ଚାଲୁ ଅବସ୍ଥାରେ ନାହିଁ । ପରିସର ମଧ୍ୟରେ ଅନ୍ୟ କୌଣସି ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ସାଧାରଣ ଲୋକଙ୍କ ଅସୁବିଧା ବଢ଼ୁଛି । ତହସିଲଦାରଙ୍କ କ୍ୱାର୍ଟର ନିକଟରେ ଥିବା ଟ୍ୟୁବୱେଲ୍ ଥିଲେ ମଧ୍ୟ ତାହା କ୍ୱାର୍ଟର ପାଇଁ ବ୍ୟବହୃତ ହେଉଥିବାରୁ ସାଧାରଣ ଲୋକ ମାନେ ସେଠାରୁ ପାଣି ନେବାକୁ ସଙ୍କୋଚ ବୋଧ କରୁଛନ୍ତି । ଏପଟେ ତହସିଲ୍ କାର୍ଯ୍ୟାଳୟ ଆଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା ବ୍ୟାନର୍ ଲଗାଯାଇଥିଲେ ମଧ୍ୟ ପାନୀୟ ଜଳ ଭଳି ମୌଳିକ ସୁବିଧା ନଥିବାକୁ ନେଇ ସାଧାରଣ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକ ମାନେ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି ।

# ଖପରାପଦା ମଣ୍ଡଳରେ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ମହା ଅଭିଯାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ବାଲିଆପାଳ : (ନି ପ୍ର) ବସ୍ତା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବାଲିଆପାଳ ବ୍ଲକର ଖପରାପଦା ମଣ୍ଡଳରେ ଦୁଇ ଦିନିଆ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ମହା ଅଭିଯାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ରତିକାନ୍ତ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରକୁ ବିଜେପି ନେତା ରବୀନ୍ଦ୍ର ଅଣ୍ଡିଆ ଉଦ୍ଘାଟନ କରି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ବିଷୟରେ ବିଜେପି କର୍ମୀ ମାନଙ୍କୁ ଉଦବୋଧନ ଦେଇଥିଲେ ।ପ୍ରଶିକ୍ଷକ ଭାବରେ ଅଜୟ କୁମାର ସାହୁ, ବସନ୍ତ ବାରିକ, ଖଗେନ୍ଦ୍ର ନାୟକ, ବାସୁଦେବ ପଣ୍ଡା,ମାଳତୀ ନାୟକ, ଫରନାଲ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜେପିର ଆଦର୍ଶ,ବିଚାର ଧାରା,କାର୍ଯ୍ୟ ପଦ୍ଧତି, କରଣୀୟ କାର୍ଯ୍ୟ ।ସରକାରଙ୍କ ବିକାଶ ଧାରା,ଉନ୍ନତି ମୂଳକ ଯୋଜନା, ବିଜେପି ପକ୍ଷରୁ ପାଳନ କରାଯାଉଥିବା ମୁଖ୍ୟ କାର୍ଯ୍ୟକ୍ରମ ଆଦି ବିଷୟରେ କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ ୨୩ତାରିଖ ସନ୍ଧ୍ୟାରୁ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହୋଇଥିଲା ।

# 'ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ' ଅଭିଯାନର ବ୍ରାଣ୍ଡ୍ ଆମ୍ବାସାଡର୍ ହେଲେ ସ୍ୱରାଜ ବାରିକ

ବାରିପଦା : ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅଂଶ ମୟୂରଭଞ୍ଜ ଛଉ ନୃତ୍ୟକୁ ବିଶ୍ୱପଟରେ ପ୍ରତିଷ୍ଠା କରିବା ପାଇଁ ଉତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ, ବାରିପଦା ଦ୍ୱାରା 'ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ' ନାମକ ଅଭିଯାନ ଗତ ୨୦୨୫ ଜୁନ ୧୫ ତାରିଖ ଆରମ୍ଭ କରାଯାଇଥିଲା ଓ ଏହି ଅଭିଯାନର ବ୍ରାଣ୍ଡ୍ ଏମ୍ବାସାଡର୍ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତା ସ୍ୱରାଜ ବାରିକଙ୍କୁ ମନୋନୀତ କରାଯାଇଛି ଓ ଆଜି ଅମ୍ବିକାସାହି ସ୍ଥିତ ପ୍ରତିଷ୍ଠାନର କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ଆନୁଷ୍ଠାନିକ



ଭାବେ ଘୋଷଣା କରାଯାଇଛି ଓ ଉତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଧୀର କୁମାର ନାୟକଙ୍କ ଅଧକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା ଓ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ବ୍ରାଣ୍ଡ୍ ଏମ୍ବାସାଡର୍ ସ୍ୱରାଜ ବାରିକ ପ୍ରମୁଖ ଉପସ୍ଥିତ ରହି ଅଭିଯାନର ଉଦ୍ଦେଶ୍ୟ ଓ ମହତ୍ୱ ଉପରେ ଆଲୋକପାତ କରିବା ସହ ଏହାର ସଫଳତା କାମନା କରିଥିଲେ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିଷ୍ଠାନର କୋଷାଧକ୍ଷ ସରୋଜ କୁମାର ଶତପଥି ଧନ୍ୟବାଦ୍ ପ୍ରଦାନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଣବ ଦେବ, ହେମନ୍ତ କୁମାର ନାୟକ, ବିଭୁତିଭୂଷଣ ଦାସ ଓ ଜୟଦେବ ଦାସ ପ୍ରମୁଖ ଉପସ୍ଥିତ ରହି ଛଉ ନୃତ୍ୟର ସଂରକ୍ଷଣ ଓ ପ୍ରଚାର ପାଇଁ ନିଜନିଜର ସୁଚିନ୍ତିତ ମତ ଦେଇଥିଲେ ଓ ଏହି ଅଭିଯାନ ଛଉ ନୃତ୍ୟକୁ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରଚାର କରି ଯୁବପିଢ଼ିକୁ ଆକର୍ଷିତ କରିବ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟଶାଳା, ଆନ୍ତର୍ଜାତୀୟ ପ୍ରଦର୍ଶନୀ । ସାମାଜିକ ମିଡିଆ କ୍ୟାମ୍ପେନ୍ ଯୋଜନାରେ ରହିବ ବୋଲି ସମ୍ପାଦକ ଶ୍ରୀ ନାୟକ ପ୍ରକାଶ କରିଥିଲେ ଓ ଏହି ଅବସରରେ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବାଲିଆପାଳ ସେବା ସମବାୟ ସମିତିର ୭୩ ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ବାଲିଆପାଳ : (ନି ପ୍ର) ବାଲିଆପାଳ ସେବା ସମବାୟ ସମିତିର ୭୩ ତମ ବାର୍ଷିକ ସାଧାରଣ ସଭା ସୋମବାର ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ସେବା ସମବାୟ ସମିତିର ସଭାପତି ସୁବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସାଧାରଣ ଅଧିବେଶନରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାର ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇତି ଯୋଗଦେଇ ସରକାର ସମବାୟ ବ୍ୟାଙ୍କ ମାଧ୍ୟମରେ ସେବା ସମବାୟ ସମିତିର ସମସ୍ତ ଚାଷୀ ଓ ଜମା କାଶରୀ ତଥା ସମସ୍ତ ମେମ୍ବର ମାନଙ୍କୁ ଯୋଗାଇ ଦେଉଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସୁପର ଭାଇଜର ବସନ୍ତ କୁମାସର ଦେ ସମିତିର ସମ୍ପାଦକ ଦୀପକ କୁମାର ଦାସ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ସମିତି ର ଉପ ସଭାପତି ଛବିରାଣୀ ସାହୁ, ନିର୍ଦ୍ଦେଶକ ଅଜିତ କୁମାର ପାତ୍ର,ଧନଞ୍ଜୟ ସାହୁ,ଭୁବନ ମୋହନ ପିଳା,ଗଣେଶ ଚନ୍ଦ୍ର ପିଳା,ବିନୟ କୁମାର ଦାସ,କରୁଣାକର ସେଠି,ପୂର୍ଣ୍ଣ ଚନ୍ଦ୍ର ଦଳାଇ,ସୁଶାନ୍ତ ପାତ୍ର,ଗୋଲକ ବିହାରୀ ବେହେରା,ରାଜେଶ ପଟାୟତ,ରେବତୀ ପାତ୍ର ପ୍ରମୁଖ ୧୫ ଜଣ ଡ଼ାଇରେକ୍ଟର ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।କର୍ମଚାରୀ ପରେଶ କୁମାର କର,ଆସ୍ତିକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କାଳିଆ ଗାଁ ଗ୍ରାମ ଠାରେ ଦୀପ ମହାଯଜ୍ଞ

ଜୟପୁର : କାଳିଆ ଗାଁ ରାଧା କୃଷ୍ଣ ମନ୍ଦିର ଠାରେ ଦୀପ ମହାଯଜ୍ଞ ଆୟୋଜିତ ହୋଇଥିଲା ଯାହାର ମୁଖ୍ୟ ଲକ୍ଷ୍ୟ ସଜ୍ଜନ ମାନଙ୍କୁ ସଂଗଠିତ କରି ଅନିତି ବିରୁଦ୍ଧରେ ସଂଘର୍ଷ କରିବା ୨୫୧ ଗ୍ରାମରୁ ୧୦୦୮ ଦେବ ଦମ୍ପତିଙ୍କୁ ନେଇ ଭୂମି ପୂଜନ କରି ଯଜ୍ଞ ଓ ସଂସ୍କାର ର ଆୟାଜନ କରିବା ଓ ଏହି ମାସରେ ହେବାକୁ ଥିବା ଶ୍ରୀରାମ ଲୀଳା ଓ ଶ୍ରୀରାମ ନବମୀ କାର୍ଯ୍ୟକ୍ରମକୁ ସଫଳତା ପ୍ରଦାନ କରିବା । ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ଗାୟତ୍ରୀ ପରିବାର ମୁଖ୍ୟ ଟ୍ରଷ୍ଟି ସପ୍ତସୁତ୍ରୀ କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି, ଜିଲ୍ଲା ସମନ୍ୱୟକ ସୁଶ୍ରୀ ରତ୍ନମ୍ବରା ପାତ୍ର, ଆଓ ଗଢେ ସଂସ୍କାର ବାନ ପିଢ଼ିର ଶୁଭଶ୍ରୀ ପାଣିଗ୍ରାହି, ନିରଞ୍ଜନ ଭାଇ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀକୁ ବୁଝାଇବାକୁ ଯାଇ ପ୍ରଳଙ୍କରି ସନ୍ଧି ବେଳରେ ଜାତି, ଧର୍ମ, ବର୍ଣ୍ଣ ଭାଷା, ପ୍ରାନ୍ତ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତ ସନାତନି ବନ୍ଧୁ, ଜନ ଜାତିଙ୍କୁ ସଂଗଠିତ ହୋଇ ରହିବା ନିମନ୍ତେ ସନ୍ଦେଶ ଦେଇ ଶ୍ରୀ ରାମ ଯୁବ ସେନା ଓ ମାଆ ଭଗବତୀ ମହିଳା ,ସ୍ୱାଧାୟ ମଣ୍ଡଳ ଗଠନ କରାଯାଇଥିଲା । ଏଥିରେ ସହଯୋଗ କରିଥିଲେ କାଳିଆ ଗାଁ ଗ୍ରାମବାସୀ । ଇତି ମଧ୍ୟରେ ବାମୁଣୀ ପୁଟ , ଧନପୂର୍, ଡୁମୁରିଗୁଡ଼ା, ଫାମ୍ପୁଣି, କୁନ୍ତର୍ଖାଲ, ସମଦାସ ପୁଟ, ବାଗ୍ରା ଗୁଡା, ବନୁଗୁଡ଼ା, ରାଜୀବ ନଗର, ନନ୍ଦ ଗୁଡ଼ା, ଏହିପରି ୫୦ରୁ ଉର୍ଦ୍ଧ ଗ୍ରାମ ସଂପର୍କ କରି ୧୫ରୁ ଉର୍ଦ୍ଧ ଗ୍ରାମ ଗୁଡିକରେ ଦୀପ ମହାଯଜ୍ଞ ସମ୍ପନ୍ନ ହୋଇଯାଇଅଛି । ଯେଉଁଥିରେ କି ଗଙ୍ଗାଧର ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ପାତ୍ର, ରଶ୍ମିତା ଶିଅ, ମମତା ମିଶ୍ର, ରତନ ଭାଇ, ଲୁକି ଭାଇ, ଗୋପାଳ ପାତ୍ର, ମମତା ପାଣିଗ୍ରାହି, ସାଗର ବିଶ୍ୱାଳ, ଜ୍ୟୋତି ରଞ୍ଜନ ପାଣିଗ୍ରାହି, ବାଜି ସେଠୀ, ଯୋଗେଶ୍ୱରୀ ପାଣିଗ୍ରାହି, ମିଲି ଭଉଣୀ, ପ୍ରଜ୍ଞା ପରିମିତା ପାଣିଗ୍ରାହିଙ୍କ ବିଶେଷ ସହଯୋଗ ରହିଥିଲା । ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

# ମା' ତାରାତାରିଣୀଙ୍କ ତୃତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା

ଗଞ୍ଜାମ, ୨୪ ମାର୍ଚ୍ଚ (ହି.ସ.)- ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ତଥା ଇଷ୍ଟଦେବୀ ମା ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ତୃତୀୟ ପାଳି ଯାତ୍ରା ଆଜି ଅନୁଷ୍ଠିତ ହେଉଛି । ଏଥିରେ ଜିଲା ତଥା ଓଡ଼ିଶା ବାହାରୁ ପ୍ରାୟ ତିନି ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଅନୁମେୟ କରାଯାଉଛି । ଗତକାଲି ରାତିରେ କୁମାରୀ ପାହାଡ଼ ଉପରେ ବିଜେ କରିଥିବା ମନ୍ଦିରର ପୂଜକ ମାନେ ଦ୍ୱାରା ଫିଟାଆଳତୀ ଓ ପୂଜାର୍ଚ୍ଚନା କରିବା ପରେ ଭକ୍ତମାନେ ଧାଡ଼ିରେ ଲକ୍ଷ ଲକ୍ଷ ସଂଖ୍ୟାରେ ମା ଙ୍କ ଦର୍ଶନ କରିଛନ୍ତି । ହଜାର ହଜାର ଶିଶୁଙ୍କୁ ମୁଣ୍ଡନ କରି ପର୍ବାର ଲୋକେ ଶିଶୁର ସ୍ୱବିଧ ମଙ୍ଗଳ କାମନା କରି ପ୍ରଥମ ମୁଣ୍ଡନ କେଶ ମା ଙ୍କୁ ଅର୍ପଣ କରିଛନ୍ତି । ପାହାଡ଼ ପାଦଦେଶରେ ଏହାପରେ ଶ୍ରଦ୍ଧାଳୁ ମାନେ ଭୋଜି ଭାତର ଆସର ଜମାଇ ସ୍ୱାଚ୍ଛେ ଭୋଜ୍ୟପ୍ରସାଦ ସେବନ କରିଛନ୍ତି । ପ୍ରଚଣ୍ଡ ରୌଦ୍ର ତାପକୁ ଦୃଷ୍ଟିରେ ରଖି ଜଳ ପରିମଳ ବିଭାଗ ପକ୍ଷରୁ ଲୋକଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଓ ଅଂଶୁଘାତ ଚିକିତ୍ସା ବ୍ୟବସ୍ଥା ହୋଇଛି । ପ୍ରଶାସନଓ ପୁଲିସ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ଓ ଯାନବାହାନ ବ୍ୟବସ୍ଥା ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁ ମାନେ ପାହାଚ ଚଢି, ରୋପୱେ ଓ ବସ୍ ଦ୍ୱାରା ପାହାଡ ଉପରକୁ ଯାଇ ସୁବିଧା ରେ ମାଙ୍କ ଦର୍ଶନ କରୁଛନ୍ତି ।

# କିଶୋରୀ ବାଳିକାଙ୍କ ଆନ୍ତଃଜିଲ୍ଲା ପରିଦର୍ଶନ କାର୍ଯ୍ୟକ୍ରମ




ବାରିପଦା : ମୟୂରଭଞ୍ଜ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଦ୍ୱାରା ଆଜି କିଶୋରୀମାନଙ୍କ ପାଇଁ ଆନ୍ତଃଜିଲ୍ଲା ଏକ୍ସପୋଜର ପରିଦର୍ଶନ ଅନୁଷ୍ଠିତ ହୋଇଛି । ଏହା ଅତ୍ୟନ୍ତ ଉତ୍ସାହ ଏବଂ ଦଳଗତ ଭାବନା ସହିତ ସଫଳତାର ସହ ଆୟୋଜିତ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି ପରିଦର୍ଶନର ଏକ ଅଂଶ ଭାବରେ କିଶୋରୀମାନଙ୍କୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନକୁ ନିଆଯାଇଥିଲା । ଏଥିରେ ଡାକଘର ବାରିପଦା, ବାରିପଦା ଟାଉନ ଥାନା , ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବାରିପଦା ରେଳ ଷ୍ଟେସନ, ପୂର୍ଣ୍ଣଚନ୍ଦ୍ର ଆଇଟିଆଇ ବାରିପଦା ଏବଂ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ମୟୂରଭଞ୍ଜ ସମେତ ବିଭିନ୍ନ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୦ ଜଣ କିଶୋରୀ ବାଳିକା ସାମିଲ ହୋଇ ଜ୍ଞାନ ଆରୋହଣ କରିଥିଲେ ।

# ଚତୁର୍ଥ ବାର୍ଷିକ ନୃତ୍ୟାଙ୍ଗନା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ- ୨୦୨୬ ପାଳନ ଓ ନୃତ୍ୟାଙ୍ଗନା ସମ୍ମାନ ସମ୍ବର୍ଦ୍ଧନା

ଭଦ୍ରକ : ଜିଲ୍ଲାର ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୫ନମ୍ବର ୱାର୍ଡ ଅଧିନସ୍ଥ ପଶୁ ମେଡିକାଲ ପଡିଆଠାରେ ଚତୁର୍ଥ ନୃତ୍ୟାଙ୍ଗନା ନୃତ୍ୟ ଓ ସଂଗୀତ ମହୋତ୍ସବ-୨୦୨୬ ପାଳିତ ହୋଇଯାଇଛି । ରବିବାର ଦିନ ୧୦ଟା ୩୦ ମିନିଟ ସମୟରେ କଳାକାର ଚନ୍ଦନ ଶ୍ରୀ ମହାପାତ୍ର ଙ୍କ ସଭା ସଂଚାଳନା ରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦଘାଟନୀ ଉତ୍ସବରେ ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ସେଠୀ ଜାଗୁଲାଇ ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, କଳା ଶିକ୍ଷକ ଜିତନ ପଣ୍ଡା ଓ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ରଖିଥିଲେ । ପ୍ରାରମ୍ଭରେ ନୃତ୍ୟାଙ୍ଗନା ସାଂସ୍କୃତିକ ଟ୍ରଷ୍ଟର ସଭାପତି ଦୀପକ କୁମାର ନାୟକ ଅତିଥି ମାନଙ୍କୁ ମଂଚ ଆମନ୍ତ୍ରଣ ସହିତ ପରିଚୟ ପ୍ରଦାନ କରିଥିଲେ । ପରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଂଗୀତ ନୃତ୍ୟ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ନୃତ୍ୟାଙ୍ଗନା ସାଂସ୍କୃତିକ ସଂଗଠନ ସଭାପତି ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୁରୁଶ୍ରୀ ଚନ୍ଦନଶ୍ରୀ ମହାପାତ୍ରଙ୍କ ସଂଚାଳନାରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସୁଧାକର ନନ୍ଦ,ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱରର ବିଶିଷ୍ଟ ସମାଜସେବୀ ପ୍ରଦ୍ୟୁମ୍ନ କୁମାର ଜେନା,ସମ୍ମାନିତ ଅତିଥି ଭାବେ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ,ସରୋଜ ମହାପାତ୍ର ସାଂସଦ ନଗର ପ୍ରତିନିଧି,ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ,ଶିକ୍ଷକ ବିଶ୍ୱଜିତ ବାରିକ,ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ଧାମନଗର ହେଉଛି କଳା ଓ ସଂସ୍କୃତି ବଳିଦାନ ଉତ୍ସର୍ଗ ଏବଂ ନୃତ୍ୟ ପରିବେଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର,ଅଧ୍ୟାପିକା ଡ.ହରିପ୍ରିୟା ସେଠୀ,ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହେମନ୍ତ ନାଥ ମହାନ୍ତି, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ,ଚନ୍ଦନ ମହାପାତ୍ରଙ୍କ ସମେତ ନୃତ୍ୟ କଳାକାର ଓ ଚିତ୍ରଶିଳ୍ପୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର,ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଛାତ୍ର ଛାତ୍ରୀ, ଅଭିଭାବକ, କଳାକାର, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ । କଳାକାର ଓ ନୃତ୍ୟ ସଂଗୀତ ଶିକ୍ଷକ ଗଣେଶ୍ୱର ସାହୁ, ମିନକେତନ ସାହୁ, ପ୍ରଭୁରଂନ ଉପାଧ୍ୟାୟ, ହରପ୍ରିୟ ଖିଲାର, ଆଲୋକ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ । ଶେଷରେ ନୃତ୍ୟାଙ୍ଗନା ସାଂସ୍କୃତିକ ସଂଗଠନ ସଭାପତି ଦୀପକ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରାମନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

ସମ୍ବଲପୁର : ଚଳିତ ବର୍ଷ ଶ୍ରୀ ରାମନବମୀ ଓ ହନୁମାନ ଜୟନ୍ତୀ ପାଳନ ନିମନ୍ତେ ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ଉତ୍ସବ ନିଶ୍ଚିତ କରିବା ପାଇଁ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉତରାଂଚଳ ରେଞ୍ଜ ପୋଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରିଙ୍କ ସମେତ ଶାନ୍ତି ଓ ସମନ୍ୱୟ କମିଟି ସଦସ୍ୟମାନେ, ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ, ଏବଂ ସମ୍ବଲପୁର ଅଂଚଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗତ ଅନୁଷ୍ଠାନର କମିଟି ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ଜିଲ୍ଲାରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ଏବଂ ଶୋଭାଯାତ୍ରା ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ । ଶୋଭାଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣପାଇଁ ଟିପିଡବ୍ଲୁଓଡିଏଲ୍ କୁ କୁହାଯାଇଛି । ସେହିପରି ଡ୍ରୋନ ଓ ସିସିଟିଭି ମାଧ୍ୟମରେ ସହରର ଉତେଜନା ପ୍ରବଣ ଓ ସମସ୍ତ ସ୍ଥାନକୁ ପୁଙ୍ଖାନୁପୁଙ୍ଖ ଭାବେ ନିରୀକ୍ଷଣ କରାଯିବ । ସହରର ବିଭିନ୍ନ ରାସ୍ତାରେ ଥିବା ଖାଲଖମାକୁ ଯୁଦ୍ଧ କାଳୀନ ଭିତିରେ ମରାମତି କରାଯିବାକୁ ମଧ୍ୟ କୁହାଯାଇଛି । ଆଇଜି ଶ୍ରୀ ଲାଲ ଗତବର୍ଷ ଠୁ ଚଳିତବର୍ଷ ଏହି ଉତ୍ସବ ଆହୁରି କିପରି ଆନନ୍ଦ ଉଲ୍ଲାସର ସହ ପାଳନ ହେବ ସେ ଦିଗରେ ପ୍ରଚେଷ୍ଟା କରିବାକୁ ସମସ୍ତ କମିଟି ସଦସ୍ୟଙ୍କୁ କହିଥିଲେ । ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ବୋନ୍ଦର ନିଜ ବକ୍ତବ୍ୟରେ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସଂପୃକ୍ତ ଅଧିକାରୀମାନଙ୍କୁ ନିଜ ନିଜ ଦାୟୀତ୍ୱ ସଠିକ୍ ଭାବେ ପରିଚାଳନା କରିବାକୁ କହିଥିଲେ । ମୁଖ୍ୟତଃ ସେ, ପଦଯାତ୍ରା କିମ୍ବା ବାଇକ୍ ରାଲି ସମୟରେ ସମ୍ବଲପୁର ସହରରେ ଅଧିକ ଜନସମାଗମ ହେବାକୁ ଥିବା ଯୋଗୁଁ ପରିମଳ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟ କରିବା ସହିତ ଗ୍ରୀଷ୍ମ ପ୍ରବାହକୁ ଧ୍ୟାନରେ ରଖି ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଏବଂ ଚିକିତ୍ସା ସୁବିଧାର ବ୍ୟବସ୍ଥା କରିବାକୁ କହିଥିଲେ । ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣକୁ କଡ଼ାକଡ଼ି ଲାଗୁ କରିବା ପାଇଁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ । ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭାମୂ ଶାନ୍ତି ଶୃଙ୍ଖଳାର ସହ ଏହି ଉତ୍ସବ ପାଳନ କରିବାକୁ ପୋଲିସ ବିଭାଗ ପକ୍ଷରୁ ସବୁ ପ୍ରକାର ସହଯୋଗ ଦିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଗତବର୍ଷ ଭଳି ଆନନ୍ଦ ଉଲ୍ଲାସର ସହ ସମସ୍ତ କମିଟି ସଦସ୍ୟମାନେ ନିଜ ନିଜ ମଧ୍ୟରେ ଉତମ ସମନ୍ୱୟ ରଖିବା ପାଇଁ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ।

# ହାଇଦ୍ରାବାଦସ୍ଥିତ ଜାତୀୟ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନ ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ

ଭୁବନେଶ୍ୱର : ହାଇଦ୍ରାବାଦ ଗସ୍ତରେ ଥିବା ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଦ୍ୱିତୀୟ ଦିନରେ ହାଇଦ୍ରାବାଦସ୍ଥିତ ଜାତୀୟ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନ (ଏନଏସଟିଆଇ) ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନର ଉଦ୍ଦେଶ୍ୟ ଥିଲା ସେଠାରେ ଚାଲୁଥିବା ଦକ୍ଷତା ବିକାଶ ପଦକ୍ଷେପ ଓ ପ୍ରଶିକ୍ଷଣ ବ୍ୟବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଅବଗତି ହାସଲ କରିବା । ବିଦ୍ୟାନଗର ସ୍ଥିତ ଏନଏସଟିଆଇ ପରିସରରେ ଯୁଗ୍ମ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଶ୍ରୀ ଡି. ସୁଧାକର ଗଣମାଧ୍ୟମ ପ୍ରତିନିଧି ଦଳକୁ ଭବ୍ୟ ସ୍ୱାଗତ ଜଣାଇଥିଲେ । ସେ ଅନୁଷ୍ଠାନର ୧୯୬୩ ମସିହାରୁ ଆରମ୍ଭ ହୋଇଥିବା ଗୌରବମୟ ଯାତ୍ରା ଏବଂ ଦେଶର ଦକ୍ଷ ମାନବସମ୍ବଳ ଗଠନେର ଏହାର ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ । ଏନଏସଟିଆଇ ହାଇଦ୍ରାବାଦ ବର୍ତମାନ ତନୋଟି ପ୍ରମୁଖ ଶାଖା ମାଧ୍ୟମେର କାର୍ଯ୍ୟ କରୁଛି, ଯେଉଁଥିରେ ମାନୁଫାକଚରିଂ, ମହିଳା ସଶକ୍ତିକରଣ ଏବଂ ଆଇଟି କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଉଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଯୁଗ୍ମ ନିର୍ଦ୍ଦେଶକ କହିଥିଲେ ଯେ, ଏଠାରେ କ୍ରାଫ୍ଟ ଇନଷ୍ଟ୍ରକ୍ଟର ଟ୍ରେନିଂ ସ୍କିମ୍ (ସିଆଇଟିଏସ) ଏବଂ କ୍ରାଫ୍ଟସମ୍ୟାନ୍ ଟ୍ରେନିଂ ସ୍କିମ୍ (ସିଟିଏସ) ଭଳି ପାଠ୍ୟକ୍ରମ ପରିଚାଳିତ ହେଉଛି । ଶିଳ୍ପ ଜଗତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ହେଭି ମେସିନାରୀ ଭଳି ପାରମ୍ପରିକ ଟ୍ରେଡ୍ ସହିତ ନୂତନ ଯୁଗର କୋର୍ସଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଛାତ୍ରଛାତ୍ରୀମାନେ ପ୍ରାୟୋଗିକ ପ୍ରଶିକ୍ଷଣ ସମୟେର ବିଭିନ୍ନ ଶିଳ୍ପ ସଂସ୍ଥା ସହ ଜଡ଼ିତ ହେବା ସହ ଷ୍ଟାଇପେଣ୍ଡ ପାଇବାର ସୁଯୋଗ ମଧ୍ୟ ପାଉଛନ୍ତି ।









# ରାଜପଥ ଏବଂ ରେଳ ପ୍ରକଳ୍ପ ଆରଓବି ପୋର୍ଟାଲର ଶୁଭାରମ୍ଭ କଲେ ମନ୍ତ୍ରୀ

ନୂଆଦିଲ୍ଲୀ : ଭିତିଭୂମି ବିକାଶରେ ଦକ୍ଷତା, ସ୍ୱଚ୍ଛତା ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟ ବୃଦ୍ଧି ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀ, ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇ. ଟି. ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଜି ନୂଆଦିଲ୍ଲୀରେ 'ପ୍ରିଜିମ୍-ଏସ୍. ଜି.' (ରେଳ-ସଡ଼କ ନିରୀକ୍ଷଣ ଏବଂ ପର୍ଯ୍ୟାୟ ପରିଚାଳନା ଷ୍ଟିଲ୍ ଗ୍ରିଡର୍ସ ପାଇଁ ପୋର୍ଟାଲ୍) ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ସଡ଼କ ଓଭର ବ୍ରିଜ୍ ନିର୍ମାଣ ସମ୍ବନ୍ଧୀୟ ପ୍ରମୁଖ ଅନୁମୋଦନ ଏବଂ ଯାଂଚ ପ୍ରକ୍ରିୟାକୁ ଡିଜିଟାଇଜେସନ୍ କରିବା ପାଇଁ ପ୍ରିଜିମ୍-ଏସ୍. ଜି. ପୋର୍ଟାଲ ବିକଶିତ କରାଯାଇଛି ଏବଂ ଏଥିରେ ଗୁଣବତା ଆଶ୍ୱାସନା ଯୋଜନା (କ୍ୟୁ. ଏ. ପି.), ୱେଲ୍ଡିଂ ପ୍ରୋସିଡିଓର ସ୍ପେସିଫିକେସନ୍ ସିଟ୍ (ଡବ୍ଲ୍ୟୁ. ପି. ଏସ୍. ଏସ୍.) ଏବଂ ଇସ୍ପାତ ଗାର୍ଡର ଗୁଡ଼ିକର ନିର୍ମାଣ ପର୍ଯ୍ୟାୟ ଯାଂଚ ମଧ୍ୟ ଅନ୍ତର୍ଭୁକ୍ତ । ଏହି ପୋର୍ଟାଲ ଦ୍ୱାରା ଅନଲାଇନରେ ଦସ୍ତାବିଜ ଦାଖଲ, ଯାଂଚ, ପ୍ରଶ୍ନ ଉଠାଇବା ଏବଂ ସମାଧାନ, ଅନୁମୋଦନ, ଯାଂଚର ସମୟ ନିର୍ଦ୍ଧାରଣ, ନିରୀକ୍ଷଣ ରିପୋର୍ଟ, ଫଟୋ, ପରୀକ୍ଷା ଫଳାଫଳ ଅପଲୋଡ କରିବା, ସମ୍ପୂର୍ଣ୍ଣ ଅଡିଟ୍ ଏବଂ ବାସ୍ତବ-ସମୟ ନିରୀକ୍ଷଣ ହୋଇପାରିବ । ବର୍ତମାନ, ଆର. ଓ. ବି. ନିର୍ମାଣ ପାଇଁ ଭାରତୀୟ ରେଳବାଇର ଏକାଧିକ ଅନୁମୋଦନ ଆବଶ୍ୟକ, ଯେପରିକି ଜେନେରାଲ ଆରେଜମେଂଟ ଡ୍ରଇଂ (ଜି.ଏ.ଡି.), ଢାଂଚାଗତ ଅଙ୍କନ, ଗୁଣବତା ଆଶ୍ୱାସନା ଯୋଜନା (କ୍ୟୁ.ଏ.ପି.), ୱେଲ୍ଡିଂ ପ୍ରୋସିଡିଓର ସ୍ପେଶିଫିକେସନ ସିଟ୍ (ଡବ୍ଲ୍ୟୁ. ପି. ଏସ୍. ଏସ୍.) ଏବଂ ଷ୍ଟିଲ ଗ୍ରିଡର୍ସଗୁଡିକର ନିର୍ମାଣ ପର୍ଯ୍ୟାୟ ଯାଂଚ । ଜି. ଏ. ଡି. ଏବଂ ଢାଂଚାଗତ ଅଙ୍କନ ପାଇଁ ଅନୁମୋଦନ ଆର. ସି. ଏ. ଏସ୍. ପୋର୍ଟାଲ ଜରିଆରେ ପ୍ରକ୍ରିୟାକରଣ କରାଯାଉଥିବା ବେଳେ, କ୍ୟୁ. ଏ. ପି., ଡବ୍ଲ୍ୟୁ. ପି. ଏସ୍. ଏବଂ ଫାବ୍ରିକେସନ ଯାଂଚ ସମ୍ବନ୍ଧୀୟ ପ୍ରକ୍ରିୟାଗୁଡ଼ିକ ମୁଖ୍ୟତଃ ଅଫଲାଇନ କିମ୍ବା ଫିଜିକାଲ ମୋଡ ଜରିଆରେ କରାଯାଇଥାଏ । ଏହା ପ୍ରାୟତଃ ଅଂଶୀଦାରମାନଙ୍କ ମଧ୍ୟରେ ସୀମିତ ବାସ୍ତବ-ସମୟ ଟ୍ରାକିଂ ଏବଂ ସମନ୍ୱୟ ସହିତ ବିଳମ୍ବ ସୃଷ୍ଟି କରେ । ନୂତନ ଭାବେ ଆରମ୍ଭ ହୋଇଥିବା ପ୍ରିଜିମ୍-ଏସ୍. ଜି. ପୋର୍ଟାଲ୍ ଏକ ସମନ୍ୱିତ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରି ଏହି ଆହ୍ୱାନର ମୁକାବିଲା କରିଥାଏ, ଯାହା ସଡ଼କ ମାଲିକାନା ବିଭାଗ, ଭାରତୀୟ ରେଳବାଇ, ଠିକାଦାର, ଫାବ୍ରିକେଟର୍ସ ଏବଂ ନିରୀକ୍ଷଣ ସଂସ୍ଥା ସମେତ ସମସ୍ତ ପ୍ରମୁଖ ଅଂଶୀଦାରଙ୍କୁ ଏକାଠି କରିଥାଏ । ଏହି ପଦକ୍ଷେପ ଅନୁମୋଦନ ଏବଂ ନିରୀକ୍ଷଣ ସମୟସୀମା ପ୍ରାୟ ୧୨ ମାସରୁ ପ୍ରାୟ ୩ ରୁ ୪ ମାସକୁ ହ୍ରାସ କରିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା ପ୍ରକଳ୍ପର ଦକ୍ଷତା, ସ୍ୱଚ୍ଛତା ଏବଂ ଉତରଦାୟିତ୍ୱରେ ଉନ୍ନତି ଘଟିବ । ଆର. ଓ. ବି. ଏବଂ ରେଳ ସେତୁଗୁଡ଼ିକର କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା, ଭିତିଭୂମି ଯୋଗାଣକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ଯୋଗାଯୋଗ ବୃଦ୍ଧି କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।



# ଇମିଗ୍ରେସନ, ଭିସା, ବିଦେଶୀ ପଞ୍ଜୀକରଣ ଏବଂ ଟ୍ରାକିଂ ଯୋଜନା ଜାରି ରଖିବାକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ : ଆଇ. ଭି. ଏଫ୍. ଆର. ଟି. ପ୍ଲାଟଫର୍ମ ଭାରତରେ ପ୍ରବାସୀ, ଭିସା ପ୍ରଦାନ ଏବଂ ବିଦେଶୀଙ୍କ ପଞ୍ଜୀକରଣ ସମ୍ବନ୍ଧୀୟ କାର୍ଯ୍ୟକୁ ପରସ୍ପର ସହ ଯୋଡ଼ିବା ଏବଂ ସହଜ କରିବା ପାଇଁ ପ୍ରୟାସ କରୁଛି । ଆଇ. ଭି. ଏଫ୍. ଆର. ଟି. ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ସୁରକ୍ଷିତ ଏବଂ ସମନ୍ୱିତ ସେବା ପ୍ରଦାନ ଢାଂଚା ମଧ୍ୟରେ ଇମିଗ୍ରେସନ୍ ଏବଂ ଭିସା ସେବାଗୁଡ଼ିକର ଆଧୁନିକୀକରଣ ଏବଂ ଉନ୍ନତିକରଣ । ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ବୈଧ ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ଏହି ପ୍ରକଳ୍ପକୁ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଦ୍ୱାରା ୧୦୧୧ କୋଟି ଟଙ୍କାର ବଜେଟ୍ ବ୍ୟୟ ଏବଂ ସେପଟ୍ଟେମ୍ବର, ୨୦୧୪ ପର୍ଯ୍ୟନ୍ତ ପ୍ରକଳ୍ପ ଅବଧି ସହିତ ଅନୁମୋଦନ କରାଯାଇଥିଲା । କୌଣସି ଅତିରିକ୍ତ ଆର୍ଥିକ ପ୍ରଭାବ ବିନା, କାର୍ଯ୍ୟାନ୍ୱୟନ ସମୟସୀମା ୩୧ ମାର୍ଚ୍ଚ, ୨୦୧୭ ପର୍ଯ୍ୟନ୍ତ ଏବଂ ଆହୁରି ୩୧ ମାର୍ଚ୍ଚ, ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ, ୨୦୧୫ରେ ଏହି ପ୍ରକଳ୍ପ ପାଇଁ ବଜେଟ ବ୍ୟୟ ବରାଦକୁ ସଂଶୋଧିତ କରି ୬୩୮.୯୦ କୋଟି କରାଯାଇଥିଲା । ମୋଟ ସଂଶୋଧିତ ବ୍ୟୟ ବରାଦ ୬୩୮.୯୦ କୋଟି' ତୁଳନାରେ ୬୧୩.୨୮ କୋଟି' ଖର୍ଚ୍ଚ ହୋଇଥିଲା । ୧୩୬୫ କୋଟି ଟଙ୍କାର ବଜେଟ୍ ବ୍ୟୟ ସହିତ ୦୧.୦୪.୨୦୨୧ ରୁ ୩୧.୦୩.୨୦୨୬ କୁ ପାଂଚ ବର୍ଷ ଅବଧି ପାଇଁ ଏହି ପ୍ରକଳ୍ପର ସମ୍ପ୍ରସାରଣକୁ କ୍ୟାବିନେଟ ଅନୁମୋଦନ କରିଥିଲା । ଏହି ଯୋଜନା ବର୍ତମାନର ଆଇ. ଭି. ଏଫ୍. ଆ. ଟି. ଯୋଜନାର ପରିସର ଏବଂ କ୍ଷମତାକୁ ସମ୍ପ୍ରସାରଣ ଏବଂ ସୁଦୃଢ଼ କରିବାକୁ ଚାହୁଁଛି, କେବଳ ବର୍ତମାନର ଢାଂଚାକୁ ପୁନଃ ପରିକଳ୍ପନା ଏବଂ ନବୀକରଣ କରି ନୁହେଁ, ବରଂ ସୁରକ୍ଷା ଢାଂଚାରେ ଆପୋଷ ବୁଝାମଣା ନକରି ବ୍ୟବହାରକାରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଅତ୍ୟାଧୁନିକ ବୈଷୟିକ ସମାଧାନ ମଧ୍ୟ ପ୍ରବର୍ତନ କରିଛି । ବୈଶ୍ୱିକ ଭ୍ରମଣର କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବା ଏବଂ ଉଦୀୟମାନ ଜାତୀୟ ସୁରକ୍ଷା ଆହ୍ୱାନର ମୁକାବିଲା କରିବା ପାଇଁ ଆଇ. ଭି. ଏଫ୍. ଆର. ଟି. ପ୍ରକଳ୍ପର ଆଧୁନିକୀକରଣ ଜରୁରୀ । ନିକଟରେ ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ଆକ୍ଟ, ୨୦୨୫ ଏବଂ ଏହାର ପରବର୍ତୀ ନିୟମ ଏବଂ ଶୃଙ୍ଖଳା ଲାଗୁ ହେବା ପରେ, ଇମିଗ୍ରେସନ୍, ଭିସା, ଏବଂ ବିଦେଶୀ ପଞ୍ଜୀକରଣ ଏବଂ ଟ୍ରାକିଂ (ଆଇଭିଏଫଆରଟି) ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଧୁନିକୀକରଣ କରିବା ଅପରିହାର୍ଯ୍ୟ ହୋଇଯାଇଛି ।

# ସୁଉଚ୍ଚ ହିମାଳୟରେ ସୀମା ସଡ଼କ ସଂଗଠନର ଇଞ୍ଜିନିୟରିଂ ଚମତ୍କାର ଦେଖିଲେ ଓଡ଼ିଆ ଗଣମାଧ୍ୟମ ପ୍ରତିନିଧି

ଭୁବନେଶ୍ୱର : ପିଆଇବି, ଭୁବନେଶ୍ୱର ଆନୁକୂଲ୍ୟରେ ହିମାଚଳ ପ୍ରଦେଶ ଗସ୍ତରେ ଥିବା ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ହିମାଳୟର ମନାଲି ନିକଟରେ ସୀମା ସଡ଼କ ସଂଗଠନ (ବିଆରଓ)ର 'ଯୋଜକ' ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ସୁଉଚ୍ଚ ପର୍ବତରେ ସଂଗଠନ ଦ୍ୱାରା ନିର୍ମାଣ କରାଯାଇଥିବା ଭିତିଭୂମି ଦେଖି ସେମାନେ ଅଭିଭୂତ ହୋଇଥିଲେ । ଏହି ପ୍ରତିନିଧି ଦଳକୁ ସଂଗଠନର ଅତ୍ୟାଧୁନିକ ପଦକ୍ଷେପ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା । ସୀମାରେ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ଦୁର୍ଗମ ଅଂଚଳଗୁଡ଼ିକରେ ନିର୍ଭରଯୋଗ୍ୟ ସବୁଦିନିଆ ଯାତାୟାତ ସୁନିଶ୍ଚିତ କରିବା ପାଇଁ ବିଆରଓର ପ୍ରତିବଦ୍ଧତା ଦ୍ୱାରା ସେମାନେ ପ୍ରଭାବିତ ହୋଇଥିଲେ । ବହୁ ଚର୍ଚ୍ଚିତ ଅଟଳ ସୁଡ଼ଙ୍ଗର କାର୍ଯ୍ୟ ସମାପ୍ତ ହେବା ପରେ ଗଠିତ ପ୍ରୋଜେକ୍ଟ ଯୋଜକ, ନୂତନ ରଣନୀତିକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହିତ ୧୦ ହଜାର ଫୁଟ ଉପରେ ଅବସ୍ଥିତ ବିଶ୍ୱର ସବୁଠାରୁ ଦୀର୍ଘ ରାଜପଥ ସୁଡ଼ଙ୍ଗକୁ ରକ୍ଷଣାବେକ୍ଷଣ କରୁଛି । ଅଧିକାରୀମାନେ ବିଆରଓ କର୍ମଚାରୀଙ୍କ ଅକ୍ଲାନ୍ତ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସେମାନେ ଅତ୍ୟଧିକ ତୁଷାରପାତ, ଶୂନ ଠାରୁ କମ୍ ? ତାପମାତ୍ରା (-୩୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ) ଏବଂ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ବର୍ଷ ସାରା ମନାଲି-କେଲଙ୍ଗ-ଲେହ ମାର୍ଗକୁ ଖୋଲା ରଖିବା ପାଇଁ ୨୪ ଘଂଟା କାମ କରୁଛନ୍ତି । ଏହାର ଏକ ପ୍ରମୁଖ ଫୋକସ୍ କ୍ଷେତ୍ର ହେଉଛି ନିମ୍ମୁ-ପଦୁମ୍-ଦାରଚା ମାର୍ଗ ଯେଉଁଥିରେ ପ୍ରସ୍ତାବିତ ଶିଙ୍କୁ ଲା ସୁଡ଼ଙ୍ଗ (୪-୫ କିଲୋମିଟର ଲମ୍ବା) ଅନ୍ତର୍ଭୁକ୍ତ । ଏହା ସମ୍ପୂର୍ଣ୍ଣ ହେବା ପରେ ଜାନ୍ସକାର ଉପତ୍ୟକା ଦେଇ ଲଦାଖକୁ ତୃତୀୟ ସବୁଦିନିଆ ମାର୍ଗ ପ୍ରଦାନ କରିବ । ଏହା ଲାହୌଲ-ସ୍ପିତିର ଋତୁକାଳୀନ ବିଚ୍ଛିନ୍ନତାକୁ ସମାପ୍ତ କରିବ ଏବଂ ରଣନୀତିକ ସଂଯୋଗୀକରଣ, ପର୍ଯ୍ୟଟନ ଏବଂ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବ । ସାମ୍ପ୍ରତିକ ପାଣିପାଗ ଆହ୍ୱାନ ସମୟରେ ବିଆରଓର ତ୍ୱରିତ ପ୍ରତିକ୍ରିୟା ବିଷୟରେ ମଧ୍ୟ ଗଣମାଧ୍ୟମ ଦଳକୁ ସୂଚନା ଦିଆଯାଇଥିଲା । ୨୦୨୬ ମାର୍ଚ୍ଚ ମଧ୍ୟଭାଗରେ, ଅଟଳ ଟନେଲ୍ ଦକ୍ଷିଣ ପୋର୍ଟାଲ୍ ନିକଟରେ ପ୍ରବଳ ତୁଷାରପାତ ଯୋଗୁଁ ୨୦୦ ରୁ ଅଧିକ ଯାନ ଫସି ରହିଥିଲା ।




# ଦେଶରେ ପର୍ଯ୍ୟାପ୍ତ ପରିମାଣରେ ଏଲପିଜି ଉପଲବ୍ଧ ଅଛି

पेट्रोलियम एवं प्राकृतिक गैस मंत्रालय
MINISTRY OF PETROLEUM AND NATURAL GAS
Government of India

ନୂଆଦିଲ୍ଲୀ : ଏଲପିଜି ରିଫିଲ୍ ବୁକିଂ ସମୟସୀମାକୁ ନେଇ କେତେକ ଖବର ରିପୋର୍ଟ ଓ ସୋସିଆଲ ମିଡିଆ ପୋଷ୍ଟ ସରକାରଙ୍କ ଦୃଷ୍ଟିଗୋଚର ହୋଇଛି । ଏସବୁ ରିପୋର୍ଟ ଅନୁସାରେ ପିଏମୟୁଆଇ ସଂଯୋଗ ପାଇଁ ନିର୍ଦ୍ଧାରିତ ଅପେକ୍ଷା ଅବଧି ୪୫ ଦିନ, ଅଣ-ପିଏମୟୁଆଇ ସିଙ୍ଗଲ୍-ସିଲିଣ୍ଡର ସଂଯୋଗ ପାଇଁ ୨୫ ଦିନ ଏବଂ ଅଣ-ପିଏମୟୁଆଇ ଡବଲ୍-ସିଲିଣ୍ଡର ସଂଯୋଗ ପାଇଁ ୩୫ ଦିନ ରହିଛି । ଏହାଦ୍ୱାରା ସ୍ପଷ୍ଟ କରାଯାଉଛି ଯେ, ଏପରି କୌଣସି ପରିବର୍ତନ କରାଯାଇ ନାହିଁ । ରିଫିଲ୍ ବୁକିଂ ପାଇଁ ବିଦ୍ୟମାନ ସମୟସୀମା ଅପରିବର୍ତିତ ରହିଛି । ତାହା ନିମ୍ନଲିଖିତ ଭାବରେ ରହିଛି: ସହରାଂଚଳରେ ୨୫ ଦିନ, ଏବଂ ଗ୍ରାମାଂଚଳରେ ୪୫ ଦିନ, ସଂଯୋଗ ପ୍ରକାର ନିର୍ବିଶେଷରେ । ନାଗରିକମାନଙ୍କୁ ଏପରି ଭ୍ରମାତ୍ମକ ସୂଚନାକୁ ବିଶ୍ୱାସ କିମ୍ବା ପ୍ରସାର ନକରିବାକୁ ପରାମର୍ଶ ଦିଆଯାଉଛି, ଏବଂ ଏଲପିଜି ରିଫିଲ୍ ପାଇଁ ଅନାବଶ୍ୟକ କିମ୍ବା ଆତଙ୍କିତ ବୁକିଂରୁ ନିବୃତ ରହିବାକୁ ପରାମର୍ଶ ଦିଆଯାଉଛି । ଏହା ପୁନରାବୃତି କରାଯାଉଛି ଯେ ଦେଶରେ ପର୍ଯ୍ୟାପ୍ତ ପରିମାଣରେ ଏଲପିଜି ଉପଲବ୍ଧ ଅଛି, ଏବଂ ଚିନ୍ତାର କୌଣସି କାରଣ ନାହିଁ ।

# ହୋଟେଲ ଏବଂ ରେଷ୍ଟୁରାଂଟରେ ଏଲପିଜି ବାବଦ ଚାର୍ଜ ବେଆଇନ

ନୂଆଦିଲ୍ଲୀ : କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ), ହୋଟେଲ ଏବଂ ରେଷ୍ଟୁରାଂଟଗୁଡିକ ଦ୍ୱାରା ଗ୍ରାହକଙ୍କ ବିଲ୍ରେ "ଏଲପିଜି ଚାର୍ଜ", "ଗ୍ୟାସ ସର୍ଚାର୍ଜ" ଏବଂ "ଇନ୍ଧନ ମୂଲ୍ୟ ଭରଣା" ଭଳି ଅତିରିକ୍ତ ଶୁଳ୍କ ଆଦାୟକୁ ବେଆଇନ ବୋଲି କହିଛନ୍ତି । ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁସାରେ ଏହିଭଳି କାର୍ଯ୍ୟକୁ ଅସାଧୁ ବୋଲି ଦର୍ଶାଯାଇଛି । ସର୍ଭିସ ଚାର୍ଜ ସମ୍ପର୍କିତ ବିଦ୍ୟମାନ ନିର୍ଦ୍ଦେଶାବଳୀକୁ ଏଡ଼ାଇବା ପାଇଁ ଏଭଳି ଚାର୍ଜଗୁଡ଼ିକ ପୂର୍ବନିର୍ଦ୍ଧାରିତ ଭାବେ ଲଗାଯାଉଥିବା ଲକ୍ଷ୍ୟ କରି, ପ୍ରାଧିକରଣ ଗ୍ରାହକ ସୁରକ୍ଷା ଆଇନ ୨୦୧୯ ର ଧାରା ୧୦ ଅନୁଯାୟୀ ଏକ ନୂତନ ପରାମର୍ଶାବଳୀ ଜାରି କରିଛନ୍ତି । ଏଥିରେ ନିର୍ଦ୍ଦେଶ ଦିଆଯାଇଛି ଯେ, ଏଭଳି କୌଣସି ଚାର୍ଜ ସ୍ୱୟଂଚାଳିତ ଭାବେ ଲଗାଯାଇପାରିବ ନାହିଁ . ପୁଣି ଏହାର ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଜାତୀୟ ଗ୍ରାହକ ହେଲ୍ପଲାଇନରେ ପ୍ରାପ୍ତ ଅଭିଯୋଗ ଏବଂ ଗଣମାଧ୍ୟମର ରିପୋର୍ଟକୁ ଆଧାର କରି ସିସିପିଏ ଏହି ଦୃଢ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି. ସିସିପିଏ ଲକ୍ଷ୍ୟ କରିଛି ଯେ, କେତେକ ହୋଟେଲ ଏବଂ ରେଷ୍ଟୁରାଂଟ ମେନୁରେ ଦର୍ଶାଯାଇଥିବା ଖାଦ୍ୟ ଓ ପାନୀୟର ମୂଲ୍ୟ ଏବଂ ପ୍ରଯୁଜ୍ୟ ଟିକସ ବ୍ୟତୀତ, ଗ୍ରାହକ ବିଲ୍ରେ ପୂର୍ବ ନିର୍ଦ୍ଧାରିତ ଭାବେ ଏଭଳି ଚାର୍ଜ ଆଦାୟ କରୁଛନ୍ତି । ଏହିଭଳି କାର୍ଯ୍ୟକଳାପ ସ୍ୱଚ୍ଛତାର ଅଭାବ ସୃଷ୍ଟି କରିବା ସହ ଗ୍ରାହକଙ୍କ ଉପରେ ଅଯଥା ଖର୍ଚ୍ଚ ଲଦିଦେଉଥିବା ସିସିପିଏ ବିବେଚନା କରିଛି । "ଏଲପିଜି ଚାର୍ଜ" କିମ୍ବା ସେହିଭଳି ଅନ୍ୟ କିଛି ଚାର୍ଜ ଆଦାୟ କରିବାକୁ ଆଇନର ପ୍ରାବଧାନକୁ ଏଡାଇବାର ପ୍ରୟାସ ବୋଲି କହିଛି ସିସିପିଏ । ପ୍ରାଧିକରଣ ସ୍ପଷ୍ଟ କରିଛନ୍ତି ଯେ ଇନ୍ଧନ, ଏଲପିଜି, ବିଦ୍ୟୁତ ଏବଂ ଅନ୍ୟାନ୍ୟ ପରିଚାଳନାଗତ ଖର୍ଚ୍ଚ ହେଉଛି ବ୍ୟବସାୟ ଚଳାଇବା ପାଇଁ ଲାଗୁଥିବା ଖର୍ଚ୍ଚର ଗୋଟିଏ ଗୋଟିଏ ଅଂଶବିଶେଷ ଏବଂ ଏହାକୁ ମେନୁରେ ଥିବା ସାମଗ୍ରୀର ମୂଲ୍ୟ ନିର୍ଧାରଣରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ପୃଥକ ବାଧ୍ୟତାମୂଳକ ଚାର୍ଜ ମାଧ୍ୟମରେ ଏଭଳି ଖର୍ଚ୍ଚ ଆଦାୟ କରିବା ଆଇନର ଧାରା ୨(୪୭) ଅନୁଯାୟୀ ଅସାଧୁ ବ୍ୟାପାର ହୋଇଥାଏ ।




# ମେ' ୫ ତାରିଖରୁ ଆରମ୍ଭ ହେବ ସପିଇଟି ପ୍ରବେଶିକା ପରୀକ୍ଷା




ଭୁବନେଶ୍ୱର : ଆସନ୍ତା ମେ' ମାସ ୫ ତାରିଖରୁ ଆରମ୍ଭ ହେବ ସିପିଇଟି (କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ ) ପ୍ରବେଶିକା ପରୀକ୍ଷା । ୫ ମେ' ୨୦୨୬ ରିଖ ଠାରୁ ୧୮ ମେ' ୨୦୨୬ ରିଖ ପର୍ଯ୍ୟନ୍ତ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ, ଏନେଇ ଉଚ୍ଚଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକୋତର ପାଠ୍ୟକ୍ରମ ପାଇଁ ରହିଥିବା ୩୧,୯୧୫ ସିଟ୍ ନିମନ୍ତେ ସର୍ବମୋଟ ୫୮,୭୦୮ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଫେବୃଆରୀ ମାସ ୨୭ ତାରିଖରୁ ମାର୍ଚ୍ଚ ମାସ ୨୨ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ସପିଇଟି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିଲେ । ଆବେଦନକାରୀମାନଙ୍କ ତଥ୍ୟ ମାର୍ଚ୍ଚ ୨୬ ତାରିଖ ଦିନ ଷ୍ଟେଟ୍ ସିଲେକ୍ସନ ବୋର୍ଡ଼ କୁ ପ୍ରଦାନ କରାଯିବ । ଏପ୍ରିଲ ୩୦ ତାରିଖ ଦିନ ପ୍ରବେଶିକା ପରୀକ୍ଷା ପାଇଁ ଆଡ଼ମିଟ କାର୍ଡ଼ ଉପଲବ୍ଧ ହେବ । ଛାତ୍ରଛାତ୍ରୀମାନେ ଏସଏସବି ୱେବ୍ସାଇଟକୁ ଯାଇ ଏପ୍ରିଲ ୩୦ ତାରିଖରୁ ନିଜର ଆଡ଼ମିଟ କାର୍ଡ଼ ଡ଼ାଉନଲୋଡ଼ କରିପାରିବେ ।

# କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଜାତୀୟ ଇନ୍‌ଡୋର ଦୌଡ଼କୁଦ ଉଦ୍‌ଘାଟିତ

ଭୁବନେଶ୍ୱର: ଓଡ଼ିଶାର କ୍ରୀଡ଼ା ଇତିହାସରେ ମଙ୍ଗଳବାର ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ଭାରତୀୟ ଦୌଡ଼କୁଦ ମହାସଂଘ, ଓଡ଼ିଶା ଦୌଡ଼କୁଦ ସଂଘ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ପ୍ରୟାସରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ 'ପ୍ରଥମ ଜାତୀୟ ଇନ୍‌ଡୋର ଦୌଡ଼କୁଦ ପ୍ରତିଯୋଗିତା ୨୦୨୬' ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏଭଳି ଏକ ବିଶ୍ୱସ୍ତରୀୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଏକ ମାଇଲ୍‌ଖୁଂଟ ସ୍ଥାପନ କରିଛି । ପ୍ରଥମ ଦିନରେ ଓଡ଼ିଶା ଖେଳାଳି ନିଜର ଚମତ୍କାର ଦେଖାଇଛନ୍ତି । ଘରୋଇ ଦଳ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ସହ ୬ ପଦକ ଜିତିଛି । ସ୍ୱର୍ଣ୍ଣ ଦୁଇଟି ଓମ୍‌କାର ପ୍ରସାଦ ନନ୍ଦ ଓ ସରୁନ ପାୟସିଂହ ଜିତିଥିଲା ବେଳେ ମନୀଷା ମେରେଲ, ସବିତା ଟୋପ୍ପୋ ଓ ଲକ୍ଷ୍ମୀପ୍ରିୟା କିଷାନ ରୌପ୍ୟ ଏବଂ ସୁସ୍ମିତା ଟିଗା କାଂସ୍ୟ ପଦକ ପାଇଛନ୍ତି । ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟ୍‌ରେ ଓମ୍‌କାର ୧୭.୭୭ ମିଟର ଫିଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ । ତାଙ୍କ ପଛକୁ ଏନ୍‌ସିଓଇ ପଟିଆଲାର ସାଇ କିରଣ ଏ (୧୭.୦୦ ମିଟର) ଏବଂ ଜେଏସ୍‌ଡବ୍‌ଲ୍ୟୁର ହର୍ଷିତ ଗେହଲଟ (୧୬.୯୮ ମିଟର) ରହି ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ । ପୁରୁଷ ଲଙ୍ଗ୍ ଜମ୍ପ୍‌ରେ ସରୁନ ୭.୮୦ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଜେଏସ୍‌ଡବ୍‌ଲ୍ୟୁର ପ୍ରବୀଣ ଚିତ୍ରାଭେଲ (୭.୭୮ ମିଟର) ରୌପ୍ୟ ଓ ରେଳବାଇର ଡେଭିଡ ପି (୭.୬୯ ମିଟର) କାଂସ୍ୟ ପାଇଥିଲେ । ମହିଳା ଲଙ୍ଗ୍ ଜମ୍ପ୍‌ରେ ମନୀଷା ୬.୦୪ ମିଟର ଡେଇଁ ରୌପ୍ୟ ପାଇଥିଲେ ।



# ପ୍ରକାଶ ପାଇଲା ଆଇସିସି ଟି-୨୦ ରାଙ୍କିଂ : ଟପ୍-୧୦ରେ ସୂର୍ଯ୍ୟକୁମାର ଯାଦବ



ନୂଆଦିଲ୍ଲୀ : ଆଇସିସି ପକ୍ଷରୁ ପ୍ରକାଶ ପାଇଲା ଟି-୨୦ ରାଙ୍କିଂ । ସଦ୍ୟତମ ପ୍ରକାଶ ପାଇଥିବା ଏହି ରାଙ୍କିରେ ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣଆଫ୍ରିକା ଖେଳାଳିମାନେ କମାଲ କରିଛନ୍ତି । ଟି-୨୦ ବିଶ୍ୱକପ ପରଠାରୁ ଭାରତୀୟ ଦଳ କେ?ଣସି ମ୍ୟାଚ ଖେଳିନାହିଁ । ତଥାପି ଟପ୍-୧୦ ଭିତରେ ୪ ଜଣ ଭାରତୀୟ ଖେଳାଳି ରହିଛନ୍ତି । ସୂର୍ଯ୍ୟକୁମାର ଯାଦବ ଏକ ଲମ୍ବା ଲମ୍ଫ ମାରିଥିବାବେଳେ ସେ ଟପ୍-୧୦ ମଧ୍ୟରେ ପ୍ରବେଶ କରିଛନ୍ତି । ସୂର୍ଯ୍ୟକୁମାର ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି । ଏବେ ଭାରୀୟ ଖଳାଳିମାନେ ସିଧାସଳଖ ଭାବେ ଆଇପିଏଲ ଖେଳିବେ । ସେପଟେ ଏହି ରାଙ୍କିଂରେ ଏକ ନମ୍ବର ସ୍ଥାନରେ ରହିଛନ୍ତି ଭାରତୀୟ ଓପନର ଅଭିଶେକ ଶର୍ମା । ଦ୍ୱିତୀୟ ସ୍ଥାନରେ ଇଶାନ କିଷନ ନିଜର ସ୍ଥାନ ବଜାୟ ରଖିଥିବାବେଳେ ତିଲକ ବର୍ମା ଷଷ୍ଠ ସ୍ଥାନରେ ଏବଂ ସୂର୍ଯ୍ୟକୁମାର ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି । ନ୍ୟୁଜିଲାଣ୍ଡର ଓପନର ବ୍ୟାଟ୍ସମ୍ୟାନ ରବିନ୍ସ ଦୁଇଟି ସ୍ଥାନ ଉପରକୁ ଉଠିଥିବାବେଳେ ୩୪ ନମ୍ବର ସ୍ଥାନରେ ରହିଛନ୍ତି । ଲକି ଫର୍ଗୁସନ ବୋଲିଂରେ ୧୨ ଜଣକୁ ପଛରେ ପକାଇ ୩୯ ନମ୍ବର ସ୍ଥାନରେ ରହିଛନ୍ତି । ଶେଷଥର ପାଇଁ ଖେଳିଥିବା ଟି-୨୦ ମ୍ୟାଚରେ ୯ ରନ୍ ଦେଇ ୪ ୱିକେଟ୍ ଆକ୍ତିଆର କରିଥିବାବେଳେ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ ।

# ରାଜସ୍ଥାନ ରୟାଲ୍ସ ପରେ ରେକର୍ଡ଼ ଦରରେ ବିକ୍ରି ହେଲା ଆରସିବି

ନୂଆଦିଲ୍ଲୀ: ଆଇପିଏଲ ୧୯ତମ ସିଜନ ପୂର୍ବରୁ ୨ଟି ଟିମ ବିକ୍ରି ହୋଇଛି । ରାଜସ୍ଥାନ ରୟାଲସ ଆମେରିକୀୟ ବ୍ୟବସାୟୀ କୋଲ ସୋମାନୀ ୧୫୨୮୬ କୋଟି ଟଙ୍କାରେ କିଣିଥିବା ବେଳେ ଏବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ରେକର୍ଡ ଦରରେ ବିକ୍ରି ହୋଇଛି । ଆଦିତ୍ୟ ବିର୍ଲା ଗ୍ରୁପ, ଦି ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପ, ଭୋଲ୍ଟ ଭେଂଚର୍ସ ଓ ବ୍ଲାକଷ୍ଟୋ ମିଳିତ ଭାବେ ଗତ ସଂସ୍କରଣର ଚାମ୍ପିୟନ ଟିମକୁ କିଣିଛନ୍ତି । ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ଅନୁସାରେ ଏଥିପାଇଁ ସେମାନେ ୧.୭୮ ବିଲିୟମ ଯାହାର ଆନୁମାନିକ ଭାରତ ମୂଲ୍ୟ ୧୬,୬୬୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଆରସିବି ଆଇପିଏଲର ସବୁଠାରୁ ଦାମୀ ଫ୍ରାଂଚାଇଜ ପାଲଟିଛି । ଆଦିତ୍ୟ ବିର୍ଲା ଗ୍ରୁପର ନିର୍ଦ୍ଦେଶକ ଆର୍ଯ୍ୟମନ ବିକ୍ରମ ବିର୍ଲା ଏହାର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ । ୨୦୦୮ରେ ୟୁନାଇଟେଡ ସ୍ପିରିଟ ଏହାକୁ ୧୧୧.୬ ମିଲିୟନ ଡଲାରରେ କିଣିଥିଲା ଏବେ ଏହା ୧୬ଗୁଣ ଅଧିକ ଦରରେ ବିକ୍ରି ହୋଇଛି । ଚୁକ୍ତି କାର୍ଯ୍ୟ ସରିଥିଲେ ମଧ୍ୟ ଏଷବ ବିସିସିଆଇ, ଆଇପିଏଲ ପରିଚଳାନା କମିଟି ଓ ଭାରତୀୟ ପ୍ରତିଯୋଗିତା ଆୟୋଗର ଅଫିସିଆଲ ମଂଜୁରୀ ଅପେକ୍ଷା କରାଯାଇଛି । ଏହି ନୂଆ ଫ୍ରାଂଚାଇଜର ଉଭୟ ପୁରୁଷ ଏବଂ ମହିଳା ଟିମର ମାଲିକାନା ଦାୟିତ୍ୱ ତୁଲାଇବ ।




Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି